# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, January 30/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 67 | ମୂଲ୍ୟ ₹୭/-



DSPL-371

ODISHA NEW OPPORTUNITIES



**Shri Narendra Modi**
Prime Minister

UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025



**Shri Mohan Charan Majhi**
Chief Minister, Odisha

## On the occasion of the "Utkarsh Odisha" Valedictory Ceremony, the Govt. of Odisha felicitated 60 numbers of young entrepreneurs, all under the age of 40, as role model of the MSME sector, recognizing their dedication and hard work in establishing successful enterprises.



Manoj Kumar Majhi M/s Nilachala Beverages Angul

Annada Pravat Pradhan M/s Annada Fly Ash Bricks Angul

Aparna Sahoo, M/s Maa Pitambara Agro Foods Balasore

Siddhartha Pati M/s Natnov Bioscience Pvt. Ltd. Balasore

Shakti Sundar Panda M/s Maa Durga Foods Balasore

Prabin Agrawal M/s Priya Nutrition Bargarh

Manasi Sidhar M/s MM Electricals Bargarh

Suraj Kumar Sahoo M/s KCS Power, Bhadrak

Muktikanta Nayak M/s Adarsha Icecream Plant, Bhadrak

Kanhu Charan Sahu M/s Radhakrishna Milk Products, Bolangir

Triloknath Jain M/s Arihant Electricals & Enggs., Bolangir

Phula Meher M/s Gajanan Textile, Boudh

Shrijay Nayak M/s Mahanadi Polymers Pvt. Ltd., Cuttack

Arnab Pahari M/s Pramoda Engg. Works. Cuttack

Bhupendra Prasad Nayak M/s Shree Hari Cattle Feeds, Deogarh

Priyanka Jit M/s Sai Electrotech, Deogarh

Ajit Kumar Bihari M/s Bharat Steel Industries, Dhenkanal

Neha Agrawal M/s Vinayak Cashews, Dhenkanal

Jami Prasanth Kumar M/s JP Food Processing Gajapati

"Avinash Borigi M/s M J Steels Gajapati"

Satyabrath Muni M/s Munico foods Pvt. Ltd. Ganjam

Deepak kumar jena M/s Maa Foods & Beverages Ganjam

Rajesh Kumar Nayak M/s. Binayak Kewda Distilliser Ganjam

Santosh Kumar Pradhan M/s S.R.Industries, Jagatsinghpur

Mandakini Baliarsingh M/s Design World Textile & Construction, Jagatsinghpur

Bandita Rout M/s Omm Paper Plate Jajpur

Lipali Madhumita Sahoo M/s Sahoo Steel & Rings, Jajpur

Akshya Kumar Mishra M/s Kaibalya Mixture, Jajpur

Rishma Choudhury M/s RICAF Preform and Accessories, Jharsuguda

Gurprit Singh Chawla M/s Gurprit Enterprises Pvt. Ltd. Jharsuguda

Suraj Goel M/s Sabitri Cotton Industries, Kalahandi

Pradyut Kumar Pradhan M/s SNP Developers, Kalahandi

Pranati Mahapatra M/s New Bharat Spices Industry, Kandhamal

Aurobinda Mohanty M/s Omm Aluminium & Décor, Kandhamal

Debajeeta Kanungo M/s Nrushinghanatha Fly Ash Bricks, Kendrapara

Suraj Rana, M/s Nature Book Services Pvt. Ltd., Keonjhar

Lipika Padhi M/s Prativa Pratisthan, Keonjhar

Bhupesh Ku. Mahanta M/s Maa Traini Construction, Keonjhar

Piyush Agrawal M/s Adisaa Industries Pvt. Ltd., Khordha

Debashish Pradhan M/s Mahadev Poly Plast Pvt. Ltd., Khordha

Kuna Patra, M/s Maa Vaisnodevi Cashew Industries,Koraput

Soudip Dash M/s Soumaze Industries Pvt. Ltd., Koraput

Pradeepta Ku. Panda M/s Maa Mauli Bricks, Malkanagiri

Saraswati Majhi M/s Maa Bharasa Fly As Bricks Mayurbhanj

Anupama Parida M/s MST Enterprises, Mayurbhanj

Dibakar Rout M/s M N Bricks, Nabarangpur

P Srabani M/s Gupteswar Industries, Nabarangpur

Ashis Ranjan Padhi M/s Padhi & Sons, Nayagarh

Janmejaya Sahoo M/s Mamata Shoes, Nayagarh

Reena Bag M/s Reena Bag Fabrication, Nuapada

Ananda sagar Dash M/S- Ananda Glass, Puri

Netaji Harichandan M/S- Sanvi Rehab Care, Puri

K.Rakesh Dora M/s Friends Industries, Rayagada

Akash Naik M/S N C Precast Sambalpur

Renu Pansari M/s Princy Polymer, Sambalpur

Ashis Ranjan Baboo,M/s Mahanadi Egg Packaging Pvt. Ltd., Subarnapur

Sujata Sa M/s Sadhana Stich, Subarnapur

Sarita Nilima Ekka M/s Sekka Design, Sundergarh

Rajat Kumar Bal M/s Rajat Industries, Sundergarh

Jasashwini Chhotray M/s Ajax Enterprises, Sundergarh

## INVEST IN ODISHA, INVEST IN FUTURE

Organized By:
Micro, Small & Medium Enterprises Department, Government of Odisha

Or visit us at https://investodisha.gov.in/ Follow us on X @InvestInOdisha f /InvestOdisha

OIPR-43001/13/0016/2425

DSPL - 370

ODISHA
NEW OPPORTUNITIES

CII
Confederation of Indian Industry

# MAKE IT SUCCESS

Thank you for joining us and contributing to the grand success of the Utkarsh Odisha – Make in Odisha Conclave 2025. The event has reinforced Odisha's position as a premier destination for industrial growth, innovation, partnerships, and skilling.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"Odisha is truly Outstanding, Odisha symbolises the Optimism and Originality of New India, Odisha is a land of Opportunities, and the people here have always shown a passion to Outperform."*




- ₹ 16.73 Lakh Crore MoUs & Investments Intents Received
- 12.88 Lakh Direct and Indirect Employment Generated
- 593 Projects announced across 20 diversified sectors
- Over 150 Speakers in 16 Business Sessions
- Over 10,000 Industry Delegate Registrations

## BECOME A PART OF THE "SAMRUDH ODISHA 2036" JOURNEY

# INVEST IN ODISHA, INVEST IN FUTURE

OIPR-14005/13/0047/2425

ଧରିତ୍ରୀ
DHARITRI
ଧରିତ୍ରୀ 51 Years



# ମହାକୁମ୍ଭରେ ଦଳାଚକଟା: ୩୦ରୁ ଊର୍ଦ୍ଧ୍ୱ ମୃତ

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ବଡ଼ଧରଣର ଅଘଟଣ ଘଟିଛି। ବୁଧବାର ଭୋର ସମୟରେ ମୌନୀ ଅମାବାସ୍ୟା ପାଇଁ ଅନେକ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ସଙ୍ଗମସ୍ଥଳକୁ ଯାଇଥିବାବେଳେ ଦଳାଚକଟା ହୋଇଛି। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ତେବେ ମୃତାହତଙ୍କ ପ୍ରକୃତ ସଂଖ୍ୟା ଅଧିକ ହୋଇଥିବା ଆଶଙ୍କା କରାଯାଉଛି। ଜାନୁଆରୀ ୧୯ରେ ମହାକୁମ୍ଭ ମେଳାର ସେକ୍ଟର ୧୯ରେ ନିଆଁ ଲାଗି ୧୮ଟି ଟେଣ୍ଟ ଜଳିଯାଇଥିବାବେଳେ ସଦ୍ୟ ଅଭାବନୀୟ ଦଳାଚକଟା ଏହି ଧର୍ମୀୟ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠାଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଭିଆଇପି ସଂସ୍କୃତି ଯୋଗୁ ଏପରି ଘଟିଥିବା ଦର୍ଶାଇ କେନ୍ଦ୍ର ଏବଂ ୟୁପିରେ ଭାଜପା ସରକାରଙ୍କୁ ଘେରିଛନ୍ତି।


ଦଳାଚକଟାରେ ଆହତ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଉଛି।

**ପ୍ରୟାଗରାଜ/ନୂଆଦିଲ୍ଲୀ,୨୯।୧**

ଗତ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଛି। ଫେବୃଆରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଧର୍ମୀୟ ମହୋତ୍ସବ ପାଇଁ କେନ୍ଦ୍ର ଓ ୟୁପି ସରକାରଙ୍କ ପକ୍ଷରୁ ଅନେକ ହଜାର କୋଟି ଟଙ୍କା ବ୍ୟୟରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମୌନୀ ଅମାବାସ୍ୟାରେ ବୁଡ଼ ପକାଇଲେ ପିତୃ ପୁରୁଷଙ୍କ ଆତ୍ମାର ସଦ୍‌ଗତି ଓ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ବୁଧବାର ଭୋର ୪ଟାରେ ଅମୃତ ସ୍ନାନ ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁ ମଙ୍ଗଳବାର ରାତିରୁ ସଙ୍ଗମସ୍ଥଳରେ ଏକତ୍ର ହେବାରେ ଲାଗିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କହିବା ଅନୁସାରେ ସେମାନଙ୍କ ସଂଖ୍ୟା ୯ରୁ ୧୦ କୋଟି ହେବ। ରାତି ପ୍ରାୟ ୨ଟାରେ ଶ୍ରଦ୍ଧାଳୁମାନେ ସାଧୁଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ୍‌କୁ ଡେଇଁବାରେ ଲାଗିଥିଲେ। ଆଖଡ଼ା ମାର୍ଗରୁ ସଙ୍ଗମ ନୋଜ୍ ଆଡ଼କୁ ଧାଉଁଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଥିବାବେଳେ ଦଳାଚକଟା ହୋଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ରୁ ଅଧିକ ☞ପୃଷ୍ଠା-୨

## ଭିଆଇପିଙ୍କ ଆତ୍ମପ୍ରଚାରକୁ ଗୁରୁତ୍ୱ, ପ୍ରସ୍ତୁତିର ଅଭାବ: ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଉପଯୁକ୍ତ ପ୍ରସ୍ତୁତିର ଅଭାବ, ଭିଆଇପିମାନଙ୍କ ଗତିବିଧି ଏବଂ ଆତ୍ମପ୍ରଚାରକୁ ଗୁରୁତ୍ୱ ଦିଆଯିବା ଯୋଗୁ ଏଭଳି ଘଟିଛି। ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ଦଳାଚକଟାରେ ଲୋକଙ୍କ ପ୍ରାଣହାନି ଘଟିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଖାର୍ଗେ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ ହାଇପ୍ରୋଫାଇଲ ଭାଜପା ନେତା ମହାକୁମ୍ଭ ମେଳାରେ ବୁଡ଼ ପକାଇବାରେ ଲାଗିଥିବାରୁ କଂଗ୍ରେସ ନେତାମାନେ ପରୋକ୍ଷରେ ଏହାକୁ ଭିଆଇପି ସଂସ୍କୃତି ଆଖ୍ୟା ଦେଇଛନ୍ତି।

### ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫

# ୧୪୫ ବୁଝାମଣାପତ୍ର ସ୍ୱାକ୍ଷର

- **ଆସିବ ୧୩ ଲକ୍ଷ କୋଟିର ପୁଞ୍ଜି**
- **ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି ସୁଯୋଗ**
- **ଶିଳ୍ପ କାୟାକଳ୍ପ ପରିବର୍ତ୍ତନ ହେବ: ମୁଖ୍ୟମନ୍ତ୍ରୀ**
- **୩୧ ଯାଏ ବଢ଼ିଲା କନ୍‌କ୍ଲେଭ ପ୍ରଦର୍ଶନୀ**

**ଭୁବନେଶ୍ୱର,୨୯।୧(ଅନିଲ ଦାସ)**

ସ୍ଥାନୀୟ ଜନତା ମଇଦାନଠାରେ ଅନୁଷ୍ଠିତ ୨ ଦିନିଆ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ସମୁଦାୟ ୧୪୫ଟି ବୁଝମଣାପତ୍ର(ଏମ୍‌ଓୟୁ)ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ମାଧ୍ୟମରେ ମୋଟ ୧୨ ଲକ୍ଷ ୮୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ କେମିକାଲ୍‌ସ, ପେଟ୍ରୋକେମିକାଲ୍‌ସ, ଟେକ୍ସଟାଇଲ୍‌ସ, ମାଇନିଂ ଓ ମେଟାଲର୍ଜି, ଅକ୍ଷୟ ଶକ୍ତି, ଆଇଟି, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରରୁ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏହାଦ୍ୱାରା ରାଜ୍ୟରେ ୮ ଲକ୍ଷ ୯୪ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ରାଜିନାମାଗୁଡ଼ିକ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ କରିବା ସହ ବିଶ୍ୱସ୍ତରୀୟ ଶିଳ୍ପସଂସ୍ଥାଗୁଡ଼ିକ ସହିତ ସହଭାଗିତାର ନୂଆ ଯୁଗ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ରାଜ୍ୟରେ ସମାବେଶୀ ଅଭିବୃଦ୍ଧି (ଇନ୍‌କ୍ଲୁସିଭ ଗ୍ରୋଥ୍) ହୋଇପାରିବ। ଏମ୍‌ଓୟୁ ସ୍ୱାକ୍ଷର ବ୍ୟତୀତ ଆହୁରି ୩.୮୪ ଲକ୍ଷ କୋଟି ଟଙ୍କାର ୪୪୮ ପୁଞ୍ଜିନିବେଶ ଅଭିପ୍ରାୟ (ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ରିସିଭ୍‌ଡ ଇନ୍‌ଫର୍ମସ) ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରାଯାଇଛି। ଏହାଦ୍ୱାରା ୩.୯୨ ଲକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଏହି କନ୍‌କ୍ଲେଭରେ ସମୁଦାୟ ୨୦ଟି ସେକ୍ଟରରେ ୫୯୩ ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ୧୨.୮୮ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ☞ପୃଷ୍ଠା-୨



କନ୍‌କ୍ଲେଭ୍‌ରେ ସ୍ୱାକ୍ଷର ହୋଇଥିବା ୧୪୫ ବୁଝାମଣାପତ୍ର ସମ୍ପର୍କରେ ସୂଚନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।




# ମହିଳା ଉଦ୍ୟୋଗୀଙ୍କ ପାଇଁ ହେବ ଶିଳ୍ପ ପାର୍କ

**ଭୁବନେଶ୍ୱର,୨୯।୧ (ଅନିଲ ଦାସ)**

ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ ପ୍ରତିଷ୍ଠା ହେବ। ଏଥିସହିତ ଇପିକଲରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିବସରେ ମହିଳା ଉଦ୍ୟୋଗୀମାନଙ୍କ ଆଲୋଚନା ଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ହେଉଛି ମହିଳା ସଶକ୍ତୀକରଣର ଚାବିକାଠି। ଆଗାମୀ ବର୍ଷଗୁଡ଼ିକରେ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବିଶ୍ୱବିଦ୍ୟାଳୟ ଏବଂ ବ୍ୟବସାୟିକ ବିଦ୍ୟାଳୟ ସହିତ ସହଯୋଗ କରି ଶିକ୍ଷାଗତ ଏବଂ ବ୍ୟବହାରିକ ବ୍ୟବସାୟ ଅଭିଜ୍ଞତା ପ୍ରଦାନ କରୁଥିବା ଛାତ୍ରବୃତ୍ତି, ଇଣ୍ଟର୍ନଶିପ୍ ଏବଂ ନେତୃତ୍ୱ କାର୍ଯ୍ୟକ୍ରମ ପ୍ରଦାନ କରାଯିବ। ରାଜ୍ୟ ସରକାର ଏକ ଜେଣ୍ଡର-ବଜେଟିଂ ପ୍ରସ୍ତୁତ କରୁଛନ୍ତି। ଚଳିତ ବଜେଟରେ ରାଜ୍ୟର ମୋଟ ବଜେଟ ବ୍ୟବସ୍ଥା ମଧ୍ୟରୁ ୭୫ ହଜାର ୬୨୩ କୋଟି ଟଙ୍କା ଅର୍ଥାତ ମୋଟ ବଜେଟ ଖର୍ଚ୍ଚର ୨୮.୫ ପ୍ରତିଶତ କେବଳ ରାଜ୍ୟର ମହିଳାମାନଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ସ୍ଥିର ହୋଇଛି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଏହା ସେମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକ ପାଣ୍ଠି ସୁବିଧା ଯୋଗାଇଦେବ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନରେ ମହିଳାମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ ନେତୃତ୍ୱରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ବାଗ୍‌ଦାଦ ଓ ବୌଦ୍ଧ ଧର୍ମ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଷ୍ଟେଟ ଲେବଲ ଅବଜରବେଶନ ଅଫ୍ ଲେପ୍ରୋସି ଡେ, ସ୍ଥାନ: କମ୍ବାଇଣ୍ଡ ଡାଇରେକ୍ଟୋରେଟ କନ୍‌ଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ, ଶ୍ରୀ ଗୀତଗୋବିନ୍ଦ ଓ ଓଡ଼ିଆ ଅସ୍ମିତା ଆଲୋଚନା ଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୩ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ଶିବରାମ ମାହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଗାନ୍ଧୀ ଶାନ୍ତି ପଦୁଆର ପାଳନ, ସ୍ଥାନ: ମିଶନ ପଡ଼ିଆଠାରୁ ସିନେମାଛକ ଗାନ୍ଧୀ ପାର୍କ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ବ୍ଲକସ୍ତରୀୟ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ ଉତ୍ସବ 'ଉନ୍ନତୁମ୍'ର ଦ୍ୱିତୀୟ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟସ ଏବଂ ଗାଇଡସ୍ କାମ୍ପୋରିର ଦ୍ୱିତୀୟ ଦିବସ, ସ୍ଥାନ: ଖନ୍ତାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଗଡ଼ପୋଖରୀ, ଖଇରା, ସମୟ: ମଧ୍ୟାହ୍ନ ୧୨ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଧୋବାଗଡ଼ିଆ, ଖଇରା, ସମୟ: ଅପରାହ୍ନ ୩ଟା।
- ଜଳେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସ୍ନୋ ଫେଷ୍ଟର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଯାପନୀ, ସ୍ଥାନ: ଷ୍ଟେଶନ କ୍ଲବ ପରିସର, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ
- ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ କଲେଜ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- କବି ଦିବ୍ୟସିଂହ ଦାସ ଅଧିକାରୀ ସ୍ମୃତି ଉତ୍ସବ, ସ୍ଥାନ: ଟାଉନହଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ୍, ଶୁଙ୍ଗୁଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ସାର୍ବଜନୀନ ଗାନ୍ଧିମେଳା, ପୁରସ୍କାର ବିତରଣ ସଭା, ସ୍ଥାନ: ଖଡ଼ିମାହାରା, ଧୂଷୁରୀ, ସମୟ: ଅପରାହ୍ନ ୩ଟା।
- ଗାନ୍ଧିମେଳା, ସାଧାରଣ ସଭା, ସ୍ଥାନ: ଗାନ୍ଧିଘାଟ ଶାସନ, ସାଆଁଳପୁର, ସମୟ: ଅପରାହ୍ନ ୪ ଟା।
- ସାର୍ବଜନୀନ ଗାନ୍ଧିମେଳା, ଗାନ୍ଧିତତ୍ତ୍ୱ ଆଲୋଚନା ସଭା, ସ୍ଥାନ: ବେତାଳିଗାଁ ବଜାର, ପାଳସାହି ଗ୍ରାମ ପଞ୍ଚାୟତ, ସମୟ: ଅପରାହ୍ନ ୪ ଟା।
- ଗାନ୍ଧିମେଳା, ସାଧାରଣ ସଭା, ସ୍ଥାନ: ଦୋହରା ପାଟଣା, ସୁନ୍ଦରପୁର, ସମୟ: ଅପରାହ୍ନ ୪ଟା।
- ଏକ ଦେଶ ଏକ ନିର୍ବାଚନ ଆଇନ ଆଲୋଚନାଚକ୍ର, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ ଟା।
- ତିହିଡ଼ି ମହୋତ୍ସବ ୩ୟ ସନ୍ଧ୍ୟା, ସ୍ଥାନ: ତିହିଡି କାଳିପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।
- କଳ୍ପତରୁ ସେବା ଶିକ୍ଷାଶ୍ରମରେ ପ୍ରବଚନ, ସ୍ଥାନ: କଳ୍ପତରୁ ଆଶ୍ରମ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦୁଝର
- ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଜମ୍ବରା, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା।
- ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରିଡ଼ା, ସ୍ଥାନ: ରିମୁଳି ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।
- ସାଳନ୍ଦୀ ମହୋତ୍ସବ-୨୦୨୫ର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କାନପୁର ସୋସୋ, ଛେନାପଦି ସମୟ: ଅପରାହ୍ନ ୫ ଟା।
- ସତ୍ୟସାଇ ସଂଗଠନ ତରଫରୁ ଭଜନ ସମ୍ମିଳନୀ ଏବଂ ଆଧ୍ୟାତ୍ମିକ ଆଲୋଚନା, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଅଧିବାସ,ସ୍ଥାନ: ଝରାଡିହି, ବହଳଦା, ସମୟ: ସକାଳ ୮ଟା।
- ୧୮ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଚମ୍ପାଝର, ଠାକୁରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଶହିଦ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଏସଆର୍‌ସି ଉର୍ଦ୍ଦୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ,ସ୍ଥାନ: ପରେଡ୍ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଜୀବ ବିଜ୍ଞାନ ଉପରେ ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ବ୍ରହ୍ମାକୁମାରୀ ଶାନ୍ତିକୁଣ୍ଡ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ ଗିରି ରୋଡ, ସମୟ: ପୂର୍ବାହ୍ନ୧୧ଟା।

## ଗଞ୍ଜାମ
- ଶ୍ରୀ ଜଗନ୍ନାଥ ପଞ୍ଚରାତ୍ରୀ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଅରବିନ୍ଦ ନଗର ଦ୍ୱିତୀୟ ଲାଇନ୍ ବୁଗୁଡ଼ା, ସମୟ: ସନ୍ଧ୍ୟା ୭ଟା।
- ସେତୁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାତ୍ରପୁର ବ୍ଲକ୍ ଗୁଡ଼ିଖଳା ଓ ଗୁଜୁଲିଙ୍ଗି, ସମୟ: ପୂର୍ବାହ୍ନ ୧୧ଟା ।

## କନ୍ଧମାଳ
- ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବଡଗାଁ ବାଲିଗୁଡ଼ା, ସମୟ: ସକାଳ ୧୦ ଟା।

## ଢେଙ୍କାନାଳ
- ଯୋରନ୍ଦା ମାଘମେଳା ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସନ୍ତୋଷୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ-ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍ ଗ୍ୟାସ୍ ଗୋଦାମ ପରିସର, ସମୟ: ସକାଳ ୭ଟା।
- ଗ୍ରେସ୍ କିଡ୍‌ଜୀ ପ୍ରିସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଲେଖକ ସଂସଦ ଭବନ, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ଅନୁଗୋଳ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ମ୍ୟାଚ, ସ୍ଥାନ: ଅନୁଗୋଳ କଦମ ପଡିଆ, ସମୟ: ସକାଳ ୯ଟା। ଦ୍ୱିତୀୟ ମ୍ୟାଚ: ଅପରାହ୍ନ ୧ଟା ୩୦।
- ରେଭିନ୍ୟୁ ପୋଗ୍ରେସ ଅଫ ୱାର୍କ ଅଣ୍ଡର ସିଏସ୍‌ଆର୍ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରେଭିନ୍ୟୁ ପୋଗ୍ରେସ ଅଫ ୱାର୍କ ଆଇସିଡିଏସ୍ ଆଣ୍ଡ ମିଶନଶକ୍ତି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଡିଏଲଟିସି ମିଟିଂ ଅଫ ଏୟୁସିସିବି, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ମା'ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ତାରିଣୀ ମେଳା ଓ ୧୮ ତମ ବାର୍ଷିକ ଉତ୍ସବ, ସ୍ଥାନ: ଅଠରବାଙ୍କି ଟ୍ୟାକ୍ସି ଷ୍ଟାଣ୍ଡ ପରିସର, ସମୟ: ସକାଳ ୬ଟା।
- ଜେଜେ ମା' ଓ ଜେଜେ ବାପାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ: ଜଗନ୍ନାଥପୁର, ନହଙ୍ଗ, ଡେରାବିଶ, ସମୟ: ସକାଳ ୬ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଧୋୟା ପ୍ରିମିୟର ଲିଗ, ସ୍ଥାନ: ବନକୂଳ, ଆଳି, ସମୟ: ଅପରାହ୍ନ ୨ଟା।
- ଭଗବତୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ କଳସପୁର ପ୍ରିମିୟର ଲିଗ, ସ୍ଥାନ: କଳସପୁର, ଆଳି, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ବୈଷ୍ଣୋ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ଶକ୍ତି ଯଜ୍ଞ ଅବସରରେ କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଜାମୁକୋଣ, ସମୟ: ସକାଳ ୭ଟା।
- ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ବାହାଡ଼ାଝୋଲା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀହନୁମାନ ଜୀଉଙ୍କ ୨୮ ଫୁଟର ସୁଉଚ ବିଗ୍ରହଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୟାଗଡ଼ ପୁରୁଣା ସହରର କରଣସାହିସ୍ଥିତ ବିଶ୍ୱନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିହାର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ରଜତ ଜୟନ୍ତୀ ସମାରୋହ ପାଳନ, ସ୍ଥାନ: ଡ଼ମ୍ବସରା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ବ୍ଲକ କୁନାପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଗାନ୍ଧୀ ଛକ, ଜୟପୁର, ସମୟ: ସକାଳ ୮ଟା ୩୦।
- କୋରାପୁଟରେ ଶହୀଦ ଦିବସ ପାଳନ, ସ୍ଥାନ: କୋରାପୁଟର ମହାତ୍ମାଗାନ୍ଧୀ ପାର୍କ, ସମୟ: ସକାଳ ୯ ଟା ୩୦।
- ଶହୀଦ ଦିବସ ନେଇ ନୀରବ ପ୍ରାଥନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- କଂଗ୍ରେସର ନୂଆବର୍ଷ ଭେଟଘାଟ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଦଶମନ୍ତପୁର ବ୍ଲକସ୍ଥିତ ବାଘଚେମା ଆମ୍ବତୋଟା, ସମୟ: ଅପରାହ୍ନ ୧ଟା।
- ଆଲୋଚନା ଚକ୍ର ଉଦଯାପନୀ, ସ୍ଥାନ: ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ଜୟପୁର, ସମୟ: ଅପରାହ୍ନ ୪ଟା।
- କୋରାପୁଟ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର
- ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ସକାଶେ ଚଣ୍ଡିଗଡ ଦଳର ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜାତୀୟସ୍ତରୀୟ ଶିକ୍ଷା ସମ୍ପର୍କୀତ କର୍ମଶାଳା, ସ୍ଥାନ: ବିଇଡି ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ସକାଶେ ଓଡିଶା ଦଳର ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## ବଲାଙ୍ଗୀର
- ଲୋଇସିଂହା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପାଇଁ ବାଇକ୍ ରାଲି, ସ୍ଥାନ: ଫସଡରୁ ସାଲେଭଟା, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ ଟା।

## ରାଉରକେଲା
- ଶନିଦେବଙ୍କ ମୂର୍ତ୍ତି ସ୍ଥାପନା ଓ ପ୍ରତିଷ୍ଠା ସମାରୋହ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ପାଇଁ ବୈଠକ, ସ୍ଥାନ: ଜଗଦା ପ୍ରଗତି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସଂଘର ବୈଠକ, ସ୍ଥାନ: ହୋଟେଲ ସୋଲେସ୍, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼
- ବହୁବିଧ କାର୍ଯ୍ୟକାରୀ ମଞ୍ଚ ଉପରେ ଏକ ଦିବସୀୟ କର୍ମଶାଳା, ସ୍ଥାନ: ସେବକ, ରଙ୍ଗିଆମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଜଳଯାତ୍ରା,ସ୍ଥାନ: ସରକାରୀ ବସଷ୍ଟାଣ୍ଡ ସମ୍ମୁଖ, ବରଗଡ଼,ସମୟ: ସକାଳ ୮ଟା।
- କୋଦଣ୍ଡ ରାମଚନ୍ଦ୍ରା ସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଳସଯାତ୍ରା, ସ୍ଥାନ: ଭାଲୁପତ୍ରା(ଜାଙ୍ଗେଡ଼), ଅତାବିରା,ସମୟ: ସକାଳ ୯ଟା।
- ଗାନ୍ଧୀ ମହାପ୍ରୟାଣ ଦିବସ,ସ୍ଥାନ:ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ୍।

## କଳାହାଣ୍ଡି
- ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ମିଶନ ଶକ୍ତି ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।
- ଶିଶୁ ବିଦ୍ୟାମନ୍ଦିର ସମୂହର ପ୍ରାଦେଶିକ ଖେଳକୁଦ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ସାମୂହିକ ଫାଇଲେରିଆ ନିରାକରଣ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ
- ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ର ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ବିଗ୍ରହ ସ୍ନାନ, ସ୍ଥାନ: ନାରାୟଣନଗର ଗ୍ରାମ, ବୌଦ୍ଧ, ସମୟ: ସକାଳ ୯ଟା।
- ତୃତୀୟ ହରଭଙ୍ଗା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା, ସମୟ : ସନ୍ଧ୍ୟା ୭ଟା

## ଦେବଗଡ଼
- ଉତ୍ସବ ପ୍ରଧାନପାଟ-୨୦୨୫ର ପ୍ରେସ୍ ମିଟ୍, ସ୍ଥାନ: କଲେକ୍ଟୋରେଟ୍ ସମ୍ମିଳନୀ କକ୍ଷ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗା ମନ୍ଦିରରେ ବୈଠକ, ସ୍ଥାନ: କନକ ଦୁର୍ଗା ମନ୍ଦିର, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- କୁଷ୍ଠ ପ୍ରତିରୋଧ ଦିବସ ଅବସରରେ ସଚେତନତା ରାଲି, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି, ବୀରମହାରାଜପୁର, ସମୟ: ସକାଳ ୯ଟା।
- ପାତାଳୀ ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ୫୬ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ୩୨ ବେଶ ପ୍ରଦର୍ଶନୀର ଆରମ୍ଭ, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୂତି, ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୁଡାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- କେନ୍ଦୁପାଲି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ସରଗମ, ସ୍ଥାନ: କେନ୍ଦୁପାଲି ସରକାରୀ ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମୁର୍ଷୁଣ୍ଡି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୬ତମ ମା' ମାହେଶରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ, ସ୍ଥାନ: ମେଣ୍ଡିଲିପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦାଦରପାଲି କ୍ରିକେଟ କପର ପଞ୍ଚମ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ମ୍ୟାଚ, ସ୍ଥାନ: କେନଝିରିଆପାଲି ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା' ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପିତାମହୁଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ୨୩ତମ ଜେବିସିସି କପ୍ କ୍ରିକେଟ ଫାଇନାଲ ମ୍ୟାଚ, ସ୍ଥାନ: ଗ୍ରୀନ ଖେଳପଡିଆ ଜଟଗଡ଼, ସମୟ: ସକାଳ ୯ଟା।
- ସ୍ପର୍ଶ କୁଷ୍ଠରୋଗୀ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସାମ୍ନା, ସମୟ ସକାଳ ୯ଟା ୩୦।
- କୁଷ୍ଠରୋଗୀ ନିରାକରଣ ଦିବସ ଉପଲକ୍ଷେ ସଭା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଶିବିର, ସ୍ଥାନ: ତିଲିଆ, ସମୟ: ସକାଳ ୬ଟା।
- ଗାନ୍ଧୀ ନୂଆଁଖାଇ ପାଳନ, ସ୍ଥାନ: ପାଞ୍ଚପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭଅଁରଖୋଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହଯୋଗ ଯାତ୍ରା, ବାଣିଜ୍ୟ, ପାରିବାରିକ ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁ ମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତାଲୋଚନା ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବ।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଉପକୃତ ହେବେ। ଘରଲୋକଙ୍କ ବ୍ୟତୀତ ବାହାର ଲୋକଙ୍କ ମାଧ୍ୟମରେ ଅନଟନ ଦୂରେଇଯିବ। ଆଜି ଦିନଟିରେ ପ୍ରତିଯୋଗିତାରେ ସଫଳତା ଏବଂ ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି ହୋଇପାରେ। ବାଣିଜ୍ୟ, ଆନୁଷ୍ଠାନିକ କାର୍ଯ୍ୟ ଏବଂ ବିବାଦୀୟ ପରିସ୍ଥିତି କ୍ରମଶଃ ଦୂରେଇଯିବ।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତା ସୃଷ୍ଟି ହେବ। ସକାଳୁ କୌଣସି ବନ୍ଧୁଙ୍କ ଡାକରା ଆପଣଙ୍କୁ ଚଳଚଞ୍ଚଳ କରିଦେବ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ସମାଲୋଚିତ ହେବାକୁ ପଡିବାର ଆଶଙ୍କା ରହିଛି। ବ୍ୟବସାୟିକ ସ୍ଥିତି ଓ ବିବାଦୀୟ ପରିସ୍ଥିତି ଅମୀମାଂସିତ ରହିବ।

**କର୍କଟ** କୌଣସି ନୂଆ କାମଟିଏ ଆରମ୍ଭ କରିବାକୁ ଯାଇ ବ୍ୟୟବରାଦ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ବହୁ ପରିମାଣରେ ବୃଦ୍ଧି କରିବ। ଗୃହ, ଯାନବାହନ, ଶିଳ୍ପ, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ସିଂହ** କୃତି ଓ କୃତିତ୍ୱ କାରଣରୁ ସାମାଜିକ ପ୍ରତିଷ୍ଠାସହ ଲକ୍ଷ୍ୟପୂରଣରେ ସମର୍ଥହେବେ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍ ଓ ସଭାସମିତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଦୁଶ୍ଚିନ୍ତା ମଧ୍ୟ ରହିବାର ସୂଚନା ରହିଛି।

**କନ୍ୟା** ଶୁଭଗ୍ରହଙ୍କ ପ୍ରଭାବ କାର୍ଯ୍ୟସିଦ୍ଧି, ଅର୍ଥଗୌରବ, ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। କିନ୍ତୁ କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ସାମୟିକ ଆନମନା ରହିପାରନ୍ତି। ଆତ୍ମୀୟମାନଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦ କ୍ଷେତ୍ରରେ ସଫଳତା ହାସଲ କରିପାରନ୍ତି।

**ତୁଳା** ସୁବିଚାର ବ୍ୟତିରେକ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ଜମି କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା, କର୍ମାରମ୍ଭ ଓ ସରକାରୀ ସ୍ତରରେ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ବିଛା** ଆଜି କାମରେ ସନ୍ତୋଷ ପାଇବା ସାଙ୍ଗକୁ କିଛି ବିରକ୍ତିକର ପରିସ୍ଥିତି ସାମ୍ନାକୁ ଆସିବ। ଅଫିସ କାମରେ, ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ଟେନ୍‌ସନ୍ ଦୂର ହେବ। ସାମାଜିକ ସ୍ତରରେ ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯତ୍ନବାନ୍ ହେବେ ଓ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି।

**ଧନୁ** ଆଜି ଅଧିକାଂଶ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ ହେବେ। ସମୟାନ୍ତରରେ ବିରକ୍ତିଭାବ ଦୂରେଇଯିବ, ଧୈର୍ଯ୍ୟ ବୃଦ୍ଧି ପାଇବ ଯାହାକି ଆଜି ପାଇଁ ଆବଶ୍ୟକ ରହିଛି। ପାରିବାରିକ ସମସ୍ୟା ସମାଧାନ ହେବାରେ ବନ୍ଧୁଙ୍କ ପରାମର୍ଶ ମାନିବା ଭଲ। କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହେବେ।

**ମକର** ଆଜି ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ମାନସିକ ଅସ୍ଥିରତାର କାରଣ ସାଜିପାରେ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁ ସମ୍ପର୍କହାନିର ଆଶଙ୍କା ଦେଖାଦେଇପାରେ।

**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରାରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅର୍ଥନୈତିକ ସ୍ଥିତି ସାମାଜିକ ପ୍ରଗତି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହୋଇପାରିବ।

**ମୀନ** ପାରିବାରିକ ସମସ୍ୟା ସୁଧାରିବାରେ ହିତୈଷୀଙ୍କ ପରାମର୍ଶ ଗ୍ରହଣ କଲେ ଉପକୃତ ହେବେ। ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି। ଭ୍ରମଣ, ରାଜନୀତି, ପ୍ରଶାସନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ। ନୂତନ ବନ୍ଧୁତ୍ୱ ସ୍ଥାପନ ସକାଶେ ମନ ବଳାଇପାରନ୍ତି।

ଆଜି ଜାନୁଆରୀ ୩୦ ତାରିଖ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ, ସର୍ବୋଦୟ ଦିବସ, ମାଘ ଶୁକ୍ଳ ପ୍ରତିପଦା ଗୁରୁବାର। ରାଶିନକ୍ଷତ୍ର-ଧନିଷ୍ଠା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୬ ଗତେ ଘ.୦୭।୫୫ ମଧ୍ୟେ, ଘ.୧୦।୫୩ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୩ ଗତେ ଘ.୦୨।୪୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ମହାକୁମ୍ଭରେ ଦଳାଚକଟା...

ଆହତ ହୋଇଥିବା ପୋଲିସ ଡିଆଇଜି ବୈଭବ କ୍ରିଷ୍ଣା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରୁ ୨୫ ଜଣଙ୍କୁ ଚିହ୍ନଟ କରାଯାଇଛି। ୩୬ ଆହତଙ୍କୁ ମେଳା ପାଇଁ ଉଦ୍ଦିଷ୍ଟ ସେଣ୍ଟ୍ରାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଆହତଙ୍କୁ ସବୁ ପ୍ରକାର ସହଯୋଗ କରାଯାଉଥିବା ସ୍ଥାନୀୟ ପ୍ରଶାସନ ଏକ୍ସ'ରେ ସୂଚନା ଦେଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ସୋସିଆଲ ମିଡିଆରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀର ଏକ ନିର୍ବାଚନୀ ସଭାରେ ଏନେଇ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏନେଇ ସେ ୟୁପି ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅଖିଳ ଭାରତୀୟ ଆଖଡ଼ା ପରିଷଦ ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି, ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ସଙ୍ଗମ ଘାଟରେ ପାରମ୍ପରିକ ବୁଡ଼ ରୀତିନୀତିକୁ ସ୍ଥଗିତ ରଖାଯାଇଛି। ତେବେ ଭିଡ଼ ହ୍ରାସ ହେଲେ ସ୍ନାନର ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି। ଏଥିସହ ପୁରୀ ଦଳାଚକଟାକୁ ବିରୋଧୀଙ୍କ ଷଡ଼ଯନ୍ତ୍ର ଭାବେ ଅଭିହିତକରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି।

ପରମ୍ପରା ଅନୁଯାୟୀ କୁମ୍ଭମେଳାରେ ସନ୍ନ୍ୟାସୀ, ବୈରାଗୀ ଓ ଉଦାସୀନ ମାର୍ଗର ଆଖଡ଼ାରେ ସାମିଲ ସାଧୁମାନେ ସଙ୍ଗମ ଘାଟରେ ବୁଡ଼ ପକାଇଥାନ୍ତି। ମହାକୁମ୍ଭରେ ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ମୌନୀ ଅମାବାସ୍ୟାରେ ବୁଡ଼ ପକାଇଲେ ଲୋକଙ୍କ ପାପ ଧୋଇହୋଇଯାଇଥାଏ ଏବଂ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ତେଣୁ ଦଳାଚକଟାରେ ବହୁ ଲୋକ ମୃତାହତ ହେବା ପରେ ମଧ୍ୟ ଶ୍ରଦ୍ଧାଳୁଙ୍କ ବୁଡ଼ ପକାଇବା ଜାରି ରହିଥିଲା। ସାଧୁମାନେ ସଙ୍ଗମସ୍ଥଳ ଆଡ଼କୁ ଅଗ୍ରସର ହେବା ବେଳକୁ ହେଲିକପ୍ଟରରୁ ସେମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରାଯାଇଥିଲା।

### ସରକାରୀ ଅବ୍ୟବସ୍ଥା ଯୋଗୁ ଦଳାଚକଟା: ରାହୁଲ

ପ୍ରୟାଗରାଜରେ ଦଳାଚକଟା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଜ୍ୟ ସରକାରଙ୍କ ଦୁର୍ବଳ ପରିଚାଳନାକୁ ଦାୟୀ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ପ୍ରୟାଗରାଜରୁ ଆସିଥିବା ଖବର ଅତ୍ୟନ୍ତ ହୃଦୟବିଦାରକ। ସରକାର ଏଭଳି ଅଘଟଣ ଏଡ଼ାଇବା ପାଇଁ ଉପଯୁକ୍ତ ବନ୍ଦୋବସ୍ତ କରିବା ଆବଶ୍ୟକ ଥିଲା। କିନ୍ତୁ ଭିଆଇପି ସଂସ୍କୃତିକୁ ଅଧିକ ଗୁରୁତ୍ୱ ଦେଇଥିଲେ।

### ୧୪୫ ବୁଝାମଣାପତ୍ର...

ହୋଇଛି। ଏହି ୨ ଦିନିଆ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ରାଜ୍ୟ ପାଇଁ ଅପାର ସଫଳତା ଆଣିଛି। ଏଥିରେ ସାରା ବିଶ୍ୱର ବହୁ ଶିଳ୍ପପତି, ବ୍ୟବସାୟିକ ପ୍ରତିନିଧି, ପୁଞ୍ଜି ନିବେଶକ ଓ ନୀତି ନିର୍ଦ୍ଧାରକମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ପ୍ରତି ତାଙ୍କର ସମର୍ଥନ ଜଣାଇଛନ୍ତି। ଶିଳ୍ପ ଜଗତକୁ ବାର୍ତ୍ତା ଦେଇ ସେ କହିଛନ୍ତି ଯେ, ଓଡ଼ିଶା ହେଉଛି ଉତ୍କୃଷ୍ଟ। ଓଡ଼ିଶା ହେଉଛି ବର୍ତ୍ତମାନ ପାଇଁ ସର୍ବୋତ୍ତମ ସୁଯୋଗର ଭୂମି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ବ୍ୟକ୍ତିଗତ ଭାବେ କୃତଜ୍ଞତା ଜଣାଇବା ସହିତ ଓଡ଼ିଶାର ସାଢ଼େ ଚାରି କୋଟି ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନିଜେ ଉପସ୍ଥିତ ରହି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ତାଙ୍କର ଗ୍ୟାରେଣ୍ଟି- 'ମୋଦି ଗ୍ୟାରେଣ୍ଟି' ଦେଇଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ଓ ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡ଼ିଶାକୁ ଏକ ଗ୍ରୋଥ୍ ଇଞ୍ଜିନ କରିବା ପାଇଁ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇ ଆସିଛନ୍ତି। ଡବଲ ଇଞ୍ଜିନ ସରକାରରେ ତାଙ୍କର ଯାହା ଭୂମିକା ରହିବା କଥା ତାକୁ ସେ ସମ୍ପୂର୍ଣ୍ଣ ଭାବେ ନିର୍ବାହ କରିଛନ୍ତି। ଏହାଦ୍ୱାରା ଦେଶର ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ପାଇଁ ଆମର ଯେଉଁ ସଙ୍କଳ୍ପ ରହିଛି, ଆମେ ତାହାର ନିକଟତର ହୋଇପାରିଛୁ। ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ପରି ଅଂଶୀଦାର ଦେଶର ପ୍ରତିନିଧିମାନଙ୍କ ସହିତ ୧୬ଟି ଦେଶର ପ୍ରତିନିଧି ଏହି କନ୍‌କ୍ଲେଭରେ ଯୋଗ ଦେଇଥିଲେ। ଏହାଦ୍ୱାରା ବିଶ୍ୱ ନିବେଶ ମାନଚିତ୍ରରେ ଓଡ଼ିଶା ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ବୟନ ଶିଳ୍ପ ଓ ପୋଷାକ, ଅକ୍ଷୟ ଶକ୍ତି, ସ୍କିଲ୍‌ଡ ଇନ୍ ଓଡ଼ିଶା, ମହିଳାମାନଙ୍କ ଉଦ୍ୟୋଗ ସ୍ଥାପନ, ପର୍ଯ୍ୟଟନ, ସର୍କୁଲାର ଇକୋନମି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ଫାର୍ମା ଓ ବାୟୋଟେକ୍ ଏବଂ ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସବୁ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଓ ଅଭିବୃଦ୍ଧି ପାଇଁ ବିଭିନ୍ନ ରଣନୀତି ଉପରେ ପ୍ରସ୍ତାବ ରଖାଯାଇଥିଲା। ଆଗାମୀ ଦିନରେ ଶିଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୱାର୍କଫୋର୍ସକୁ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ସ୍କିଲ୍‌ଡ ଇନ୍ ଓଡ଼ିଶା ଅଧିବେଶନରେ ଆଲୋଚନା କରାଯାଇଥିଲା। ମହିଳା ଉଦ୍ୟମଶୀଳତା ଓ ଷ୍ଟାର୍ଟଅପ୍ ଓଡ଼ିଶା ଆଦି ସମ୍ପର୍କିତ ପ୍ୟାନେଲ ଆଲୋଚନାରେ ଅଭିନବ ଓ ସମାବେଶୀ (ଇନୋଭେଶନ ଆଣ୍ଡ ଇନକ୍ଲୁସିଭିଟି) ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅକ୍ଷୟ ଶକ୍ତି, ସର୍କୁଲାର ଇକୋନମି ଓ ଗ୍ରୀନ୍ ଟେକ୍ନୋଲୋଜି ଆଦି ଆଲୋଚନାରେ ଦୀର୍ଘକାଳୀନ ବିକାଶ (ସଷ୍ଟେନେବଲ ଡେଭଲପମେଣ୍ଟ) ପାଇଁ ଓଡ଼ିଶାର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତକୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧତାର ସହ କାମ କରୁଛନ୍ତି। ଆଗାମୀ ଦିନରେ ମଧ୍ୟ ଏଥିପାଇଁ ଉଦ୍ୟମ ଜାରି ରହିବ। ଏହି କନ୍‌କ୍ଲେଭର ସଫଳତା ପାଇଁ ଶିଳ୍ପ ବିଭାଗ, ଇପିକଲ, ଇଡ୍‌କୋ, ସି.ଆଇ.ଆଇ., ପିଡବ୍ଲୁସି ଏବଂ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଦେଇଛନ୍ତି। ଏଥିସହିତ ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ପ୍ରଦର୍ଶନୀକୁ ଆହୁରି ୨ଦିନ ଅର୍ଥାତ ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ଜନସାଧାରଣ ଏହି ପ୍ରଦର୍ଶନୀ ବୁଲି ଦେଖିବାର ସୁଯୋଗ ପାଇ ପାରିବେ।

### ମହିଳା ଉଦ୍ୟୋଗୀଙ୍କ...

ଜୀବନର ଯେକୌଣସି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କ ସହିତ ସମକକ୍ଷ ହେବା ଆନନ୍ଦର ବିଷୟ। କୃଷି କ୍ଷେତ୍ରରେ କାମ କରିବାଠାରୁ ଆରମ୍ଭ କରି କେବଳ ଯାତ୍ରୀବାହୀ ବିମାନ ନୁହେଁ ବରଂ ଯୁଦ୍ଧ ବିମାନ ଉଡ଼ାଇବା, ମହାକାଶକୁ ରକେଟ୍ ଉଡ଼ାଇବା, କ୍ରୀଡ଼ା ଆଦି ସବୁ କ୍ଷେତ୍ରରେ ମହିଳାମାନେ ପ୍ରମାଣ କରିଛନ୍ତି ଯେ ପୁରୁଷମାନେ ଯାହା କରିପାରିବେ ସେମାନେ ମଧ୍ୟ ତାହା କରିପାରିବେ।

ମହିଳାମାନଙ୍କ ମଧ୍ୟରେ ଥିବା କ୍ଷମତା କିମ୍ବା ପ୍ରତିଭା ବିଷୟରେ କେବେ ସନ୍ଦେହ ନ ଥିଲା। ଏକମାତ୍ର ଅଭାବ ହେଉଛି ଠିକ୍ 'ସୁଯୋଗ'। ମହିଳାମାନେ ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥନୀତିଠାରୁ ଉତ୍ପାଦନ ଏବଂ ନବସୃଜନ ଶକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଅଗ୍ରଣୀ ଅଛନ୍ତି। ଠିକ୍ ସୁଯୋଗ ମିଳିଲେ ସେମାନେ କାମ କରିବାକୁ ବାଛିଥିବା ଯେକୌଣସି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରିବେ। ନିର୍ମଳା ସୀତାରାମନ କେନ୍ଦ୍ର ଅର୍ଥମନ୍ତ୍ରୀ ଭାବେ ତାଙ୍କର ୮ମ ଲଗାତର ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି, ଯାହା ଏକ ରେକର୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମହିଳାମାନଙ୍କ କ୍ଷମତା ଏବଂ ପ୍ରତିଭା ଉପରେ ଥିବା ବିଶ୍ୱାସକୁ ଏହା ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାରତ ତଥା ବିଦେଶର ପ୍ରମୁଖ ମହିଳା ଉଦ୍ୟୋଗୀଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣି ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ଗଢ଼ିବା ପାଇଁ ମହିଳା ଉଦ୍ୟୋଗୀମାନଙ୍କର ପ୍ରମୁଖ ଯୋଗଦାନ ରହିବ ଏବଂ ସେଥିପାଇଁ ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ହିନ୍ଦୁ ରାଷ୍ଟ୍ରବାଦ, ଖଲିସ୍ତାନୀ ଉଗ୍ରବାଦ ବ୍ରିଟେନ୍ ପାଇଁ ନୂଆ ବିପଦ: ରିପୋର୍ଟ

**ଲଣ୍ଡନ, ୨୯।୧**

ବ୍ରିଟେନର ଜାତୀୟ ସୁରକ୍ଷା ପ୍ରତି ୯ ସମ୍ଭାବ୍ୟ ବିପଦ ମଧ୍ୟରେ ହିନ୍ଦୁ ରାଷ୍ଟ୍ରବାଦ ଓ ଖଲିସ୍ତାନୀ ଉଗ୍ରବାଦ ରହିଛି। ବ୍ରିଟେନ୍ ଗୃହ ମନ୍ତ୍ରଣାଳୟର ଏକ ଦସ୍ତାବିଜ ଲିକ୍ ହୋଇ ଏହି ତଥ୍ୟ ସାମ୍ନାକୁ ଆସିଛି। ଗତବର୍ଷ ଅଗଷ୍ଟରେ ବ୍ରିଟେନ୍‌ର ଗୃହ ବିଭାଗ ସଚିବ ୟଭେଟ କୁପରଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ହିନ୍ଦୁ ରାଷ୍ଟ୍ରବାଦକୁ ଏକ ଉଗ୍ରବାଦୀ ଚିନ୍ତାଧାରା ଭାବରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୨ରେ ଇଂଲଣ୍ଡର ଲେଷ୍ଟରରେ ହୋଇଥିବା ହିନ୍ଦୁ-ମୁସଲମାନ ଦଙ୍ଗା ଯୋଗୁ ହିନ୍ଦୁ ରାଷ୍ଟ୍ରବାଦକୁ ବ୍ରିଟେନ୍‌ର ଜାତୀୟ ସୁରକ୍ଷା ପ୍ରତି ବିପଦ ଭାବେ ଦର୍ଶାଯାଇଛି। ସେହିପରି ବ୍ରିଟିଶ୍ ସରକାରଙ୍କ ଏହି ରିପୋର୍ଟରେ ଖଲିସ୍ତାନୀ ଉଗ୍ରବାଦକୁ ମଧ୍ୟ ଦେଶର ସମ୍ଭାବ୍ୟ ପ୍ରମୁଖ ବିପଦ ଭାବେ ତାଲିକାଭୁକ୍ତ କରାଯାଇଛି।

### ହିନ୍ଦୁ ବିବାହର ବର୍ଷେ ମଧ୍ୟରେ ଛାଡ଼ପତ୍ର ଅସମ୍ଭବ: ହାଇକୋର୍ଟ

**ପ୍ରୟାଗରାଜ, ୨୯।୧**

ହିନ୍ଦୁ ବିବାହ ହେଉଛି ଏକ ପବିତ୍ର ବନ୍ଧନ। ହିନ୍ଦୁଧର୍ମରେ ପରସ୍ପରକୁ ବିବାହ କରିଥିବା ଦମ୍ପତି ବିବାହର ବର୍ଷେ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ପରସ୍ପରକୁ ଛାଡ଼ପତ୍ର ଦେଇ ପାରିବେ ନାହିଁ। ଛାଡ଼ପତ୍ର ପାଇଁ ଏକ ଦମ୍ପତିଙ୍କ ଆବେଦନକୁ ଖାରଜ କରିବା ସହ ଆଲ୍ଲାହାବାଦ ହାଇକୋର୍ଟ ଏପରି ମନ୍ତବ୍ୟ ଦେଇଛନ୍ତି। ଫ୍ୟାମିଲି କୋର୍ଟ ଦ୍ୱାରା ସେମାନଙ୍କ ଛାଡ଼ପତ୍ର ପାଇଁ ମନା କରାଯିବା ପରେ ଉକ୍ତ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରା ଓ ଜଷ୍ଟିସ୍ ଡୋନାଡ଼ି ରମେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି କହିଛନ୍ତି, ହିନ୍ଦୁ ବିବାହ ଅଧିନିୟମ, ୧୯୫୫ର ଧାରା ୧୪ ଅନୁଯାୟୀ ଦାମ୍ପତ୍ୟ ଜୀବନରେ ଅସାଧାରଣ ସମସ୍ୟା କିମ୍ବା ଯନ୍ତ୍ରଣା ଦେଖାଦେଲେ ଯାଇ ବିବାହର ବର୍ଷକ ମଧ୍ୟରେ ଛାଡ଼ପତ୍ର ପାଇଁ ଅନୁମତି ଦିଆଯାଇପାରିବ।

### ଦୁର୍ଘଟଣାରେ ୯ ଭାରତୀୟ ମୃତ

**ଜେଦ୍ଦା, ୨୯।୧**

ସାଉଦିଆରବର ପଶ୍ଚିମ ଅଞ୍ଚଳ ଜିଜାନରେ ବୁଧବାର ଏକ ଭୀଷଣ ସଡ଼କ ଦୁର୍ଘଟଣା ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଭାରତୀୟ ରହିଛନ୍ତି। ସେହିପରି ମୃତକଙ୍କ ମଧ୍ୟରେ ନେପାଳର ୬ ଓ ଘାନାର ୩ ଜଣ ନାଗରିକ ରହିଛନ୍ତି। ଏନେଇ ଜେଦ୍ଦାସ୍ଥିତ ଭାରତୀୟ ବାଣିଜ୍ୟକ ଦୂତାବାସ ସୂଚନା ଦେଇଛି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସେହିପରି ଦୁର୍ଘଟଣାରେ ମୃତକ ଓ ଆହତ ଭାରତୀୟଙ୍କ ବିଷୟରେ ସୂଚନା ପାଇବା ପାଇଁ ଭାରତୀୟ ଦୂତାବାସ ହେଲ୍‌ପଲାଇନ ନମ୍ବର ଜାରି କରାଯାଇଛି। ଦୁର୍ଘଟଣାକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏକ୍ସ'ରେ ଶୋକ ପ୍ରକଟ କରିଛନ୍ତି।

# ସୁନୀତାଙ୍କୁ ଫେରାଇ ଆଣିବାକୁ ମସ୍କଙ୍କୁ କହିଲେ ଟ୍ରମ୍ପ୍


ସୁନୀତା ୱିଲିୟମ୍ସ

**ୱାଶିଂଟନ୍, ୨୯।୧**

୨୦୨୪ ଜୁନ୍‌ରୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରେ ଫସିରହିଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟେକ୍ ଟାଇଟନ୍ ଏଲନ୍ ମସ୍କଙ୍କ ସହଯୋଗ ଲୋଡ଼ିଛନ୍ତି। ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଲେଖିଛନ୍ତି, ସୁନୀତା(୫୯) ଓ ତାଙ୍କ ସହଯାତ୍ରୀ ୱିଲମୋର(୬୨)ଙ୍କୁ ବାଇଡେନ୍ ପ୍ରଶାସନ ଆଇଏସ୍ଏସ୍‌ରେ ଛାଡ଼ିଦେଇଛି। ସେମାନେ ୧୦ ଦିନିଆ ମିଶନରେ ଯାଇଥିଲେ। କିନ୍ତୁ ୭ ମାସ ପରେ ବି ଫେରିପାରିନାହାନ୍ତି। ୨ ସାହସୀ ମହାକାଶଚାରୀଙ୍କୁ ଆଇଏସ୍ଏସ୍‌ରୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଏଲନ୍ ମସ୍କ ବ୍ୟବସ୍ଥା କରିବେ। ଟ୍ରମ୍ପ୍‌ଙ୍କଠାରୁ ଦାୟିତ୍ୱ ପାଇବା ପରେ ମସ୍କ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲେଖିଛନ୍ତି, ମହାକାଶଯାତ୍ରୀ ଦ୍ୱୟଙ୍କ ଯଥାଶୀଘ୍ର ସମ୍ଭବ ପ୍ରତ୍ୟାବର୍ତ୍ତନ କରାଇବା ଲାଗି ରାଷ୍ଟ୍ରପତି ସ୍ପେସେକ୍ସକୁ ପରାମର୍ଶ ଦେଇଛନ୍ତି। ଆମେ ଉଭୟଙ୍କୁ ଫେରାଇ ଆଣିବୁ। ବାଇଡେନ୍ ପ୍ରଶାସନର ଅବହେଳା ଦୁର୍ଭାଗ୍ୟଜନକ ବୋଲି ସ୍ପେସେକ୍ସ ସିଇଓ କହିଛନ୍ତି।

**'ଆଇଏସ୍ଏସ୍‌ରେ ଛାଡ଼ିଦେଇଛନ୍ତି ବାଇଡେନ୍'**


ମୌନୀ ଅମାବାସ୍ୟାରେ ଦଳାଚକଟା ପରେ ପ୍ରୟାଗରାଜର ସଙ୍ଗମଠାରେ ବୁଡ଼ ପକାଇ ଆନନ୍ଦ ପ୍ରକାଶ କରୁଛନ୍ତି ଜଣେ ଶ୍ରଦ୍ଧାଳୁ।

# ଯମୁନା ଜଳରେ ଦିଲ୍ଲୀ ରାଜନୀତି

**ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଜାତୀୟ ରାଜଧାନୀର ଭୋଟର କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ପୁନର୍ବାର ସୁଯୋଗ ଦେବେ ନା ଭାଜପା ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରିବେ ତାହା ଆସନ୍ତା ୮ ତାରିଖରେ ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ। କିନ୍ତୁ ଆପ୍ ରାଷ୍ଟ୍ରୀୟ ଆବାହାକ ଅରବିନ୍ଦ କେଜ୍‌ରିୱାଲ ଏବଂ ଭାଜପା ନେତାମାନେ ଏବେ ପରସ୍ପରକୁ ଟାର୍ଗେଟ କରିବା ପାଇଁ ଯମୁନା ନଦୀର ପ୍ରଦୂଷିତ ପାଣିକୁ ନେଇ ରାଜନୀତି କରିବାରେ ଲାଗିଛନ୍ତି। ଏହି ପ୍ରସଙ୍ଗ କେବଳ ଦିଲ୍ଲୀ ନୁହେଁ, ଜାତୀୟ ରାଜନୀତିକୁ ସରଗରମ କରିଛି ।**


ଅରବିନ୍ଦ କେଜ୍‌ରିୱାଲ


ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୨୯।୧**

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଯମୁନା ନଦୀର ଜଳ ପ୍ରଦୂଷଣ ପାଇଁ ହରିୟାଣାର ଭାଜପା ସରକାରଙ୍କୁ ଦାୟୀ କରିଥିଲେ। ସେ କହିଥିଲେ, ଲୋକଙ୍କୁ ପାଣିରୁ ବଞ୍ଚିତ କରିବାଠାରୁ ବଡ଼ ପାପ ନାହିଁ। ଭାଜପା ଦିଲ୍ଲୀବାସୀଙ୍କୁ ତୃଷାର୍ତ୍ତ କରି ରଖିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହିଁ। ହରିୟାଣା ସରକାର ଯମୁନା ଜଳରେ ବିଷ ମିଶାଇ କଳୁଷିତ ରାଜନୀତି କରୁଛନ୍ତି। ଏହି ବିଷାକ୍ତ ପାଣିକୁ ବିଶୋଧନ କରାଯାଇପାରିବ ନାହିଁ। ଆପ୍ ପୁନର୍ବାର କ୍ଷମତାକୁ ଆସିଲେ ଆଉ ଏପରି ହେବାକୁ ଦିଆଯିବ ନାହିଁ। ଏହାର ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଏକ ସଭାରେ କହିଛନ୍ତି, ଆପ୍‌ଦା ଲୋକେ ନିର୍ବାଚନରେ ପରାଜୟ ଭୟରେ ମନଇଚ୍ଛା ଅଭିଯୋଗ ଆଣୁଛନ୍ତି। ସେମାନେ ଯେଉଁ ପାପ କରିଛନ୍ତି, ତାକୁ ହରିୟାଣା ଓ ଭାରତର ଲୋକେ କେବେ ଭୁଲିବେ ନାହିଁ। ହରିୟାଣା ସରକାର ପାଣିରେ ବିଷ ମିଶାଇଥିବେ ବୋଲି କେହି ଭାବିପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେପଟେ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ବୁଧବାର ଯମୁନା ନଦୀକୁ ଯାଇ ଏହାର ପାଣି ପିଇଛନ୍ତି। ରାଜନୈତିକ ଫାଇଦା ଆଶାରେ କେଜ୍‌ରିୱାଲ ଦେଇଥିବା ଦୁର୍ଭାଗ୍ୟଜନକ ମନ୍ତବ୍ୟ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। କେଜ୍‌ରିୱାଲ ସାରା ଜୀବନ ମିଛ କହିଆସିଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି।

ଇତିମଧ୍ୟରେ କେଜ୍‌ରିୱାଲଙ୍କ ମନ୍ତବ୍ୟକୁ ନେଇ ଭାଜପା ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି ତାଙ୍କୁ ବୁଧବାର ରାତି ୮ ସୁଦ୍ଧା ପ୍ରମାଣ ସମ୍ବଳିତ ଜବାବ ଦାଖଲ ପାଇଁ ପତ୍ର ଲେଖି ନିର୍ଦ୍ଦେଶ ଦେଇଥିଲେ। ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପୂର୍ବରୁ ଏହା ଉପରେ କେଜ୍‌ରିୱାଲ ୧୪ ପୃଷ୍ଠାର ଏକ ଜବାବ ଦାଖଲ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଭାଜପା ଶାସିତ ରାଜ୍ୟ ହରିୟାଣାରୁ ଆସୁଥିବା ଯମୁନା ଜଳ ଏତେ ବିଷାକ୍ତ ହୋଇଯାଇଛି ଯେ, ତାହା ମଣିଷଙ୍କ ଦ୍ୱାରା ବ୍ୟବହାରଯୋଗ୍ୟ ନୁହେଁ। ଏହାକୁ ପିଇଲେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ସେ ସଫେଇ ଦେଇଛନ୍ତି।


ଯମୁନା ନଦୀର ପାଣି ପିଉଛନ୍ତି ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି।

# ୧୯୫୪ରୁ ୨୦୨୫ କୁମ୍ଭମେଳାରେ ଦଳାଚକଟା

**ମହାକୁମ୍ଭନଗର(ୟୁପି), ୨୯।୧**

ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ମହାକୁମ୍ଭନଗରରେ ବୁଧବାର ମୌନୀ ଅମାବାସ୍ୟାରେ ବୁଡ଼ ପକାଇବା ପାଇଁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜୀବନ ଦଳାଚକଟାରେ ଚାଲିଯାଇଛି। ୬୦ରୁ ଅଧିକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି। ୨୫ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେମାନଙ୍କ ମଧ୍ୟରୁ ୪ ଜଣ କର୍ଣ୍ଣାଟକର ହୋଇଥିବାବେଳେ ଆସାମ ଓ ଗୁଜରାଟର ଜଣେ ଲେଖାଏ ରହିଛନ୍ତି। ମେଳା ପ୍ରଶାସନ ନିଖୋଜ ବ୍ୟକ୍ତିଙ୍କୁ ଠାବ ପାଇଁ ହେଲ୍ପଲାଇନ୍ ନମ୍ବର ୧୯୨୦ ଜାରି କରିଛି। ଆଗାମୀ ସ୍ନାନଗୁଡ଼ିକରେ ଭିଆଇପି ପ୍ରୋଟୋକଲକୁ ଅନୁମତି ଦିଆଯିବ ନାହିଁ ବୋଲି ରାଜ୍ୟର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସଙ୍ଗମ ଘାଟରେ ଏଠିସେଠି ମୃତକଙ୍କ ଜୋତା, ପୋଷାକ ପଡ଼ିରହିଛି। ଏହି ସ୍ମୃତି, ତିକ୍ତ ଅନୁଭୂତି ଚିରଦିନ ମନେରହିବ ବୋଲି ବିହାର ବେଗୁସରାଇର ଜଣେ ଶ୍ରଦ୍ଧାଳୁ ବାମଦା ଦେବୀ କହିଛନ୍ତି। ତେବେ କୁମ୍ଭମେଳାରେ ଏହା ପ୍ରଥମ ଦଳାଚକଟା ନୁହେଁ। ୧୯୫୪ରୁ ଘଟିଆସିଥିବା କେତେକ ଅନୁରୂପ ଘଟଣା ଉପରେ ଏକ ନଜର...।

**୧୯୫୪:** ଦେଶ ସ୍ୱାଧୀନ ହେବା ପରେ ପ୍ରଥମ କୁମ୍ଭମେଳାର ଆୟୋଜନ କରାଯାଇଥିଲା। କିନ୍ତୁ ଫେବୃଆରୀ ୩ରେ ମୌନୀ ଅମାବାସ୍ୟାରେ ବୁଡ଼ ପକାଇବାବେଳେ ଦଳାଚକଟା ଯୋଗୁ ବହୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୮୦୦ ଜଣ ଦଳାଚକଟା ଓ ସଙ୍ଗମ ଘାଟକୁ ଖସିପଡ଼ି ପ୍ରାଣ ହରାଇଥିଲେ।

**୧୯୮୬:** ହରିଦ୍ୱାରରେ କୁମ୍ଭମେଳା ବେଳେ ଦଳାଚକଟା ହୋଇଥିଲା। ଏଥିରେ ଅନ୍ୟୂନ ୨୦୦ ଜୀବନ ଯାଇଥିଲା। ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀର ବାହାଦୁର ସିଂ ଅନ୍ୟ କେତେଜଣ ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କୁ ସାଙ୍ଗରେ ଧରି ହରିଦ୍ୱାରରେ ପହଞ୍ଚିବା ପରେ ସୁରକ୍ଷା କର୍ମୀମାନେ ଭିଡ଼କୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏଥିଯୋଗୁ ଦଳାଚକଟା ହୋଇଥିବା ଜଣାପଡ଼ିଥିଲା।

**୨୦୦୩:** ମହାରାଷ୍ଟ୍ରର ନାସିକରେ ଗୋଦାବରୀ ନଦୀରେ କୁମ୍ଭମେଳା ବେଳେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହି ସମୟରେ ଦଳାଚକଟା ଯୋଗୁ ଅନେକ ମହିଳାଙ୍କ ସମେତ ୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଶତାଧିକ ଆହତ ହୋଇଥିଲେ।

**୨୦୧୩:** ଏହି ବର୍ଷ ଫେବୃଆରୀ ୧୦ରେ କୁମ୍ଭମେଳା ପାଇଁ ଆଲ୍ଲାହାବାଦ ରେଳ ଷ୍ଟେଶନରେ ପ୍ରବଳ ଗହଳି ହୋଇଥିଲା। ଦଳାଚକଟାରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪୫ ଆହତ ହୋଇଥିଲେ।

# ଇସ୍ରୋର ୧୦୦ତମ ଲଞ୍ଚିଂ ସଫଳ

**ଶ୍ରୀହରିକୋଟା, ୨୯।୧**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ବୁଧବାର ସକାଳ ୬ଟା ୨୩ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ୨୨୫୦ କିଲୋଗ୍ରାମ ଓଜନ ବିଶିଷ୍ଟ ନାଭିଗେଶନ ସାଟେଲାଇଟ 'ଏନ୍‌ଭିଏସ୍-୦୨'କୁ ବହନ କରୁଥିବା 'ଜିଏସ୍ଏଲ୍‌ଭି-ଏଫ୍୧୫' ରକେଟକୁ ସଫଳତାପୂର୍ବକ ଲଞ୍ଚ୍ କରିଛି। ଏହା ଇସ୍ରୋର ୧୦୦ତମ ଉତ୍କ୍ଷେପଣ ଥିଲା। ଏନ୍‌ଭିଏସ୍-୦୨ ହେଉଛି ଏନ୍‌ଭିଏସ୍ କ୍ରମର ଦ୍ୱିତୀୟ ସାଟେଲାଇଟ। ପୂର୍ବରୁ ଏହି କ୍ରମର ପ୍ରଥମ ସାଟେଲାଇଟ ଏନ୍‌ଭିଏସ୍-୦୧କୁ ୨୦୨୩ ମେ' ୨୯ରେ ଜିଏସ୍ଏଲ୍‌ଭି-ଏଫ୍୧୨ ରକେଟ ଜରିଆରେ ଲଞ୍ଚ୍ କରାଯାଇଥିଲା।



ଏନ୍‌ଭିଏସ୍-୦୨ ସାଟେଲାଇଟ ଲଞ୍ଚିଂ ଜରିଆରେ ଭାରତ ନିଜର ନାଭିଗେଶନ ସିଷ୍ଟମକୁ ଆହୁରି ଅଧିକ ମଜଭୁତ କରିବ ବୋଲି ମହାକାଶ ବିଶେଷଜ୍ଞମାନେ ମତ ରଖିଛନ୍ତି। ମହାକାଶ ନାଭିଗେଶନ କ୍ଷେତ୍ରରେ ଭାରତ ନୂତନ ଶିଖରକୁ ଛୁଇଁଛି ବୋଲି ଏହି ଅବସରରେ ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେହିପରି ଏହି ଉତ୍କ୍ଷେପଣ ଇସ୍ରୋ ପାଇଁ ନିଶ୍ଚିତଭାବେ ଏକ ଐତିହାସିକ ଉପଲବ୍ଧି ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଇସ୍ରୋ ୧୦୦ ପୃଥକ ମିଶନକୁ ସଫଳତାର ସହ ଲଞ୍ଚ୍ କରିବା ଦିଗରେ କାର୍ଯ୍ୟ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏନ୍‌ଭିଏସ୍-୦୨ ସାଟେଲାଇଟ୍ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ହୋଇଥିବା ସେ କହିଛନ୍ତି। ଗତବର୍ଷ ନଭେମ୍ବର ଏବଂ ଡିସେମ୍ବରରେ ଏହି ସାଟେଲାଇଟର ଟେଷ୍ଟିଂ କରାଯାଇଥିଲା। ପ୍ରକାଶ ଯେ, ୧୯୭୯ ଅଗଷ୍ଟ ୧୦ରେ ଶ୍ରୀହରିକୋଟାରୁ ଇସ୍ରୋ ନିଜର ପ୍ରଥମ ବଡ଼ ରକେଟର ଉତ୍କ୍ଷେପଣ କରିଥିଲା।




## ଫୁରସତ୍

### ପାକିସ୍ତାନୀ ବୋହୂ ହେବେ ରାକ୍ଷୀ

**ମୁମ୍ବାଇ**

ବଲିଉଡ୍‌ର ଡ୍ରାମା କୁଇନ ଭାବେ ପରିଚିତ ଅଭିନେତ୍ରୀ ରାକ୍ଷୀ ସାୱନ୍ତ ବୁଧବାର ଇନ୍‌ଷ୍ଟାଗ୍ରାମରେ ନିଜର ଏକ ଭିଡିଓ ଅପ୍‌ଲୋଡ କରିଛନ୍ତି, ଯେଉଁଥିରେ ସେ କହୁଛନ୍ତି, ତାଙ୍କୁ ବିବାହ କରିବା ପାଇଁ ପାକିସ୍ତାନୀ ଅଭିନେତା ତଥା ଫିଲ୍ମ ନିର୍ମାତା ଡୋଡି ଖାନ୍ ପ୍ରସ୍ତାବ ପକାଇଛନ୍ତି। ଡୋଡି ତାଙ୍କର ଦୀର୍ଘ ଦିନର ବନ୍ଧୁ। ଡୋଡିଙ୍କର ପ୍ରସ୍ତାବ ତାଙ୍କୁ ପସନ୍ଦ ଆସିଛି। ସେ ଓ ଡୋଡି ଏବେ ପରସ୍ପରକୁ ଭଲ ପାଉଛନ୍ତି। ଖୁବ୍‌ଶୀଘ୍ର ଉଭୟ ପ୍ରେମ ବିବାହ କରିବେ।

### ରୁଷୀୟ କନ୍ୟା, ୟୁକ୍ରେନୀୟ ବର

**କେରଳ ଆଶ୍ରମରେ ବିବାହ**



**ଥିରୁଭାନନ୍ତପୁରମ**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଗତ ୩ ବର୍ଷ ଧରି ଯୁଦ୍ଧ ଜାରି ରହିଛି। ୨ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିବା ସତ୍ତ୍ୱେ କେରଳର କୋଲ୍ଲମସ୍ଥିତ ଅମୃତପୁରୀ ଆଶ୍ରମର ମାତା ଅମୃତାନନ୍ଦମୟୀ ମନ୍ଦିରରେ ମଙ୍ଗଳବାର ୟୁକ୍ରେନୀୟ ଯୁବକ ସାଶା ଓଷ୍ଟ୍ରଭିକ୍ ଓ ରୁଷୀୟ ଯୁବତୀ ଓଲ୍ୟା ଓଷ୍ଟ୍ରଭିକ୍ ପରସ୍ପରକୁ ବିବାହ କରିଛନ୍ତି। ଏହି ବିବାହ କେବଳ କେରଳରେ ନୁହେଁ ବରଂ ପୂରା ଭାରତରେ ଚର୍ଚ୍ଚା ସାଉଣ୍ଟିଛି।

ୟୁକ୍ରେନ୍‌ର ରାଜଧାନୀ କିଭ୍ ନିବାସୀ ସାଶା ସମ୍ପ୍ରତି କେରଳର ଅମୃତ ବିଶ୍ୱ ବିଦ୍ୟାପୀଠମ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ବିଷୟରେ ପିଏଚ୍‌ଡି କରୁଛନ୍ତି। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେହିପରି ଅମୃତପୁରୀ ଆଶ୍ରମରେ ସାବିତ୍ରୀ ନାମରେ ପରିଚିତ ଓଲ୍ୟା ହେଉଛନ୍ତି ରୁଷିଆର ରାଜଧାନୀ ମସ୍କୋର ମୂଳ ନିବାସୀ। ୨୦୦୯ରେ ଭାରତକୁ ଆସିଥିବା ଓଲ୍ୟା ଅମୃତପୁରୀ ଆଶ୍ରମରେ ଦୀର୍ଘ ବର୍ଷ ଧରି ଜଣେ ଭଲ୍ୟୁଣ୍ଟିଅର ଭାବେ କାର୍ଯ୍ୟ କରୁଛନ୍ତି। ସେ ରୁଷିଆର ଏକ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ଯୋଗେ ମନୋବିଜ୍ଞାନ ଅଧ୍ୟୟନ କରୁଛନ୍ତି। ଅମୃତପୁରୀ ଆଶ୍ରମରେ ଦୁହେଁ ବିଭିନ୍ନ ଦେଶ ତଥା ପୃଷ୍ଠଭୂମିର ୨ ହଜାରରୁ ଅଧିକ ଲୋକଙ୍କ ସହ ରହୁଛନ୍ତି।

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ।-ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ
ପୂଜା ଓ ଉପବାସ, ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



# ବାଗ୍‌ଦାଦ ଓ ବୌଦ୍ଧଧର୍ମ



ଦେବଦତ୍ତ ପଟ୍ଟନାୟକ

ଆମେ ଇସ୍‌ଲାମ ଖଲିଫା ବିଷୟରେ ଶୁଣିଛୁ। ଅଷ୍ଟମ ଶତାବ୍ଦୀରେ ବାଗ୍‌ଦାଦରେ ଆବ୍ବାସିଦ ସାମ୍ରାଜ୍ୟ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ତ୍ରୟୋଦଶ ଶତାବ୍ଦୀରେ ଏହି ସାମ୍ରାଜ୍ୟ ପତନର କାରଣ ହୋଇଥିଲେ ମଙ୍ଗୋଲୀୟମାନେ। କିନ୍ତୁ ଇସ୍‌ଲାମ ସାମ୍ରାଜ୍ୟର କେନ୍ଦ୍ର ବାଗ୍‌ଦାଦରେ ଉଭୟ ଉତ୍ଥାନ କିମ୍ବା ପତନରେ ବୌଦ୍ଧଧର୍ମ କିଭଳି ପ୍ରମୁଖ ଭୂମିକା ନିଭାଇଥିଲା ତାହା ସମ୍ପର୍କରେ କମ୍ ଆଲୋଚନା ହୁଏ। ଏହି ବିଷୟକୁ ଏଡ଼ାଇ ଯିବାର କାରଣ ହେଉଛି, ଅନେକ ଐତିହାସିକ ଏହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ। ସେମାନଙ୍କ ମତରେ ଇସ୍‌ଲାମ ଶାସନର ପ୍ରାରମ୍ଭିକ ସମୟରେ ସମସ୍ତେ ମୁସଲମାନ ଧର୍ମାନ୍ତରିତ ହୋଇନାହାନ୍ତି। ଧର୍ମାନ୍ତରୀକରଣ ଧୀରେ ଧୀରେ ହୋଇଥିଲା ଓ ଏହା ଅନେକ ଶତାବ୍ଦୀ ଧରି ଚାଲିଥିଲା। ପରେ ଲେଖାଯାଇଥିବା ଅଧିକ ଇତିହାସ ଗ୍ରହଣ କରେ ଯେ, ୭ମ ଶତାବ୍ଦୀରେ ପ୍ରୋଫେଟ ମହମ୍ମଦଙ୍କ ଆଗମନ ହେବା ପରେ ଆରବ ମିଲିଟାରି ଅଭିଯାନ ବିସ୍ତାର ଲାଭ କରିଥିଲା। ଏହି ସମୟରେ ବିଜୟ ଲାଭ କରିଥିବା ସବୁ ଅଞ୍ଚଳକୁ ତତ୍‌କ୍ଷଣାତ ଇସ୍‌ଲାମରେ ପରିବର୍ତ୍ତନ କରାଯାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଅସତ୍ୟ ମନେହୁଏ।

ଇସ୍‌ଲାମ ସାମ୍ରାଜ୍ୟ ବିସ୍ତାର ହେବାରୁ ଆରବର ମକ୍କାରୁ ପ୍ରଥମେ ଭୂମଧ୍ୟସାଗର ନିକଟସ୍ଥ ଡାମାସ୍କସକୁ ସ୍ଥାନାନ୍ତର ହୋଇଥିଲା। ତାହା ପରେ ଏବକାର ଇରାକର ରାଜଧାନୀ ବାଗ୍‌ଦାଦକୁ ଆସିଥିଲା। ଇସ୍‌ଲାମ ସାମ୍ରାଜ୍ୟର ପ୍ରାରମ୍ଭରେ ଏହାକୁ ପଶ୍ଚିମରେ ଖ୍ରୀଷ୍ଟିଆନ ଓ ପୂର୍ବରେ ବିଶେଷକରି ପାରସ୍ୟ(ଏବକାର ଇରାନ) ରେ ଜୋରାଷ୍ଟ୍ରିଆନ୍ ସହ ସଂଘର୍ଷ କରିବାକୁ ପଡ଼ିଥିଲା। ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଦୀର୍ଘ ଇତିହାସ ଥିବା ପର୍ସିଆନ ବା ଇରାନୀୟଙ୍କଠାରେ ଶାସନର ଗଭୀର ଜ୍ଞାନ ରହିଥିଲା ଏବଂ ବାଗ୍‌ଦାଦର ଉତ୍ଥାନରେ ସେମାନଙ୍କର ପ୍ରମୁଖ ଭୂମିକା ଥିଲା। ତେବେ ସେମାନେ ମଧ୍ୟ ସେମାନଙ୍କର ପ୍ରାଚୀନ ପାର୍ସୀ ପରମ୍ପରାଗୁଡ଼ିକୁ ପରିବର୍ତ୍ତନ କରି ନୂଆ ଆରବୀୟ ପରମ୍ପରାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ବାଗ୍‌ଦାଦ ଶିକ୍ଷାର କେନ୍ଦ୍ର ପାଲଟିଥିଲା, ଯେଉଁଠାରେ ଗଣିତ, ବିଜ୍ଞାନ ଏବଂ ଭାଷାର ବିକାଶ ହୋଇଥିଲା। ଭାରତରୁ ୟୁରୋପକୁ ଜ୍ଞାନ ବିତରଣ କରିବାରେ ଏହି ସହର ପ୍ରମୁଖ ଭୂମିକା ନିଭାଇଥିଲା। ବାଗ୍‌ଦାଦରେ ଥିବା ପ୍ରତିଷ୍ଠିତ ହାଉସ ଅଫ୍ ୱିସ୍‌ଡମ୍ ବା ଗ୍ରାଣ୍ଡ ଲାଇବ୍ରେରି ସଂସ୍କୃତ ବହିକୁ ଆରବୀୟ ଭାଷାରେ ଅନୁବାଦ କରି ପାଶ୍ଚାତ୍ୟକୁ ଜ୍ଞାନ ବିତରଣ କରିବାରେ ସକ୍ଷମ ହୋଇ ଶେଷରେ ବିଜ୍ଞାନ ବିପ୍ଳବରେ ସହାୟକ ହୋଇଥିଲା।

ବାଗ୍‌ଦାଦର ଉତ୍ଥାନରେ ବାରମାକିଡ ପରିବାରର ଭୂମିକାକୁ ପ୍ରାୟତଃ ଆମେ ଅଣଦେଖା କରିଛୁ। ଇସ୍‌ଲାମ ଧର୍ମକୁ ଗ୍ରହଣ କରିଥିବା ବାରମାକିଡମାନେ ମୂଳରୁ ବୌଦ୍ଧ ଥିଲେ। ସେମାନେ ହେଉଛନ୍ତି କେନ୍ଦ୍ର ଏସିଆର ନବ ବିହାର ମଠର



ପୂର୍ବତନ ମୁଖ୍ୟ। ସେମାନେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ସେମାନେ ସେମାନଙ୍କ ସନ୍ନ୍ୟାସ ପୃଷ୍ଠଭୂମିରୁ ବ୍ୟାପକ ଜ୍ଞାନ ହାସଲ କରିଥିଲେ। ଏହାସହ ଔଷଧ, ଗଣିତ, ପ୍ରାଚୀନ ରସାୟନ ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ଜ୍ଞାନର ଅଧିକାରୀ ବି ଥିଲେ। ସେମାନଙ୍କର ଜ୍ଞାନ ପ୍ରତି ଯେଉଁ ନିରନ୍ତର ଉତ୍ସାହ ରହିଥିଲା ତାହା ଇସ୍‌ଲାମ ଧର୍ମ ଶାସ୍ତ୍ର ତୁଳନାରେ ଯଥେଷ୍ଟ ଆଗରେ ରହିଥିଲା। ଏହି ଜ୍ଞାନର ଧାରା ଏକ ସୁବର୍ଣ୍ଣ ଯୁଗକୁ ବାଟ କଢ଼ାଇ ନେଇଥିଲା, ଯାହା ବାଗ୍‌ଦାଦକୁ ଶିକ୍ଷା ଏବଂ ସଂସ୍କୃତିର ଏକ ବୈଶ୍ୱିକ କେନ୍ଦ୍ର ଭାବେ ଗଢ଼ି ତୋଳିଥିଲା। ଆମେ ଏହି ସୁବର୍ଣ୍ଣଯୁଗର କଥା ଆରବିଆନ୍ ନାଇଟ୍ସ ଲୋକକଥାରେ ଶୁଣିବାକୁ ପାଉ। ଡିସ୍‌ନେର ଆଲାଦ୍ଦିନ କାହାଣୀରେ ଖଳ ଚରିତ୍ର ଜାଫର୍‌ଙ୍କୁ ଅନେକେ ଜାଣିଥିବେ। କିନ୍ତୁ ଜାଫର୍ ମୂଳତଃ ଜଣେ ବୌଦ୍ଧ ପରିବାରର ସଦସ୍ୟ ବୋଲି ଖୁବ୍ କମ୍ ଜାଣନ୍ତି। ବାରମାକିଡ ପରିବାର ବାଗ୍‌ଦାଦକୁ ଏକ ଗୋଲାକାର ଶୈଳୀରେ ଗଢ଼ିବାକୁ ଶାସକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଡିଜାଇନ ବିଶେଷକରି କେନ୍ଦ୍ରରେ ଆଦି ବୁଦ୍ଧ ଓ ତାଙ୍କ ଚାରିପାଖରେ ଧ୍ୟାନୀ ବୁଦ୍ଧ ଏବଂ ବୋଧିସତ୍ତ୍ୱମାନେ ରହିଥିବା ବୌଦ୍ଧ ତାନ୍ତ୍ରିକ ମଣ୍ଡଳକୁ ଦୃଷ୍ଟିରେ ରଖି କରାଯାଇଥିଲା। ତେବେ ବାରମାକିଡ ପରିବାର ବା ବଂଶର ବୌଦ୍ଧଧର୍ମ ସହ ସମ୍ପର୍କ ଥିବା ଯୋଗୁ ସେମାନେ ହଠାତ ଏବଂ ନାଟକୀୟ ଭାବେ ରାଜକୀୟ କୃପାରୁ ବଞ୍ଚିତ ହୋଇଥିବା ଅନୁମାନ କରାଯାଏ।

ତ୍ରୟୋଦଶ ଶତାବ୍ଦୀରେ ଯେଉଁ ମଙ୍ଗୋଲୀୟମାନେ ବାଗଦାଦ୍‌କୁ ନଷ୍ଟ କରିଦେଇଥିଲେ ସେମାନେ ଥିଲେ ବଜ୍ରଯାନ ବୌଦ୍ଧ ଧର୍ମର ଅନୁଗାମୀ। ସେମାନେ ଅବଲୋକିତେଶ୍ୱରଙ୍କ ଭୟଙ୍କର ରୂପ ମହାକାଳ ଭୈରବଙ୍କ ଉପାସକ ଥିଲେ ଏବଂ ସେମାନେ ଏହି ଯୁଦ୍ଧ ଦେବୀଙ୍କ ଅଲୌକିକ ଶକ୍ତିକୁ ସେମାନଙ୍କ ଯୁଦ୍ଧ ଅଭିଯାନରେ ବ୍ୟବହାର କରୁଥିଲେ। ଏହା ଥିଲା ମହାକାଳଙ୍କ ଭୟ ସୃଷ୍ଟିକାରୀ ପ୍ରଭାବ, ଯାହା ବାଗଦାଦ୍‌କୁ ଅଧିକ ନଷ୍ଟ କରିଥିଲା ବୋଲି ସେମାନେ ବିଶ୍ୱାସ କରନ୍ତି। ତିବ୍ବତୀୟ ବୌଦ୍ଧଧର୍ମର ଯୁଦ୍ଧ ଅଲୌକିକତା ବା ଯାଦୁ ମଙ୍ଗୋଲୀୟଙ୍କୁ ବୌଦ୍ଧଧର୍ମ ପ୍ରତି ଆକର୍ଷିତ କରିଥିଲା। ସେମାନଙ୍କର ନିଜସ୍ୱ ଈଶ୍ୱର ଥିଲେ, କିନ୍ତୁ ଏହି ଅଲୌକିକ ଶକ୍ତି ସେମାନଙ୍କୁ ଆକୃଷ୍ଟ କରିଥିଲା। ଶେଷରେ ବୌଦ୍ଧଧର୍ମର ଦୟାଭାବକୁ ବ୍ୟବହାର କରି ମଞ୍ଚୁ ଶାସନ କାଳରେ ଚାଇନାର ସମ୍ରାଟମାନେ ହିଂସ୍ର ମଙ୍ଗୋଲୀୟଙ୍କୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଥିଲେ।

ତ୍ରୟୋଦଶ ଶତାବ୍ଦୀରେ ଇରାନର ମଙ୍ଗୋଲ ଶାସକ ହୁଲଗୁ ଖାନ୍‌ଙ୍କ ଶାସନ ସମୟରେ ବୌଦ୍ଧ ଓ ଜୋରୋଷ୍ଟ୍ରିଆନ ସାଙ୍କେତିକ ତତ୍ତ୍ୱଗୁଡ଼ିକ ଇସ୍‌ଲାମିକ କଳାକୁ ପ୍ରଭାବିତ କରିବାକୁ ଲାଗିଲା। ଉଦାହରଣ ସ୍ୱରୂପ, ଏହି ଶାସନ ସମୟର କେତେକ ପୁରାତନ ଇସ୍‌ଲାମିକ ପେଣ୍ଟିଂରେ ତାନ୍ତ୍ରିକ ବୌଦ୍ଧଧର୍ମ ଓ ଜୋରୋଷ୍ଟ୍ରିଆନ ଧର୍ମର ସଙ୍କେତ ଦେଖିବାକୁ ମିଳେ। ଏହି ସମୟରେ ଚାଇନାରେ ମୁଦ୍ରଣ ଛାପାଖାନା ଥିବାରୁ ସେଠାରୁ ପ୍ରଥମେ କାଗଜ ଇରାନକୁ ଆସିଥିଲା। ବାଗ୍‌ଦାଦ ଚାଇନାରୁ କାଗଜ ଆଣିବାକୁ ଚାହିଁଥିଲା କିନ୍ତୁ ପ୍ରିଣ୍ଟିଂ ପ୍ରେସ ନୁହେଁ। ଚମତ୍କାର ଭାବରେ ମନ୍ତ୍ରଗୁଡ଼ିକର ମୁଦ୍ରିତ ସିଟ୍( ଯନ୍ତ୍ର) ବ୍ୟବହାର କରିବାର ତିବ୍ବତୀୟ ପରମ୍ପରାରୁ ଇସ୍‌ଲାମର ତାବିଜ ସୃଷ୍ଟି ହୋଇଥିଲା।

ତେବେ ବୌଦ୍ଧଧର୍ମାବଲମ୍ବୀଙ୍କ ପୁନର୍ଜନ୍ମ ସିଦ୍ଧାନ୍ତ ବା ବିଚାର ବାଗ୍‌ଦାଦର ଖଲିଫାଙ୍କ ଉପରେ ମଙ୍ଗୋଲୀୟଙ୍କ ବିଜୟକୁ ଦର୍ଶାଇବାରେ ବ୍ୟବହାର କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ବୁଦ୍ଧ ଏବଂ ଆଦି ପ୍ରୋଫେଟଙ୍କ ପୁନର୍ଜନ୍ମ ଲାଭ କରିଥିଲେ ମଙ୍ଗୋଲୀୟମାନେ। ଏହି କାହାଣୀ ଇସଲାମ ପଥରୁ ଦୂରେଇ ଯାଇଥିବା ଏକ ଦୁର୍ନୀତିଗ୍ରସ୍ତ ଶାସନକୁ ତଡ଼ି ଦେବା ପାଇଁ ନୈତିକ ଅଧିକାର ଦେଇଥିଲା। ଯେତେବେଳେ ମଙ୍ଗୋଲଙ୍କ ସହ ତାନ୍ତ୍ରିକ ବୌଦ୍ଧ ଧର୍ମ ବାଗଦାଦ ପତନର କାରଣ ହୋଇଥିଲା, ସେତେବେଳେ ଖିଲିଜମାନେ ଭାରତକୁ ଶାସନ କରୁଥିଲେ। ଏକ କିମ୍ବଦନ୍ତୀ ଅନୁଯାୟୀ, ସେହି ସମୟରେ ହୁଲଗୁ ଖାନ୍‌ଙ୍କ ଜେଜ ଚେଙ୍ଗିଜ ଖାନ୍ ଏକ ଗଣ୍ଡା (ବୌଦ୍ଧ ସନ୍ନ୍ୟାସୀଙ୍କ ଏକାନ୍ତତାର ସଙ୍କେତ)କୁ ଦେଖିବା ପରେ ସେ ଭାରତରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ସମ୍ଭବତଃ ଏହା ବୌଦ୍ଧମାନଙ୍କ ଯୁଦ୍ଧ-ଯାଦୁ, ଯାହା ତାଙ୍କୁ ଫେରାଇଦେଇ ପଶ୍ଚିମ ଏସିଆରେ ତାଙ୍କ ଶକ୍ତି ଖଟାଇବାକୁ ବାଧ୍ୟ କରିଥିଲା। କିନ୍ତୁ ତାଙ୍କ ନାତି ଏହି ଯୁଦ୍ଧ ଯାଦୁ ବା ଅଲୌକିକତାକୁ ବ୍ୟବହାର କରି ପ୍ରତିଷ୍ଠା କରିଥିବା ଏକ ବିଶାଳ ସାମ୍ରାଜ୍ୟକୁ ବିଶ୍ୱ ସବୁବେଳେ ମନେରଖିଛି। କୁବ୍‌ଲାଇ ଖାନ୍ ଚାଇନାରେ ତାନ୍ତ୍ରିକ ବୌଦ୍ଧ ଧର୍ମକୁ ବ୍ୟବହାର କରିଥିବାବେଳେ ହୁଲଗୁ ପାରସ୍ୟରେ ସମାନ କାର୍ଯ୍ୟ କରିଥିଲେ। କିନ୍ତୁ ଅଧିକାଂଶ ଲୋକ କୁବଲାଇଙ୍କୁ ଜାଣନ୍ତି, ଅଳ୍ପ କିଛି ହୁଲଗୁ ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହିପରି ବୌଦ୍ଧ ଧର୍ମକୁ ଅନେକ ସମୟରେ ସହନଶୀଳ ଓ ଅହିଂସକ ଧର୍ମ ଭାବେ ପ୍ରତିଫଳନ କରାଯାଉଥିବାବେଳେ ବିଶାଳ ମୁସଲିମ ସହର ବାଗ୍‌ଦାଦର ଉତ୍ଥାନ ଓ ପତନରେ ଏହାର ପ୍ରଭାବ ସହାୟକ ହୋଇଥିଲା।

-devduttofficial@gmail.com

# କାମନା ଓ ଦ୍ୱନ୍ଦ୍ୱ



ଅନୀତା ପଟ୍ଟନାୟକ

ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଶ୍ରୀମନ୍ଦିର ଭିତରେ ଗରୁଡ଼ସ୍ତମ୍ଭର ବାମକୋଣରେ ଚୁପ୍‌କରି ବସିଗଲି। ଆଖି ଖୋଲା ଥିବା ସତ୍ତ୍ୱେ ଠାକୁରଙ୍କର ଦର୍ଶନ ହୋଇପାରୁ ନ ଥିଲା। ହୁଣ୍ଡିରେ ଲୋକମାନେ ପଇସା, ଧନରତ୍ନ ପକାଇ ଠାକୁରଙ୍କ ଦର୍ଶନ ପାଇଁ ଆଗକୁ ମାଡ଼ି ଚାଲୁଥିଲେ। ମନରେ ଆସିଲା ଶ୍ରୀଚୈତନ୍ୟ, ଦାସିଆ ବାଉରୀ, ସାଲବେଗ, ଜଗନ୍ନାଥ ଦାସ ପ୍ରଭୃତି ଶ୍ରୀମନ୍ଦିର ହୁଣ୍ଡିରେ କେତେ ପଇସା ଦେଇଥିବେ। ମନ କହିଲା ମୂର୍ଖ! ସେତେବେଳେ ହୁଣ୍ଡି ନ ଥିବ। କିଛି ସମୟ ଧ୍ୟାନ କରିବାରୁ ଜଗନ୍ନାଥଙ୍କ କୃପାରୁ ହୃଦୟଙ୍ଗମ କଲି ଭଗବାନ + କାମନା ହେଉଛି ମଣିଷ। ମଣିଷ - କାମନା ହେଉଛି ଭଗବାନ। ଭଗବାନ ଯେତେବେଳେ କାମନା, ବାସନାଶୂନ୍ୟ, ମୁଁ କାହିଁକି କାମନା କରୁଛି ବା ଆମେ କାହିଁକି କାମନା କରୁଛୁ। ତେଣୁ ଭଗବାନଙ୍କୁ କୁହାଯାଏ କାମନାବିହୀନ ଯୋଗୀ।

ଆଖି ବନ୍ଦକଲି। ଜଗନ୍ନାଥଙ୍କୁ ପଚାରିଲି, ମୋର ଏ କାମନା ଆସୁଛି କେଉଁଠାରୁ? ହୃଦୟରୁ ଉତ୍ତର ମିଳିଲା, ସାଂସାରିକ ବନ୍ଧନରୁ। ମୁଁ ଯେତେ ଯେତେ ସଂସାର ବନ୍ଧନରେ ବାନ୍ଧି ହେଉଛି, ମୋର ସେତେ ସେତେ କାମନା ବଢ଼ୁଛି। ଏବେ ବୁଝିପାରିଲି ଯେଉଁମାନଙ୍କର ପୃଥିବୀ ସହ ବନ୍ଧନ ନାହିଁ ସେହିମାନଙ୍କୁ ଯୋଗୀ, ଋଷି, ମହାପୁରୁଷ କୁହାଯାଏ। ପୃଥିବୀର ସୁଖ, ସ୍ୱାଚ୍ଛନ୍ଦ୍ୟ, ଆରାମ ସେମାନଙ୍କ ନିକଟରେ ନ ଥାଏ। ମୁଁ ଭାବିଲି, ଏ କୋଣରେ ବସି ଭଗବାନଙ୍କୁ ଦେଖିବାକୁ ଚାହୁଁଛି। କଥା ହେବାକୁ ଚାହୁଁଛି। ହୃଦୟଙ୍ଗମ କରିବାକୁ ଚାହୁଁଛି। ଭିତରୁ ଉତ୍ତର ମିଳିଲା, ଏସବୁ ମୂଲ୍ୟହୀନ। କିଛି ନ ଚାହିଁବା ହିଁ ଆଧ୍ୟାତ୍ମିକତା। ଜଗନ୍ନାଥ କହିଲେ, ମୁଁ କ୍ଷୁଦ୍ରଠାରୁ କ୍ଷୁଦ୍ର ବଡ଼ ଠାରୁ ମଧ୍ୟ ବଡ଼। ଅଣୁରୁ ଅଣୀୟାନ ମହତୋ ମହୀୟାନ ଏକ ନୀରବଦ୍ରଷ୍ଟା। ମୁଁ ଯେତେବେଳେ ସର୍ବତ୍ର ବିଦ୍ୟମାନ ମତେ ପାଇବାକୁ ଆଶା କରିବା ଏକ ବୃଥା ପ୍ରୟାସ ନୁହେଁ କି? ଭାବିଲି ମଣିଷ କାମନା ସେତେବେଳେ କରେ ଯେତେବେଳେ ତାହା ପାଖରେ ନ ଥାଏ। ଭଗବାନ କ'ଣ ଏକ ବସ୍ତୁ ଯାହାକୁ ପାଇବାକୁ ମୁଁ କାମନା କରିବି? ମୁଁ ଭଗବାନଙ୍କୁ ଚାହେଁ, ମୁଁ ତାଙ୍କ ଭିତରେ ରହିବାକୁ ଚାହେଁ। ଏସବୁ ବୃଥା ପ୍ରଯତ୍ନ। କାରଣ ସେ ସର୍ବତ୍ର ସବୁ ସମୟରେ ବିଦ୍ୟମାନ। ଜଗନ୍ନାଥଙ୍କୁ କହିଲି, ହଉ ଛାଡ଼। ଆଜିକାଲି ଏଠି ନୂଆ ନୂଆ କୋଠା ତିଆରି ହେଉଛି। ପେନ୍‌ସନ ଗଣ୍ଡାଏ ପାଉଛି। ଗୋଟିଏ ଭଲ ଘର ତୁମ ପାଖରେ ରହିବା ପାଇଁ କରିଦିଅନ୍ତି କି? ଜଗନ୍ନାଥ କହିଲେ, ପୁରୀରେ ତୋର ଘର ଅଛି ଆଉ ଗୋଟାଏ ଘର କରିବୁ କ'ଣ? ମୁଁ କହିଲି, ମୁଁ ତ ଦେଖିପାରୁନାହିଁ। ସେ କହିଲେ, ମୁଁ ତୋର ହୃଦୟକୋଠରିରେ ବିଦ୍ୟମାନ। ମୁଁ ପଚାରିଲି, ମୁଁ କ'ଣ କଲେ ତୁମକୁ ଉପଲବ୍ଧି କରିବି? ଜଗନ୍ନାଥ କହିଲେ, କିଛି ନ କଲେ। କରିବା ତୋର ଚିନ୍ତାରୁ ଉତ୍ପନ୍ନ ହେଉଛି। ମନ କେତେକ ଚିନ୍ତାର ସମଷ୍ଟି। ଚିନ୍ତାଶୂନ୍ୟ ମନ ହିଁ ଭଗବତ ଉପଲବ୍ଧିର ଉପାୟ। ଚିନ୍ତା ଶୂନ୍ୟ ମନ ହିଁ ସମାଧିସ୍ଥ ଅବସ୍ଥା। ମନ ସାଂସାରିକ ଜିନିଷକୁ ବର୍ଣ୍ଣନା କରିପାରେ। ମୁଁ ମନରୁ ଊର୍ଦ୍ଧ୍ୱ ଏବଂ ବର୍ଣ୍ଣନାତୀତ।

ଧର୍ମର ସଂଜ୍ଞା ହେଉଛି ଆଶ୍ୱସ୍ତତା। ଉଦ୍‌ବେଗ ସାଂସାରିକ କାମନା ବାସନାରୁ ଜାତ। ତେଣୁ କିଛି କାମନା କରିବା ଓ ଉଦ୍‌ବେଗ ଶୂନ୍ୟ ହେବା ହିଁ ଧର୍ମ। ଚିନ୍ତା ଶୂନ୍ୟତା ନାହିଁ ମଣିଷକୁ ଉଦ୍‌ବେଗଶୂନ୍ୟ ସ୍ଥିତିକୁ ନେଇପାରେ। ମନ ସାଂସାରିକ ଜିନିଷ ନେଇ ବିଚଳିତ କରାଏ। ଆମେ ଲୋକମାନଙ୍କୁ ଗମ୍ଭୀର ମୁହଁ, ରାଗ ମୁହଁ ଓ ଲମ୍ବ ମୁହଁ ଦେଖାଉ। ହସ ହସ ମୁହଁ ନ ଥାଏ। ଉଦ୍‌ବେଗରେ ହସ ମୁହଁ ଆସିବ କେଉଁଠୁ? ଜଗନ୍ନାଥ କହିଲେ, ମୁଁ ଆନନ୍ଦ ହିଁ ଆନନ୍ଦ। ତୁମେ କେବେ ଶୁଣିଛ ଜଗନ୍ନାଥ ଦୁଃଖ ହିଁ ଦୁଃଖ। ତୁମେ ଆନନ୍ଦିତ ଅବସ୍ଥାରେ ରୁହ। ମୁଁ ପଚାରିଲି, ମୋର କାମନା ବାସନା ଆସୁଛି କେଉଁଠୁ? ଜଗନ୍ନାଥ କହିଲେ, ତୋର ଚିନ୍ତାରୁ ଉତ୍ପତ୍ତିସ୍ଥଳ ଖୋଜି ବାହାର କର। ଦେଖିବୁ ଚିନ୍ତା ଅପସରିଯିବ।

ଜଗନ୍ନାଥ କହିଲେ, କ୍ଷମତା ଓ ପ୍ରତିପତ୍ତି ତୋର ଗର୍ବରୁ ଜାତ। ଏହା ଏକ ଦ୍ୱୀପ ସଦୃଶ ଯାହାକି ଭଗବାନଙ୍କଠାରୁ ତତେ ଅଲଗା ରଖେ। ସବୁବେଳେ କହ, ମୁଁ ଆସିଛି ଭଗବାନଙ୍କର ସେବା କରିବା ପାଇଁ ସେବା ନେବା ପାଇଁ ନୁହେଁ। ସମ୍ପତ୍ତି ଠୁଳ କରିବାକୁ ନୁହେଁ। ପ୍ରେମର ବନ୍ଧନରେ ବାନ୍ଧିହେବା ପାଇଁ ମୁଁ ଆସିଛି। ମୁଁ ପ୍ରସିଦ୍ଧି ଲାଭ କରିବା ପାଇଁ, ନାମ, ଯଶ, କୀର୍ତ୍ତି ସ୍ଥାପନ କରିବା ପାଇଁ ଆସିନାହିଁ। ମୁଁ ଆସିଛି ହୃଦୟ ମନ୍ଦିରରେ ତୁମକୁ ଉପଲବ୍ଧି କରିବା ପାଇଁ ଅନ୍ୟ ସହ ପ୍ରତିଯୋଗିତା ପାଇଁ ନୁହେଁ। ଆଖି ଖୋଲିଲି, ମୁଁ ଘରେ ବସିଛି ଏହା ଥିଲା ମୋର କଳ୍ପନା ମାତ୍ର।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ପେସାରେ ଶିକ୍ଷୟିତ୍ରୀ। ହେଲେ ଫୁଲ ଚାଷ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। କେରଳ ଥ୍ରିଶୁର ଜିଲା ବାସିନ୍ଦା ଲତିକା ସୁତାନ ବଗିଚାରେ ପଦ୍ମ ଓ କଇଁ ଫୁଲ ଚାଷ କରି ମାସକୁ ୪୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ଘରେ କିଭଳି ବିଭିନ୍ନ ବିଦେଶୀ ଫୁଲ ଚାଷ କରାଯାଇପାରିବ ସେ ସମ୍ପର୍କରେ ଅନ୍ୟମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ଲତିକା ୧୦୦ କିସମର ପଦ୍ମ ଫୁଲ ଏବଂ ୮୦ ପ୍ରକାରର କଇଁଫୁଲ ଚାଷ କରୁଛନ୍ତି। ଏଗୁଡ଼ିକୁ ସେ ଥାଇଲାଣ୍ଡ, ଜାପାନ, ଭିଏତନାମ ଆଦି ଦେଶରୁ ଆମଦାନୀ କରିଛନ୍ତି। ଫୁଲ ଚାଷ ଅଭ୍ୟାସ ଲତିକାଙ୍କର ପିଲାଦିନରୁ ରହିଥିଲା। ସେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେବା ପରେ ମଧ୍ୟ ଏଥିରୁ ଓହରି ନ ଥିଲେ। ଏବେ ତାଙ୍କ ବୟସ ୫୧। ୨୦୧୮ରୁ ସେ ପଦ୍ମ ଓ କଇଁ ଚାଷର ବ୍ୟବସାୟୀକରଣ ଆରମ୍ଭ କରିଥିଲେ। ଲତିକା ଫୁଲ ବିକ୍ରି କରିବା ସହ ପ୍ରତିମାସରେ ୧୫୦ରୁ ଅଧିକ ପଦ୍ମଫୁଲ ଚାରା ଏବଂ ୧୦୦ରୁ ଊର୍ଦ୍ଧ୍ୱ କଇଁ ଚାରା ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଜାନୁଆରୀ ୧୯୭୬

- ତିରୁପତି ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୯ ମହିଳା ଓ ଶିଶୁଙ୍କ ସମେତ ୧୧ ଜଣଙ୍କର ମୃତ୍ୟୁ।
- ସହରାଞ୍ଚଳ ଭୂ-ସମ୍ପତ୍ତିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଏବଂ ସେହି ଜମି ଉପରେ କୋଠାଘର ନିର୍ମାଣ ସଂକ୍ରାନ୍ତ ନୀତିନିୟମ ପ୍ରଣୟନ ବା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ବହୁପ୍ରତିକ୍ଷିତ ବିଲ୍ ଲୋକସଭାରେ ଆଗତ କରାଯାଇଛି।
- ପୂର୍ବତନ ସ୍ପେନ ଅଧିକୃତ ସାହାରା ଅଞ୍ଚଳରେ ଆଲଜରିଆ ଓ ମରକ୍କୋର ସମସ୍ତ ବାହିନୀ ମଧ୍ୟରେ ପୁନରାୟ ପ୍ରବଳ ଯୁଦ୍ଧର ସୂତ୍ରପାତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | | |
| | 2 | | | | | | | 4 |
| 5 | | | | | 6 | | | 1 |
| | | 6 | 8 | | 4 | 1 | | |
| | | | 5 | | 1 | | 3 | |
| 8 | | 5 | | 6 | 2 | | | |
| | 6 | 4 | | 3 | | | | |
| 3 | | | | | | | 9 | |
| | 8 | | 1 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 8 | 9 | 7 | 2 | 3 | 4 |
| 9 | 3 | 2 | 1 | 5 | 4 | 6 | 7 | 8 |
| 8 | 7 | 4 | 2 | 3 | 6 | 5 | 1 | 9 |
| 3 | 5 | 9 | 4 | 7 | 2 | 8 | 6 | 1 |
| 6 | 2 | 8 | 9 | 1 | 3 | 7 | 4 | 5 |
| 4 | 1 | 7 | 5 | 6 | 8 | 9 | 2 | 3 |
| 1 | 4 | 5 | 7 | 2 | 9 | 3 | 8 | 6 |
| 2 | 9 | 6 | 3 | 8 | 1 | 4 | 5 | 7 |
| 7 | 8 | 3 | 6 | 4 | 5 | 1 | 9 | 2 |

ଗତକାଲିର ଉତ୍ତର

# ଇତିହାସ ବଦଳିବ ନାହିଁ



ବିଚିତ୍ର ବିଶ୍ୱାଳ

ଗାନ୍ଧୀଙ୍କୁ ଗୁଳିରେ ମାରି ହୁଏନି କି ମୂର୍ତ୍ତି ତିଆରି କରି ନାଥୁରାମକୁ ମହାନ୍ କରି ହୁଏନି। ବର୍ତ୍ତମାନକୁ ହୁଏତ ରଙ୍ଗ ମାଖି ଲୁଚାଇ ଦିଆଯାଇପାରେ, କିନ୍ତୁ ନିଷ୍ଠୁର ଇତିହାସ ସମସ୍ତଙ୍କ ମୁଖା ଖୋଲିଦିଏ। ଇତିହାସ ଗାନ୍ଧୀ ଓ ନାଥୁରାମଙ୍କୁ ନିଜ ନିଜ ସ୍ଥାନରେ ରଖିଦେଇଛି ଓ ଯୁଗ ଯୁଗ ଯାଏ ରଖିଥିବ ମଧ୍ୟ। ଇତିହାସକୁ କିଛି କ୍ଷଣ ପାଇଁ ବିକୃତ କରାଯାଇପାରେ କିନ୍ତୁ ଇତିହାସକୁ ବଦଳା ଯାଇପାରିବ ନାହିଁ। ଇତିହାସକୁ ବିକୃତ କରିବାର ଧାରା ସଂପ୍ରତି ଖୁବ୍ ଯୋଜନାବଦ୍ଧ ଭାବେ କରାଯାଉଛି। କିନ୍ତୁ ଏହା କହିବା ନିଷ୍ପ୍ରୟୋଜନ ଯେ, ଏହା କେବଳ ଏକ ନିଷ୍ଫଳ ପ୍ରୟାସ ହୋଇ ହିଁ ରହିଯିବ।

ଦୁଇ ବର୍ଷ ତଳେ ପଶ୍ଚିମବଙ୍ଗର ଏକ ଦୁର୍ଗାପୂଜାରେ ମହିଷାସୁରର ଚେହେରାକୁ ଏପରି ତିଆରି କରାଯାଇଥିଲା ଯେ ତାହା ମହାତ୍ମା ଗାନ୍ଧୀଙ୍କ ଚେହେରା ସହିତ ପ୍ରାୟ ମିଶୁଥିଲା। ମୋଟାମୋଟି ଭାବେ କହିଲେ ସେହି ଦୁର୍ଗାପୂଜାରେ ଦେବୀ ଦୁର୍ଗାଙ୍କ ଦ୍ୱାରା ଗାନ୍ଧୀଙ୍କୁ ହତ୍ୟା କରାଯାଉଥିବା ଦେଖାଯାଇଥିଲା। ମହିଷାସୁରର ଚେହେରାକୁ ଗାନ୍ଧୀଙ୍କ ଭଳି ତିଆରି କରି ଆୟୋଜକମାନେ କେବଳ ଦେବୀଙ୍କୁ ଅପମାନିତ କରିନାହାନ୍ତି, ମହିଷାସୁରକୁ ମାନବୀୟ ରୂପ ପ୍ରଦାନ କରି ନିଜ ସ୍ଖଳିତ ନୀତି ଓ ଆଦର୍ଶର ଖୋଲା ପରିଚୟ ଦେଇଛନ୍ତି। ସାରା ଦେଶରେ ଏପରି କାମର ବିରୋଧ ହେବାରୁ ଶେଷରେ ଆୟୋଜକମାନେ ଗାନ୍ଧୀଙ୍କ ଭଳି ଦିଶୁଥିବା ମହିଷାସୁର ମୂର୍ତ୍ତିରେ ଚୁଟି, ଦାଢ଼ି ଓ ନିଶ ଲଗାଇ ନିଜ ଦୋଷ ଲୁଚେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆୟୋଜକମାନଙ୍କ କୁତ୍ସିତ ଉଦ୍ଦେଶ୍ୟ ଲୁଚି ନ ଥିଲା। କେବଳ ସେହି ଦୁର୍ଗାପୂଜାର ଆୟୋଜକ ନୁହନ୍ତି, ପୂର୍ବରୁ ଆହୁରି କେତେ ଲୋକ ଗାନ୍ଧୀଙ୍କ ଫଟୋ ଉପରେ ଗୁଳି ଚଳାଇଛନ୍ତି, ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମର ମହିମାଗାନ କରିଛନ୍ତି। କିନ୍ତୁ ଏହା ସତ୍ୟ ଯେ, ଯେତେ ଯେତେ ଗାନ୍ଧୀଙ୍କୁ ମାରିବାର ପ୍ରୟାସ କରାଯାଇଛି, ସେତେ ସେତେ ଗାନ୍ଧୀଙ୍କ ବିଚାର କୋଇଲା ଭିତରେ ହୀରା ପରି ଅଧିକ ଚକ୍‌ଚକ୍ କରିଛି।

ଏଠାରେ ପ୍ରଶ୍ନ ଉଠୁଛି, ଦେବୀ ଦୁର୍ଗାଙ୍କ ଦ୍ୱାରା ଗାନ୍ଧୀଙ୍କୁ ହତ୍ୟା କରାଯାଉଥିବା ଦେଖାଯିବାର କାରଣ କ'ଣ? ଗାନ୍ଧୀ ତାଙ୍କ ଜୀବନ ସାରା ସତ୍ୟ, ଅହିଂସା ଓ ସର୍ବଧର୍ମ ସମନ୍ୱୟର କଥା କହିଛନ୍ତି, ସେଇ କ'ଣ ତାଙ୍କର ଅପରାଧ! ଅସଲ କଥା ହେଉଛି, କିଛି ଲୋକଙ୍କ ପାଇଁ ତଥା କିଛି ସଂଗଠନ ଲାଗି ସତ୍ୟ, ଅହିଂସା ଓ ସର୍ବଧର୍ମ ସମନ୍ୱୟ ହଜମ ହେଉନାହିଁ। କାରଣ ସେମାନେ ଘୃଣାର ସୌଦାଗର ଓ ଧର୍ମକୁ ଘୃଣା ବନେଇବା ପାଇଁ ବ୍ୟବହାର କରି ଆସୁଛନ୍ତି। ଗାନ୍ଧୀଙ୍କ ହତ୍ୟାର ଦଶଦିନ ପୂର୍ବରୁ ଜାନୁଆରୀ ୨୦ ତାରିଖ ଦିନ ଗାନ୍ଧୀଙ୍କ ପ୍ରାର୍ଥନା ସଭା ଉପରକୁ ବମ୍ ପକାଯାଇଥିଲା। ଲୋକମାନେ ଦୌଡ଼ ଆରମ୍ଭ କରିଦେବା ଯୋଗୁ ସେତେବେଳେ ଗାନ୍ଧୀ କହିଥିଲେ, ନାହିଁ ଡର ନାହିଁ। ନାଥୁରାମର ତିନୋଟି ଗୁଳିକୁ ଛାତିରେ ଧରିବା ପରେ ତାଙ୍କ ମୁହଁରୁ ବାହାରିଥିଲା, ହେ ରାମ। ଯେଉଁ ବ୍ୟକ୍ତି ବମ୍ ପଡ଼ିବା



ପରେ ନ ଡରିବା ପାଇଁ ଆହ୍ୱାନ କରନ୍ତି, ଛାତିରେ ଗୁଳି ଖାଇବା ପରେ ବି ହେ ରାମ କହିପାରନ୍ତି, ତାଙ୍କୁ ଡରେଇବା ବା ମାରିବା ଏତେ ସହଜ ନୁହେଁ। ଗାନ୍ଧୀଙ୍କ ଜୀବନ କାଳରେ ତାଙ୍କୁ ମାରିବା ପାଇଁ ସମୁଦାୟ ପାଞ୍ଚ ଥର ପ୍ରୟାସ ହୋଇଛି। ପାକିସ୍ତାନକୁ ୫୫ କୋଟି ଟଙ୍କା ଦେବା କଥାରେ ଗାନ୍ଧୀ ରାଜି ହୋଇଯିବା ଯୋଗୁ ତାଙ୍କୁ ମାରିବା ପାଇଁ ନାଥୁରାମ ନିଷ୍ପତ୍ତି ନେଲା ବୋଲି ଯାହା କୁହାଯାଉଛି, ତାହା କେବଳ ଏକ ବାହାନା। କାରଣ ଯେତେବେଳେ ଜମାରୁ ବି ୫୫ କୋଟି ଟଙ୍କାର ପ୍ରସଙ୍ଗ ଆସି ନ ଥିଲା, ସେତେବେଳେ ବି ତାଙ୍କୁ ମାରିବାକୁ ପ୍ରୟାସ କରାଯାଇଛି। ମୁଖ୍ୟ କଥା ହେଉଛି, ଗାନ୍ଧୀ ମାନବିକତାର କଥା କହୁଥିଲେ, ଅହିଂସା ଓ ଭିନ୍ନ ଭିନ୍ନ ଧର୍ମ ଭିତରେ ଭାଇଚାରାର କଥା କହୁଥିଲେ। ଗାନ୍ଧୀ ବଞ୍ଚି ରହିଥିଲେ ଧର୍ମ ନାମରେ ଘୃଣାକୁ ବଞ୍ଚେଇବାର ସେମାନଙ୍କ ରାଜନୀତି ସଫଳ ହୋଇ ନ ଥାନ୍ତା। ତେଣୁ ସେମାନେ ଗାନ୍ଧୀଙ୍କୁ ମାରିବାର ସହଜ ରାସ୍ତା ବାଛିଲେ ଓ ଇତିହାସ ସେମାନଙ୍କୁ ସେମାନଙ୍କ ସ୍ଥାନରେ ରଖିଦେଲା। ଗାନ୍ଧୀଙ୍କୁ ମାରିବା ଏତେ ସହଜ ନୁହେଁ। ଯେତେ ଦିନ ଯାଏ, ସତ୍ୟ ଓ ପ୍ରେମର ମୂଲ୍ୟବୋଧ ଘୃଣା ଓ ହିଂସାଠାରୁ ଉପରେ ରହିଥିବ, ସେତେଦିନ ଯାଏ ଗାନ୍ଧୀ ଏକ ଉଜ୍ଜ୍ୱଳ ନକ୍ଷତ୍ର ପରି ସାରା ଦୁନିଆର ଆକାଶରେ ଚକ୍‌ଚକ୍ କରୁଥିବେ। ଯେତେଦିନ ଯାଏ ମଣିଷ ଭିତରେ ମଣିଷପଣିଆ ଟିକକ ଥିବ, ସେତେଦିନ ଯାଏ ଗାନ୍ଧୀ ଓ ନାଥୁରାମର ଫରକ ବାରିହୋଇପଡ଼ିବ। କିଛି ଲୋକ ନାଥୁରାମକୁ ଦେଶପ୍ରେମୀ ବୋଲି ବୃଥା ଆସ୍ଫାଳନ କରନ୍ତି। ଗାନ୍ଧୀ ନ ମରିଥିଲେ ସେମାନଙ୍କର ଧର୍ମ ନାମରେ ରାଜନୀତି କରିବା ସମ୍ଭବ ହୋଇ ନ ଥାନ୍ତା। ଆଜି ଧର୍ମ ନାମରେ ଯେପରି ରାଜନୀତି ଚାଲୁଛି ଗାନ୍ଧୀ ଆଉ କିଛି ଦିନ ବଞ୍ଚିଥିଲେ ହୁଏତ ସମ୍ଭବପର ହୋଇ ନ ଥାନ୍ତା।

ଗାନ୍ଧୀ କହୁଥିଲେ, ଯିଏ ଅସଲ ହିନ୍ଦୁର ଅର୍ଥ ବୁଝିଯିବ, ଯିଏ ଗୀତାର ମହତ୍ତ୍ୱକୁ ବୁଝିଯିବ, ସେ ଆଉ କେବଳ ହିନ୍ଦୁ ହୋଇ ରହିବ ନାହିଁ। ସେ ମଣିଷ ହୋଇଯିବ। ସେମିତି ଯିଏ ମୁସଲମାନର ଅର୍ଥ ବୁଝିଯିବ, ଯିଏ କୋରାନର ତତ୍ତ୍ୱକୁ ହୃଦୟଙ୍ଗମ କରିଯିବ, ସେ ଆଉ କେବଳ ମୁସଲମାନ ହୋଇ ରହିବ ନାହିଁ। ସେ ମଣିଷ ହୋଇଯିବ। କିନ୍ତୁ ଯେଉଁମାନଙ୍କ ମୁଣ୍ଡରେ ସାଂପ୍ରଦାୟିକତା ବସା ବାନ୍ଧିଛି ଓ ଦେଶକୁ ସାଂପ୍ରଦାୟିକତାର ବିଷ ବଳୟରେ ଘାଣ୍ଟିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ସଚ୍ଚା ହିନ୍ଦୁ ଓ ସଚ୍ଚା ମୁସଲମାନ ଉଭୟ ଅଡୁଆ। କାରଣ ସେମାନଙ୍କ ରୁଗ୍‌ଣ ମାନସିକତା ରାସ୍ତାରେ ସତ୍ୟ, ଅହିଂସା ଓ ସର୍ବଧର୍ମ ସମାନତା ଏକ ସକାରାତ୍ମକ ପ୍ରତିବାଦ, ଯାହା ଗାନ୍ଧୀ କରୁଥିଲେ। ଗାନ୍ଧୀଙ୍କ ହତ୍ୟା ପରେ ଆମ ଦେଶରେ ସେହି ଘୃଣା ସୃଷ୍ଟିକାରୀ ଗୋଷ୍ଠୀଙ୍କ କୁତ୍ସିତ ଉଦ୍ଦେଶ୍ୟ ଏଯାଏ ସାଧିତ ହୋଇପାରିନାହିଁ। କିନ୍ତୁ ସେମାନେ ଅତ୍ୟନ୍ତ ନିଷ୍ଠାର ସହିତ ନିଜ ପ୍ରୟାସ ଜାରି ରଖିଛନ୍ତି। ଆମକୁ ବୁଝିବା ଦରକାର, ବ୍ରିଟିଶ ବିରୋଧରେ ସଂଗ୍ରାମ କରି ଗାନ୍ଧୀ ପ୍ରାଣ ହରେଇ ନାହାନ୍ତି। ଗାନ୍ଧୀ ପ୍ରାଣ ହରାଇଛନ୍ତି, ମାନବିକତାର ଜୟଗାନ କରିବାର ଅପରାଧରେ। ଗାନ୍ଧୀ ଗୁଳି ଖାଇଛନ୍ତି ଘୃଣା ପରିହାର କରି ସର୍ବଧର୍ମ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବାର ପ୍ରୟାସରେ। ଆଜିର ସମାଜ ନିଶ୍ଚୟ ବିଚାର କରିବ, ଘୃଣା ଜରୁରୀ ନା ପ୍ରେମ! ଧର୍ମ ନାମରେ ସାଂପ୍ରଦାୟିକତାବାଦ ଦରକାର ନା ସର୍ବଧର୍ମସମନ୍ୱୟର ଭାବନା ଦରକାର!

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷା ପୂର୍ବରୁ ଚାପ ଦୂର କରନ୍ତୁ

ମହାଶୟ,

ଏବେ ପରୀକ୍ଷା ନିକଟତର ହୋଇ ଆସିଲାଣି। ଏଣୁ ପରୀକ୍ଷାର ଷ୍ଟ୍ରେସ୍ ବା ଚିନ୍ତା ହ୍ରାସ କରିବା ଜରୁରୀ। ପ୍ରଥମେ ପରୀକ୍ଷା ପ୍ରତି ମନରେ ଆସୁଥିବା ଭୟ ଦୂର କରନ୍ତୁ। ପରୀକ୍ଷା ସମୟର ଚିନ୍ତା ପିଲାଙ୍କ ପାଇଁ ଘାତକ ସଦୃଶ ହୋଇପାରେ। କାରଣ ପିଲାମାନେ ମନେରଖିଥିବା ପାଠ ଭୁଲି ଯାଇପାରନ୍ତି। ପରୀକ୍ଷା ଭୟ କାରଣରୁ ସେମାନଙ୍କର ଚେଷ୍ଟା ଓ ପ୍ରସ୍ତୁତି ନଷ୍ଟ ହୋଇପାରେ। ପ୍ରଥମରୁ ପ୍ରସ୍ତୁତି ପରୀକ୍ଷାର ବହୁ ପୂର୍ବରୁ ହିଁ ଆରମ୍ଭ କରି ଦିଅନ୍ତୁ। ଯେବେ ଆପଣ ପୂର୍ବରୁ ପ୍ରସ୍ତୁତି କରିବେ ତ ରିଭିଜନ କରିବାକୁ ଅଧିକ ସମୟ ମିଳିବ। ଅଧିକ କଠିନ ବିଷୟ ବା ଟପିକ୍‌କୁ ଛୋଟ ଛୋଟ ଭାଗ କରି ଏବଂ ସେଗୁଡ଼ିକୁ ନିୟମିତ ଭାବେ ମନେରଖନ୍ତୁ। ଯେବେ ଆପଣଙ୍କର ପ୍ରସ୍ତୁତି ପୂରା ହୋଇଯିବ ସେତେବେଳେ ପରୀକ୍ଷା ସମୟରେ ଅଧିକ ଆତ୍ମବିଶ୍ୱାସ ଆସିବ ଓ ନିଜକୁ ସକ୍ଷମ ବୋଲି ଅନୁଭବ କରିବେ। ଏଡା ସହ ପରୀକ୍ଷାର ଭୟ ଆଉ ରହିବ ନାହିଁ। ମନେରଖନ୍ତୁ, ପରୀକ୍ଷା ପାଇଁ ଏକ ସମୟର ସାରଣୀ ବା ଟାଇମ୍‌ଟେବଲ ସେଟ୍ କରନ୍ତୁ। ନିଜର ଶକ୍ତି ଓ ଦୁର୍ବଳତାଗୁଡ଼ିକୁ ଧ୍ୟାନରେ ରଖି ପ୍ରତି ଟପିକ୍ ପାଇଁ ଟାଇମ ସ୍ଲଟ ସେଟ୍ କରନ୍ତୁ। ଆବଶ୍ୟକ ପଡ଼ିଲେ ଏହାକୁ ବଦଳାଇ ପାରିବେ। ପଢ଼ିବା ପାଇଁ ଯୋଜନା କରନ୍ତୁ। ଯୋଜନା ଅନୁସାରେ ପ୍ରସ୍ତୁତ ହେବା ବହୁତ ଜରୁରୀ। ଯଦି ପରୀକ୍ଷା ସମୟରେ ବା ପ୍ରସ୍ତୁତି ବେଳେ ବହୁତ ଭୟଭୀତ ହେଉଛନ୍ତି କିମ୍ବା ମାନସିକ ଅସୁସ୍ଥତାର ଲକ୍ଷଣ ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

-ପ୍ରଦେଶ ପ୍ରତ୍ୟୁଷ, କୁରୁମଟାଙ୍ଗର, ମହୁଲପଡ଼ା, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଆ ଉକତ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବର୍ତ୍ତମାନ ସମୟ ହିଁ ଉଚିତ ସମୟ



ମୋହନ ଚରଣ ମାଝୀ

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ କରକମଳରେ ଉଦ୍‌ଘାଟିତ 'ଉତ୍କର୍ଷ ଓଡ଼ିଶା' କନକ୍ଲେଭ ଅତ୍ୟନ୍ତ ସଫଳତାର ସହିତ ସମାପ୍ତ ହୋଇଯାଇଛି। ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ ନିବେଶକଙ୍କୁ ସେ ଗ୍ୟାରେଣ୍ଟି ଦେଇଛନ୍ତି। ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶା ଏଭଳି ଏକ ଉଦାହରଣ ହେବ ଯାହା କେହି କଳ୍ପନା କରି ନ ଥିବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସହ ଓଡ଼ିଶା ନୂଆ ଆକାଂକ୍ଷା, ସୁଯୋଗ ଓ ସମ୍ଭାବନାର ଭୂମି ହେବ ବୋଲି କହିଛନ୍ତି। ଏଠାରେ ନିବେଶ କଲେ ସମସ୍ତ ନିବେଶକ ଓ ଉଦ୍ୟୋଗପତି ସଫଳତାର ଶିଖର ପର୍ଯ୍ୟନ୍ତ ପହଞ୍ଚିବେ ବୋଲି ଆଶ୍ୱସ୍ତ କରାଇଛନ୍ତି।

ମୋଦିଜୀ 'ଉତ୍କର୍ଷ ଓଡ଼ିଶା' ସମାବେଶକୁ ବୁଲି ଦେଖିଲା ପରେ ଏଭଳି ସୁବ୍ୟବସ୍ଥିତ ତଥା ଭବ୍ୟ ଆୟୋଜନ ପାଇଁ ପ୍ରଶଂସା କରିବା ସହ ରାଜ୍ୟରେ ପୂର୍ବରୁ ଅନୁଷ୍ଠିତ ତିନୋଟି ମେକ୍ ଇନ୍ ଓଡ଼ିଶା କନକ୍ଲେଭ ତୁଳନାରେ ଚଳିତଥର ୫-୬ଗୁଣ ଅଧିକ ନିବେଶକ ସାମିଲ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପୂର୍ବ-ଭାରତକୁ ଦେଶର ବିକାଶର ଅଭିବୃଦ୍ଧି ଇଞ୍ଜିନ ଭାବେ ଅଭିହିତ କରିଆସିଛନ୍ତି ମୋଦିଜୀ। ତାଙ୍କର ବିଶ୍ୱାସ ଯେ ଏଥିରେ ଓଡ଼ିଶାର ଏକ ବଡ଼ ଭୂମିକା ରହିଛି। ଏକଦା ଦକ୍ଷିଣ-ପୂର୍ବ ଏସିଆର ବାଣିଜ୍ୟ କାରବାର ମୁଖ୍ୟସ୍ଥଳୀ ଥିଲା ଏବଂ ଓଡ଼ିଶା ହିଁ ଭାରତର ପ୍ରବେଶ ଦ୍ୱାର ଭାବେ ପରିଗଣିତ ହେଉଥିଲା। ସେଥିପାଇଁ ଆଜି ବି ଓଡ଼ିଶାରେ ପ୍ରତିବର୍ଷ ବାଲିଯାତ୍ରା ଏକ ଐତିହାସିକ ମହୋତ୍ସବ ଭାବେ ପାଳନ କରାଯାଏ। ସମସ୍ତ ନିବେଶକାରୀ ଓ ଶିଳ୍ପପତିଙ୍କ ଦୃଷ୍ଟିଆକର୍ଷଣ କରି ସେ କହିଥିଲେ ଯେ, ଓଡ଼ିଶାର ଏହି ବିକାଶ ଯାତ୍ରାରେ ପୁଞ୍ଜିନିବେଶ ହିଁ ଆପଣମାନଙ୍କୁ ସଫଳତାର ନୂଆ ଶିଖରରେ ପହଞ୍ଚାଇବ। ଏକବିଂଶ ଶତାବ୍ଦୀର ଓଡ଼ିଶା ନିଜର ଗୌରବମୟ ପରମ୍ପରାକୁ ପୁଣିଥରେ ପୁନରୁଦ୍ଧାର କରିବାରେ ଲାଗିଛି। ଏହାହିଁ ଓଡ଼ିଶାର ବିରାସତ୍ ବା ଐତିହ୍ୟ। ସିଙ୍ଗାପୁର ରାଷ୍ଟ୍ରପତି ମଧ୍ୟ ଓଡ଼ିଶା ସହ ସମ୍ପର୍କ ବୃଦ୍ଧି ପାଇଁ ଉତ୍ସାହ ପ୍ରଦାନ କରିଛନ୍ତି। ଆସିୟାନ ରାଷ୍ଟ୍ରଗୁଡ଼ିକ ମଧ୍ୟ ଓଡ଼ିଶା ସହ ବ୍ୟବସାୟ ପାଇଁ ଇଚ୍ଛୁକ। ଏବେ ଓଡ଼ିଶାରେ ସବୁ କ୍ଷେତ୍ରରେ ଏତେ ସମ୍ଭାବନାର ଦ୍ୱାର ଖୋଲିଯାଇଛି, ଯାହାକି ସ୍ୱାଧୀନତା ପରେ କେବେ ହୋଇ ନ ଥିଲା ବୋଲି ମୋଦିଜୀ କହିବା ତାତ୍ପର୍ଯ୍ୟପୂର୍ଣ୍ଣ।

ଶିଳ୍ପପତିଙ୍କୁ ସ୍ୱାଗତ କଲାବେଳେ ମୋ ବକ୍ତବ୍ୟର ଗୋଟିଏ ବାକ୍ୟ ଥିଲା 'ନିବେଶ ପାଇଁ ବର୍ତ୍ତମାନର ସମୟ ହିଁ ଉଚିତ ସମୟ'। ଏହି କଥାଟି ତାଙ୍କର ମନକୁ ଖୁବ୍ ପାଇଥିଲା। ସେ ନିଜ ବକ୍ତବ୍ୟରେ ଏହା ପ୍ରକାଶ କରି କହିଥିଲେ ଯେ, ବିପୁଳ ସମ୍ଭାବନାର କ୍ଷେତ୍ର ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ଉପଯୁକ୍ତ ସ୍ଥାନ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟବାସୀ ନେଇଥିବା ସଂକଳ୍ପକୁ ସଫଳ କରିବା ଲାଗି କେନ୍ଦ୍ର ସରକାରଙ୍କ ସହଯୋଗ ରହିବ। ପ୍ରଧାନମନ୍ତ୍ରୀ ଭାବେ ଗତ ୧୦ବର୍ଷ ମଧ୍ୟରେ ସେ ପ୍ରାୟ ୩୦ଥର ଓଡ଼ିଶା ଆସିସାରିଲେଣି, ଯାହାକି ପୂର୍ବତନ ପ୍ରଧାନମନ୍ତ୍ରୀମାନେ ହୁଏତ ଏତେଥର ଓଡ଼ିଶାକୁ ଆସି ନ ଥିବେ ବୋଲି ପ୍ରକାଶ କରି, ଓଡ଼ିଶାକୁ ସେ ଭଲ ପାଉଥିବା ଭଳି ଶିଳ୍ପପତିମାନେ ବି ଭଲ ପାଆନ୍ତୁ ବୋଲି କହିବା ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ।

ମୋ ସରକାର ଲୋକଙ୍କ ସରକାର। ବିକଶିତ ଓଡ଼ିଶା ଗଠନ ପାଇଁ ଲୋକମାନେ ଆମକୁ କ୍ଷମତାକୁ ଆଣିଛନ୍ତି। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ ହେବାର ଶତବାର୍ଷିକୀ ଉତ୍ସବ ପାଳନ କରିବା ପୂର୍ବରୁ ଆମେ ବିକଶିତ ଓଡ଼ିଶା ପାଇଁ ପଣ କରିଛୁ। ଏଥିପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପୁଞ୍ଜି ଆବଶ୍ୟକ ହେବ। ସେଇଥିପାଇଁ ତ ଉତ୍କର୍ଷ ଓଡ଼ିଶାର ଆୟୋଜନ। ପୁଞ୍ଜିନିବେଶକମାନେ ଗୋଟିଏ ପାହୁଣ୍ଡ ଚାଲିଲେ, ମୋ ସରକାର ୩ପାଦ ଚାଲିବାକୁ ପ୍ରସ୍ତୁତ ହୋଇ ରହିଛି। ସେମାନଙ୍କ ସୁବିଧା ପାଇଁ ଆମ ଡବଲ ଇଞ୍ଜିନ ସରକାର ସବୁପ୍ରକାରର ସୁବିଧା ଓ ସହଜ ବାତାବରଣ ସୃଷ୍ଟି କରିଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ସମର୍ଥନକୁ ପାଥେୟ କରି ଆମେ ୨୦୩୬ ସୁଦ୍ଧା ଓଡ଼ିଶାକୁ ନିଶ୍ଚୟ ସମୃଦ୍ଧ କରିବୁ। ଓଡ଼ିଶାର ଶିଳ୍ପକ୍ଷେତ୍ରରେ ବିକାଶ ହେଲେ କେବଳ ଆମ ରାଜ୍ୟ ପାଇଁ ନୁହେଁ ସମଗ୍ର ଭାରତ ପାଇଁ ପ୍ରଗତି ଓ ବିକାଶର ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଓଡ଼ିଶାରେ ନିବେଶ କରିବା ପାଇଁ ଏହା ହିଁ ଉଚିତ ସମୟ।

ଆମେ ଦୁଇଦିନ ଧରି ଶତାଧିକ କମ୍ପାନୀର ମୁଖ୍ୟମାନଙ୍କ ସହ ସ୍ୱତନ୍ତ୍ର ଭାବେ ବୈଠକ କରିଥିଲୁ। ନିବେଶକଙ୍କ ପାଇଁ ଆମେ କିଭଳି ଅନୁକୂଳ ପରିବେଶ ବା ଇକୋସିଷ୍ଟମ ପ୍ରସ୍ତୁତ କରିଛୁ ତାହା ଅବଗତ କରି, ସେମାନଙ୍କ ଆବଶ୍ୟକତା ମଧ୍ୟ ବୁଝିଥିଲୁ। ଭୁଲ୍ ବୁଝାମଣା ଓ ଆନ୍ତରିକତା ଅଭାବ ହିଁ ଶିଳ୍ପାୟନ ରାସ୍ତାରେ ବଡ଼ ବାଧକ ବୋଲି ସମସ୍ତେ ଜାଣନ୍ତି; ଯେଉଁ କାରଣରୁ ଶିଳ୍ପପତି ଓ ନିବେଶକାରୀମାନେ ପରବର୍ତ୍ତୀ କାଳରେ ପ୍ରକଳ୍ପରୁ ଓହରି ଯାଇଥାଆନ୍ତି। ବିଭିନ୍ନ ରାଜ୍ୟ ସରକାର ନିଜ ନିଜ ରାଜ୍ୟରେ ଶିଳ୍ପାୟନ ପାଇଁ ପ୍ରତିଯୋଗିତା କରୁଥିଲାବେଳେ, ଆମ ରାଜ୍ୟବାସୀଙ୍କ ଶିଳ୍ପମନସ୍କତା, ରାଜ୍ୟର ଶିଳ୍ପନୀତି, ସରକାରୀ କଳ ପକ୍ଷରୁ ଆନ୍ତରିକ ସହଯୋଗ, ଅନୁକୂଳ ଇକୋସିଷ୍ଟମ, ସରଳ ଓ ସୁବିଧାରେ ବ୍ୟବସାୟ ଆରମ୍ଭ କରିବା ପାଇଁ ବ୍ୟବସ୍ଥା ତଥା ସ୍ଥାନୀୟ ଲୋକଙ୍କ ଭାଗୀଦାରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସବୁ ବ୍ୟବସ୍ଥା ନ କରି କେବଳ ଏମ୍‌ଓୟୁ କଲେ ବିକାଶ ହୋଇପାରେନା, ଏହା ରାଜ୍ୟବାସୀ ଅତୀତ ଅଭିଜ୍ଞତାରୁ ଜାଣନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନ କରି ଆମେ ୫ଲକ୍ଷ କୋଟି ଟଙ୍କାର ନିବେଶ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ। କିନ୍ତୁ ସମାବେଶ କାଳରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ପ୍ରତ୍ୟେକ ଶବ୍ଦ ଓ ବାକ୍ୟରେ ଥିବା କର୍ତ୍ତବ୍ୟନିଷ୍ଠା ଓ ପ୍ରତିବଦ୍ଧତା, ତାଙ୍କର ଓଡ଼ିଶା ପ୍ରତି ଶ୍ରଦ୍ଧା ଏବଂ ଆନ୍ତରିକତା ଏବଂ ଡବଲ ଇଞ୍ଜିନ ସରକାର ପ୍ରତି ଆସ୍ଥା ଓ ବିଶ୍ୱାସ ସହିତ ଏଭଳି ପରିବେଶ ସୃଷ୍ଟିକଲା; ଯାହା ଫଳରେ ନିବେଶ ପରିମାଣ ବଢ଼ିଗଲା।

ଏସବୁ ନିବେଶ ପ୍ରତିଶ୍ରୁତି କେବଳ ଖଣିଜ ଆଧାରିତ ଶିଳ୍ପ ନୁହେଁ, ବରଂ ଜଳଜାହାଜ ତିଆରି ଓ ମରାମତି, ପେଟ୍ରୋ କେମିକାଲ, ଅକ୍ଷୟ ଶକ୍ତି, ସବୁଜ ଉଦ୍‌ଜାନ ଇନ୍ଧନ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଆଧାରିତ ଶିଳ୍ପ, ଶିଳ୍ପ ପାର୍କ ପ୍ରତିଷ୍ଠା ଭଳି ଅନେକ ଆନୁଷଙ୍ଗିକ ଶିଳ୍ପକ୍ଷେତ୍ର ପାଇଁ ବରଦାନ। ଓଡ଼ିଶାରେ ପ୍ରକୃତିଦତ୍ତ ଧାତବ ଖଣିଜ ଓ କୋଇଲା ଗଚ୍ଛିତ ରହିଥିବାରୁ ଇସ୍ପାତ, ସିମେଣ୍ଟ, ଆଲୁମିନା, ସ୍ମେଲ୍‌ଟର, ଶକ୍ତି କ୍ଷେତ୍ରରେ ନିବେଶ ଆସିବା ଏକ ସ୍ୱାଭାବିକ କଥା। କିନ୍ତୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ ପାଇଁ ଅଣପାରମ୍ପରିକ ନବସୃଜନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଶିଳ୍ପ ସଂସ୍ଥା ଆଗେଇ ଆସିବା ନିଶ୍ଚୟ ଉତ୍ସାହପ୍ରଦ। ଓଡ଼ିଶାରେ ଉଚ୍ଚ ଗୁଣମାନର, ରପ୍ତାନିଯୋଗ୍ୟ ତଥା ମୂଲ୍ୟଯୁକ୍ତ ଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରୁଥିବା କଳକାରଖାନା ସ୍ଥାପିତ ହେଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ହେବା ନିଶ୍ଚିତ। କିନ୍ତୁ ସବୁଠୁ ବଡ଼କଥା ହେଲା, ଆମ ରାଜ୍ୟର ଯୁବବର୍ଗଙ୍କୁ ନିଯୁକ୍ତି ମିଳିବା ସହିତ, ସେମାନେ ନିଯୁକ୍ତିଦାତା ଭାବେ ରୂପାନ୍ତରିତ ହେବା ସମ୍ଭବ ହେବ। ଆମ ରାଜ୍ୟର ରାଜକୋଷ ସମୃଦ୍ଧ ହେବା ସହିତ ରାଜ୍ୟବାସୀଙ୍କ ପକେଟକୁ ଅଧିକ ରୋଜଗାର ଆସିବ। ଆମ ରାଜ୍ୟର ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ନ ଯାଇ ଓଡ଼ିଶାରେ କାମ କରିବେ। ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆଉ ଗରିବ ହୋଇ ରହିବ ନାହିଁ, ଏହା ମୋର ସଂକଳ୍ପ। ଆମେ ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରି ଚାଲିଛୁ ଏବଂ କରିବୁ ମଧ୍ୟ।

ପୂର୍ବରୁ ଥିବା ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ଉଦ୍ୟମ ଓ କେନ୍ଦ୍ର ସହଯୋଗ ସତ୍ତ୍ୱେ ଯେତେ ସଂଖ୍ୟକ ବୃହତ୍ ଶିଳ୍ପ ପ୍ରତିଷ୍ଠାକୁ ଅନୁମୋଦନ ମିଳୁଥିଲା ସେଥିରୁ ୨୦ ପ୍ରତିଶତ ବି ପ୍ରତିଷ୍ଠା ହୋଇପାରୁ ନ ଥିଲା। କେଉଁଠି ସ୍ଥାନୀୟ ଲୋକଙ୍କ ବିରୋଧ ହେଉଥିଲା ତ, ବିଭିନ୍ନ ପ୍ରକାର ଅନୁମତି ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ସାଜୁଥିଲା। ରାଜ୍ୟରେ କିଭଳି ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରାଯାଇ ଲୋକଙ୍କ ହାତକୁ କାମ ଯୋଗାଇ ଦିଆଯିବ ସେଥିପାଇଁ ଏକକ ବାତାୟନ ବ୍ୟବସ୍ଥାରେ ପୁଞ୍ଜିନିବେଶକୁ ମଞ୍ଜୁରୀ ପ୍ରଦାନ କରୁଛୁ ଏବଂ ଆଗକୁ ଏହାର ଗତି ବଢ଼ିବାର ସୂଚନା ଦେଇଛି ଉତ୍କର୍ଷ ଓଡ଼ିଶାରେ ଯୋଗଦେଇଥିବା ନିବେଶକଙ୍କ ଆଗ୍ରହ। ଆମେ କିନ୍ତୁ ସେଗୁଡ଼ିକ ମଧ୍ୟରୁ ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତ୍ତିକ ଶିଳ୍ପ, ଅକ୍ଷୟ ଶକ୍ତି, କାଗଜ ଉତ୍ପାଦନ, ବୟନ ଶିଳ୍ପ, ପୋଷାକ ପ୍ରସ୍ତୁତି, ପେଟ୍ରୋ କେମିକାଲ୍ସ, କାଠ ଶିଳ୍ପ, ବିମାନ ଶିଳ୍ପ, ଔଷଧ, ପର୍ଯ୍ୟଟନ, ସିମେଣ୍ଟ ଓ ପ୍ଲାଷ୍ଟିକ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଯାଉଛୁ।

ସବୁଠାରୁ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରରେ ସର୍ବାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରିବ। ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଓଡ଼ିଶାର ସାମୁଦ୍ରିକ ବେଳାଭୂମି, ଜଙ୍ଗଲ, ପାହାଡ଼ ପର୍ବତ, କଳା ଓ ସଂସ୍କୃତିକୁ ଆଧାର କରି ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି। ଆମେ, ଏହି ଦିଗରେ ମଧ୍ୟ ଅଧିକ ଆଗ୍ରହ ପ୍ରଦର୍ଶନ କରିବୁ। ଗୁଜରାଟରେ ଥିବା ବୟନ ଶିଳ୍ପ କ୍ଷେତ୍ରରେ ତଥା ରତ୍ନ ପଥର ଶିଳ୍ପରେ ପ୍ରାୟ ସାତ ଲକ୍ଷ ପ୍ରବାସୀ କୌଶଳୀ ଓଡ଼ିଆ ଶ୍ରମିକ କାମ କରୁଛନ୍ତି। ରତ୍ନଗର୍ଭା ଓଡ଼ିଶାର ମାଟି ତଳେ ରହିଛି ବିଭିନ୍ନ ପ୍ରକାର ମୂଲ୍ୟବାନ ରତ୍ନପଥର। ଓଡ଼ିଶାରେ ସୂତା କଳ ଓ ଲୁଗାକଳ ପ୍ରତିଷ୍ଠା ହେଲେ କପାଚାଷୀ ଲାଭବାନ ହେବେ ଓ ଓଡ଼ିଆ ପୁଅ ଓଡ଼ିଶାରେ ରହି କାମ କରିବ। ସେହିପରି ଆଖୁ ଓ ଝୋଟ ଚାଷ ସହିତ ଚିନିକଳ ଓ ଝୋଟକଳ ପ୍ରତିଷ୍ଠାକୁ ଆମେ ଗମ୍ଭୀରତାର ସହିତ ଗ୍ରହଣ କରିଛୁ। ଆମ ରାଜ୍ୟ ଓ ଦେଶର ଶିଳ୍ପପତିଙ୍କ ସହଯୋଗରେ ଆଗାମୀ ଦିନରେ ଏଭଳି ଅନେକ କୃଷି ଆଧାରିତ ଶିଳ୍ପ ଉଦ୍ୟୋଗ ସ୍ଥାପନ କରିବାକୁ ଆମେ ସଂକଳ୍ପ ନେଇଛୁ। ରାଜ୍ୟବାସୀଙ୍କ ନିରନ୍ତର ସହଯୋଗ ପାଇଲେ, ଏକ ସମତୁଲ ଶିଳ୍ପ ବିକାଶର ନୀଳନକ୍ସା କାର୍ଯ୍ୟକାରୀ ହୋଇପାରିବ। ଏହି ଅବସରରେ, ମୁଁ ନିମନ୍ତ୍ରିତ ଅତିଥି, ଗଣମାଧ୍ୟମ, ଯୁବ ଉଦ୍ୟୋଗୀ ଓ ଶିଳ୍ପ ସଂଗଠନ ପ୍ରତିନିଧିମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଉଛି। ବନ୍ଦେ ଉତ୍କଳ ଜନନୀ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା।**

# ଗୀତିକାର, ନିର୍ଦ୍ଦେଶକ ବୃନ୍ଦାବନ ଜେନାଙ୍କ ପରଲୋକ

କଟକ,୨୯।୧(କାର୍ତ୍ତିକ ସାହୁ)



ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଗୀତିକାର, ସଂଳାପକାର, ଚିତ୍ରନାଟ୍ୟ ଲେଖକ ତଥା ନିର୍ଦ୍ଦେଶକ ବୃନ୍ଦାବନ ଜେନା(୮୧)ଙ୍କର ବୁଧବାର ପରଲୋକ ହୋଇଯାଇଛି। ୫ ମାସ ତଳେ ବାଥ୍‌ରୁମରେ ପଡ଼ିଯିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ମେଡିକାଲ ନିଆଯିବା ପରେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜଣାପଡ଼ିଥିଲା। ସେବେଠାରୁ ବିଭିନ୍ନ ମେଡିକାଲରେ ପର୍ଯ୍ୟାୟକ୍ରମେ ଚିକିତ୍ସିତ ହେବା ପରେ ଘରକୁ ଆଣି ଚିକିତ୍ସା କରାଯାଉଥିଲା। ଗତ ୨୦ ଦିନ ହେବ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲ ନୂଆ ମେଡିସିନ ୱାର୍ଡ ପ୍ରଥମ ମହଲା ଆଇସିୟୁର ୧୩ ନମ୍ବର ବେଡ୍‌ରେ ଚିକିତ୍ସାଧୀନ ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ପ୍ରଜ୍ଞା ପାରମିତା ଜେନା ଥିଲେ। ତାଙ୍କର ଏକମାତ୍ର ଝିଅ ସ୍ୱାତୀ ସାତଶୁଭ୍ରା ବାଙ୍ଗାଲୋରରେ ଚାକିରି କରୁଛନ୍ତି। ସେ ଗୁରୁବାର କଟକରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡିଛି।

ଗୋରୀ ଦେଖିଲି କାଳୀ ଦେଖିଲି ଦେଖିଲି ଝିଅ ପଣେ ତୋରି ପରି ଏଡ଼େ ସୁନ୍ଦରୀ ନାହିଁ ତ କେହି ଜଣେ..., ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଆଦି ଗୀତ ତାଙ୍କୁ ବେଶ୍ ଲୋକପ୍ରିୟ କରିପାରିଥିଲା। ୧୯୪୪ ଜାନୁଆରୀ ୧୫ ତାରିଖରେ ଜନ୍ମିତ ବୃନ୍ଦାବନ କଟକ ସିଡିଏ ସେକ୍ଟର-୬ର ସ୍ଥାୟୀ ବାସିନ୍ଦା। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ। ୧୯୬୫ ମସିହାରୁ ଆକାଶବାଣୀ ତଥା ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି ଭାବେ ମାନ୍ୟତାପ୍ରାପ୍ତ। ୧୯୭୨ରୁ ଓଡ଼ିଆ ଚଳଚ୍ଚିତ୍ରରେ ଜଣେ ଗୀତିକାର, ଚିତ୍ରନାଟ୍ୟ, ସଂଳାପ ଲେଖକ ଓ ନିର୍ଦ୍ଦେଶକ ଭାବେ ପ୍ରତିଷ୍ଠିତ ହୋଇପାରିଥିଲେ। କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟରୁ ଜଣେ ବରିଷ୍ଠ ପଦାଧିକାରୀ ଭାବେ ୨୦୦୪ ମସିହାରେ ଅବସର ଗ୍ରହଣ କରିଥିଲେ।

ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବେ ବାଟ ଅବାଟ, ଶାସ୍ତି, ଦ୍ୱିଭାଷୀ ଚଳଚ୍ଚିତ୍ର ହରପାର୍ବତୀ ତାଙ୍କୁ ସଫଳତା ଆଣିଦେଇଥିଲା। କାହ୍ନୁଚରଣ ମହାନ୍ତିଙ୍କ ବଳିଷ୍ଠ ଉପନ୍ୟାସ ଶାସ୍ତିର ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଥିବାବେଳେ ଚଳଚ୍ଚିତ୍ରଟି ଜାତୀୟ କାର୍ଯ୍ୟକ୍ରମରେ ବହୁବାର ପ୍ରସାରିତ ଓ ସମ୍ମାନିତ ହୋଇଛି। ତେବେ ଗୀତିକାର ଭାବେ ଧରିତ୍ରୀ, ଘର ସଂସାର, ଅଶାନ୍ତ ଗ୍ରହ, ଅମର ପ୍ରେମ, ବନ୍ଧୁ ମହାନ୍ତି, ଅଲିଭା ଦାଗ, ସିନ୍ଦୂର ବିନ୍ଦୁ, କୁଳଚନ୍ଦ୍ରମା, ପତିପତ୍ନୀ, ଜନ୍ମଦାତା, ବାଟ ଅବାଟ, ଶାସ୍ତି, ଦେବକୀ, ହରପାର୍ବତୀ ଭଳି ପ୍ରାୟ ୨୫ଟି ଚଳଚ୍ଚିତ୍ରରେ ସେ କାମ କରିଛନ୍ତି। ସେହିପରି ଜଣେ ସଂଳାପକାର ଭାବେ ଘର ସଂସାର, ଅମର ପ୍ରେମ, କୁଳଚନ୍ଦ୍ରମା, ପତିପତ୍ନୀ, ବାଟ ଅବାଟ, ଦେବକୀ, ଶାସ୍ତି, ଶୁଭକାମନା, ହରପାର୍ବତୀ, ଭାଇ ଭାଇ ଆଦି ଚଳଚ୍ଚିତ୍ର ଉଲ୍ଲେଖନୀୟ। ଦୂରଦର୍ଶନ ଧାରାବାହିକ ଅଖ ବୁଲୁଥିଲେ ଚକ ବୁଲୁଥାଇ, ଗୀତି ଧାରାବାହିକ ବର୍ଣ୍ଣାଳୀର ଚିତ୍ରନାଟ୍ୟ, ସଂଳାପ, ଗୀତିକାର ଏବଂ ନିର୍ଦ୍ଦେଶକ ଭାବେ ସେ କାମ କରିଛନ୍ତି। ମଞ୍ଚ ନାଟ୍ୟକାର ତଥା ନିର୍ଦ୍ଦେଶକ ଭାବେ ପୋଷାବାଘ, ରାଜସାକ୍ଷୀ, ଅଥ ବିବାହ ସଂବାଦମ୍, ସେ ଆସିବ ବୋଲି, ପାରିଧି, ଶ୍ୱାନ ଉପାଖ୍ୟାନ, ଶାହାଜାହାନ, ଏକବିଂଶ ଶତାବ୍ଦୀ ଗବେଷଣାଗାର ଆଦିରେ ସେ ନିଜ ଦକ୍ଷତାର ପରାକାଷ୍ଠା ଦେଖାଇଛନ୍ତି। ତାଙ୍କର ଉଲ୍ଲେଖନୀୟ କୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ରାଜ୍ୟ ଚଳଚ୍ଚିତ୍ର ନିଗମ ସମେତ ସରକାରୀ ତଥା ବେସରକାରୀ ସ୍ତରରେ ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।




# ୬୩ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ

**କାପା ମଡ୍ୟୁଲରେ ଆକାଉଣ୍ଟ ପରିଚାଳନା ନ କରିବା ମହଙ୍ଗା ପଡ଼ିଲା**

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

କାପା ମଡ୍ୟୁଲରେ କଲେଜ ଆକାଉଣ୍ଟ ପରିଚାଳନା ଓ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ରହିଛି। ଉଚ୍ଚଶିକ୍ଷା ବିଭାଗ ବାରମ୍ବାର ଅବଗତ କରିବା ସହ ତାଗିଦା କରୁଥିଲେ ମଧ୍ୟ ଏହାକୁ ବହୁ କଲେଜ କର୍ତ୍ତୃପକ୍ଷ ମାନୁନାହାନ୍ତି। ଫଳରେ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ନିର୍ଦ୍ଦେଶ ଉଲ୍ଲଂଘନ କରିଥିବା ୬୩ ଅଣଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ କରାଯାଇଛି। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ କୁମର କୁମାର ମାଝୀ ସଂପୃକ୍ତ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସରକାରୀ ଅର୍ଥର ହିସାବ ଠିକଣା କରିବାକୁ ବାରମ୍ବାର ଅବଗତ କରାଯାଉଥିବା ସତ୍ତ୍ୱେ ହିସାବ ଦିଆଯାଉନାହିଁ। କାପା ମଡ୍ୟୁଲରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କଲେଜର ଆକାଉଣ୍ଟ ଅପ୍‌ଡେଟ କରୁ ନ ଥିବାରୁ ଅଧ୍ୟକ୍ଷଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଯେ ପର୍ଯ୍ୟନ୍ତ କାପା ମଡ୍ୟୁଲ ହିସାବ ଠିକ୍ ଭାବେ ପ୍ରଦାନ କରିନାହାନ୍ତି, ଚଳିତମାସଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯିବ ନାହିଁ।

ଏହି ଦରମା ବନ୍ଦ ତାଲିକାରେ ଯାଜପୁରର ସର୍ବାଧିକ ୧୧ଟି ମହାବିଦ୍ୟାଳୟ ରହିଥିବାବେଳେ ଖୋର୍ଦ୍ଧାର ୮, ଗଞ୍ଜାମର ୭, ଜଗତ୍‌ସିଂହପୁରର ୫, କଟକ ଓ ବାଲେଶ୍ୱରର ୪ ଲେଖାଏ, ପୁରୀ ଓ କଳାହାଣ୍ଡିର ୩ ଲେଖାଏ, କେନ୍ଦ୍ରାପଡ଼, ନୟାଗଡ଼, ସୁନ୍ଦରଗଡ଼ ଓ ବରଗଡ଼ର ୨ ଲେଖାଏ କଲେଜ ରହିଛି। ସେହିପରି ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର, ସମ୍ବଲପୁର, ସୁବର୍ଣ୍ଣପୁର, ଭଦ୍ରକର ଗୋଟିଏ ଲେଖାଏ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦରମା ବନ୍ଦ ପାଇଁ ସରକାର ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି।

# ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ

ଭୁବନେଶ୍ୱର,୨୯।୧(ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ଗୁରୁବାରଠାରୁ ୫ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ସୂଚନା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ଆର୍‌ଏସ୍‌ଏସ୍‌ର ପୂର୍ବତନ ପ୍ରାନ୍ତ ସଂଘଚାଳକ ସ୍ୱର୍ଗତ ଶିବରାମ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ସେ ଯୋଗଦେବେ। ଶୁକ୍ରବାର ଠାରୁ ୩ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିପନ୍ନ ସହାୟତା ସମିତିରେ ଅନୁଷ୍ଠିତ ହେବାକୁ ଥିବା ସଙ୍ଗଠନର ସାଙ୍ଗଠନିକ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡିଛି।

DADLS-93

ଓଡ଼ିଶା ସରକାର



**ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**

୩୦ ଜାନୁଆରୀ, ୨୦୨୫
ସମୟ: ପୂର୍ବାହ୍ନ ୧୦.୪୫ ମିନିଟ୍
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

**ପ୍ରାର୍ଥନା ସଭା**

- ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
- ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ

ଡ. ହରି ବାବୁ କମ୍ଭମ୍ପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ପ୍ରଭାତୀ ପରିଡ଼ା, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗ ଦେବେ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0401/2425

# ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ବହିଷ୍କୃତ



ଦେବଗଡ଼,୨୯।୧ (ଶଶାଙ୍କ ଶେଖର ଝାଙ୍କର)

ଅନିୟମିତତା ଅଭିଯୋଗ ଆଧାରରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କୁ ସରକାର ବହିଷ୍କୃତ କରିଛନ୍ତି। ଏନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ସରକାର ନୋଟିସ ଜାରୀ କରିଥିଲେ। ଗତ ନଭେମ୍ବର ୧୧ରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୋଟିସ ଜାରି ହୋଇଥିଲା। ଏଥିସହ ପୌର ପରିଷଦ ଅଧ୍ୟକ୍ଷା ଜାଣିଶୁଣି ନୀତି ନିୟମ ଏବଂ ଆଇନ ଉଲ୍ଲଂଘନ କରିଥିବା ନେଇ ଜିଲାପାଳଙ୍କ ତଦନ୍ତ ରିପୋର୍ଟରୁ ରାଜ୍ୟ ସରକାର ଅନୁଭବ କରିଥିଲେ। ଫଳରେ ତାଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ୪ ସପ୍ତାହରେ ଶୁଣାଣି ଶେଷ କର: ସୁପ୍ରିମକୋର୍ଟ

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ପାଟଣାଗଡ଼,୨୯।୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିଚାର ପ୍ରକ୍ରିୟା ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଏହି ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ହୃଷୀକେଶ ରାଏ ଓ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ୨ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉକ୍ତ ମାମଲାରେ ଆଉ ୨ ଜଣ ସାକ୍ଷୀଙ୍କର ବୟାନ ରେକର୍ଡ ହୋଇ ନ ଥିବା ସରକାରୀ ଓକିଲ ଦର୍ଶାଇଛନ୍ତି। ପୂର୍ବରୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଥିଲେ। ପୁଞ୍ଜିଲାଲ ବିଭିନ୍ନ କାରଣ ଦର୍ଶାଇ ଜାମିନ ଆବେଦନ କରିଥିଲେ। ହେଲେ ହାଇକୋର୍ଟ ତାଙ୍କୁ ଜାମିନ ଦେଇ ନ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ପାଟଣାଗଡ଼ସ୍ଥିତ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହି ଆସୁଛନ୍ତି।

## ସଂକ୍ଷେପରେ

### ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ

**ନୂଆପଡ଼ା,୨୯।୧(ମକାରୁ ବେମାଲ):** ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଣତ ବିଗତ ବୈଠକର ବିବରଣୀ ପାଠ କରିଥିଲେ। ବିଗତ ମାସରେ ଉନ୍ନୟନ କାମରେ ଯେଉଁସବୁ ଅସୁବିଧା ରହିଥିଲା ତାହା କେତେ ସମାଧାନ ହୋଇଛି ଜିଲାପାଳ ଜାଣିବାକୁ ଚାହିଁଥିଲେ। ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳସେଚନ ପ୍ରକଳ୍ପ, କେନାଲ ଉନ୍ନତୀକରଣ, ଅଣଧାନ ଫସଲ ଚାଷ, ଜିଲା ସଂସ୍କୃତି ଭବନ ନିର୍ମାଣ, ବିଜ୍ଞାପିତ ଅଞ୍ଚଳର ସମସ୍ୟା, ଗୋଟମା ବିମାନ ଅବତରଣ କେନ୍ଦ୍ରର ଉନ୍ନତୀକରଣ, ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ଯୋଗାଇଦେବା ସହ ଚିକିତ୍ସାଳୟରେ ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବାକୁ ଜିଲାପାଳ ଆହ୍ୱାନ କରିଛନ୍ତି । ଏହି ବୈଠକରେ ସମସ୍ତ ଜିଲା, ବ୍ଲକ୍‌ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### କର୍ଲାମୁଣ୍ଡା ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



**କର୍ଲାମୁଣ୍ଡା,୨୯।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଭାଗୃହଠାରେ ବୁଧବାର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବିଡିଓ ଦେବେନ୍ଦ୍ର ସାମଲ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ ପ୍ରମୁଖ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଲୋକେ କିଭଳି ଅଧିକରୁ ଅଧିକ ସୁବିଧା ପାଇପାରିବେ ଏହା ଉପରେ ଆଲୋଚନା କରିଥିଲେ। ଶିବିରରେ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଅନ୍ତର୍ଗତ ୨୦୨୪-୨୫ ଆର୍ଥିକବର୍ଷର ଜନଶୁଣାଣି କାର୍ଯ୍ୟକ୍ରମ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସିପି ବିକାଶ ନାୟକ, ଏପିଓ ଲିଜା ବରିହାଙ୍କ ସମେତ ସମସ୍ତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି, ଆକାଉଣ୍ଟାଣ୍ଟ କମ୍ ଡିଇଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି,୨୯।୧ (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳଭଦ୍ର ମହାଉଡି ମୁଖ୍ୟବକ୍ତା ଓ କୋମନା ବିଇଓ ଅନିତା ପଣ୍ଡା ଯୋଗଦାନ କରିଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ମୁବାରକ ଖାନ୍ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

# ସମାଜ, ସଙ୍ଗଠନ ଓ ମାଟିର ସୁରକ୍ଷା ପାଇଁ ଶପଥ

**ଦଳିତ, ଆଦିବାସୀ ମହାସଂଘ ନଗର କମିଟିର ସ୍ୱତନ୍ତ୍ର ବୈଠକ**

**ଭବାନୀପାଟଣା, ୨୯।୧(ଉତ୍ତମ କୁମାର ଦାଶ)**



ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା।

ସମାଜର ଉନ୍ନତି, ସଂସ୍କାର ଓ ସଙ୍ଗଠିତ କରିବା ସହ ସଙ୍ଗଠନକୁ ମଜଭୁତ କରିବା ଓ ମାଟି ମା'ର ସୁରକ୍ଷା ଦଳିତ ଆଦିବାସୀ ମହାସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବାକୁ ମହାସଂଘର ସମସ୍ତ ସଦସ୍ୟ ସଂକଳ୍ପବଦ୍ଧ ବୋଲି ବୁଧବାର ଭବାନୀପାଟଣା ନିକଟ ଡକାବାହାଲି ଫରେଷ୍ଟ ନର୍ସରିଠାରେ ଆୟୋଜିତ ମହାସଂଘର ନଗର କାର୍ଯ୍ୟକାରିଣୀ ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାସଂଘର ନଗର ସଭାପତି ଚକ୍ରଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘ ସଭାପତି ପରମାନନ୍ଦ ମାଝୀ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ମହାସଚିବ ଦେବୀପ୍ରସାଦ ସିନ୍ଦୂର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, ଜିଲା ସାଂସ୍କୃତିକ ସମ୍ପାଦକ ଜ୍ୟୋତିର୍ମୟ ହରପାଲ, କାର୍ଯ୍ୟକାରୀ କମିଟି ସଦସ୍ୟ ମହେନ୍ଦ୍ର ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନଗର କମିଟି ଉପଦେଷ୍ଟା ସରୋଜ ବାଗ, କାର୍ଯ୍ୟକାରୀ ସଭାପତି ଅଭୟ ଚରଣ ନାଏକ, ଧବଳେଶ୍ୱର ମାଝୀ, ଉପସଭାପତି ରାଜେଶ ଦୀପ, ପୃଥ୍ୱୀରାଜ ଛତ୍ରିଆ, ପ୍ରକାଶ ମଙ୍ଗରାଜ, ପ୍ରଦୀପ ନାଏକ, ଭଗବାନ ଜଗନ୍ନାଥ ପ୍ରସାଦ ମାଝୀ, ସାଧାରଣ ସମ୍ପାଦକ ପୀତାମ୍ବର ଶବର, ମାନସ ରଞ୍ଜନ ସିନ୍ଦୂର, ତପନ ସ୍ୱାଇଁ, ସମ୍ପାଦକ କିଶୋର ମହାନନ୍ଦ, ସୂର୍ଯ୍ୟକାନ୍ତ ମାଝୀ, ରଞ୍ଜିତ ଶବର, କୋଷାଧ୍ୟକ୍ଷ ଅମିତ ସେଠୀ, କାର୍ଯ୍ୟକାରୀ ସଦସ୍ୟ ଗଣେଶ ସେଠୀ, ପ୍ରଣବ ନାଏକ, ସୁଦୀପ କୁମାର ମଲ୍ଲିକଙ୍କ ସମେତ ନଗର କମିଟିର ଅନେକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିନା ସୂଚନା ଫଳକରେ ଚାଲିଛି କାମ

**ପଞ୍ଚାୟତ ସମିତି ସଭାଗୃହ ନିର୍ମାଣରେ ଅନିୟମିତତା**

**ଥୁଆମୂଳ ରାମପୁର,୨୯।୧(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ନୂତନ କୋଠା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଛି। ଫଳରେ ନିର୍ମାଣ କାମରେ ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। କୋଠା ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଓ ଏହାର ସମୟସୀମା କେତେ ପର୍ଯ୍ୟନ୍ତ ରହିଛି ତାହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକରେ ଦର୍ଶାଯାଇଥାଏ। ହେଲେ ଏହା ଦର୍ଶାଯାଇ ନ ଥିବାରୁ ଜନସାଧାରଣ ଅନ୍ଧକାରରେ ରହୁଛନ୍ତି। ନୂତନ ସଭାଗୃହ ନିର୍ମାଣ ପାଇଁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାର ପରେ ଜୁଲାଇ ୨୦୨୪ରେ ଡିଏମ୍‌ଏଫ୍ ପାଣ୍ଠିରୁ ୬୩ ଲକ୍ଷ ୭୪ ହଜାର ୩୮୯ ଟଙ୍କା ବ୍ୟୟ ଅଟକଳରେ ଏକ ଠିକା ସଂସ୍ଥାକୁ କାମର ଟେଣ୍ଡର ମିଳିଥିଲା। ହେଲେ ନୂତନ କୋଠା ନିର୍ମାଣ ଆରମ୍ଭ ହୋଇ ଇତିମଧ୍ୟରେ ୬ମାସ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସୂଚନା ଫଳକ ଲଗାଯାଇ ନାହିଁ। ଏଣୁ ଲୋକଙ୍କ ଅବଗତି ସକାଶେ ସୂଚନା ଫଳକ ମାରି ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ସୂଚନା ଫଳକ ଲାଗିବା ପାଇଁ ଭୁଲିଯାଇଥିବେ, ମୁଁ କହିଦେଉଛି ଫଳକ ଲଗାଇଦେବେ ବୋଲି କହିଥିଲେ। ଏ ନେଇ ପୂର୍ବ ଓ ବର୍ତ୍ତମାନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯଥାକ୍ରମେ ବିଲାପ କୁମାର ପଟେଲ ଏବଂ ସାଲ୍କୋ ହେମ୍ବ୍ରମଙ୍କୁ ପଚାରିବାରୁ ସେମାନେ ମଧ୍ୟ ସମାନ ଉତ୍ତର ରଖିଥିଲେ।

# ଭୋଟିଂ ମାଧ୍ୟମରେ ମେଟ୍ ଚୟନ ପାଇଁ ଦାବି

**ନୂଆପଡ଼ା,୨୯।୧ (ମକାରୁ ବେମାଲ)**



ଦାବିପତ୍ର ପ୍ରଦାନ କରି ଫେରୁଛନ୍ତି ଗ୍ରାମବାସୀ।

ନୂଆପଡ଼ା ସଦର ବ୍ଲକ ଲୁମେରପାଣି ପଞ୍ଚାୟତ ସିଲଦା ଗାଁରେ ମେଟ ଚୟନରେ ଅନିୟମିତତା ଅଭିଯୋଗ କରି ଗ୍ରାମବାସୀ ଭୋଟିଂ ମାଧ୍ୟମରେ ଚୟନ କରିବାକୁ ବୁଧବାର ନୂଆପଡ଼ା ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକୁ ସୂଚାରୁ ରୂପେ ସଂଯୋଜନା କରିବା ପାଇଁ ମେଟ୍‌ର ଆବଶ୍ୟକତା ରହିଛି। ସିଲଦା ଗାଁରେ ହେବାକୁ ଥିବା ଏହି ଯୋଜନାର କାର୍ଯ୍ୟ ସଂଯୋଜନା ପାଇଁ ଜଣେ ମହିଳା ଓ ଜଣେ ପୁରୁଷ ମେଟ୍ ଆବଶ୍ୟକ ରହିଛି। ପ୍ରାର୍ଥୀଙ୍କ ଯୋଗ୍ୟ ମାନଦଣ୍ଡକୁ ନେଇ ଗ୍ରାମ ପଞ୍ଚାୟତ ପକ୍ଷରୁ ପତ୍ର ସଂଖ୍ୟା ୧,୨୦୨୫ ଜାନୁଆରୀ ୨ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ବହୁ ଆଶାୟୀ ଆବେଦନ କରିଥିଲେ। ଏ ନେଇ ଗତ ୧୬ରେ ସିଲଦା ଗାଁ ଦୁର୍ଗା ମଣ୍ଡପଠାରେ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନଦଣ୍ଡ ଅଧାରରେ ପ୍ରାର୍ଥୀ ଚୟନ ହୋଇ ନ ଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଏକାଧିକ ପ୍ରାର୍ଥୀ ଆବେଦନ କରିଥିବାରୁ ଭୋଟ ମାଧ୍ୟମରେ ଚୟନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଦବିପତ୍ର ଦେବା ସମୟରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ସମେତ ଗ୍ରାମର ରାଧିକା ସାହୁ, ଭାରତୀ ରାଉତ, ଅଲେଖ ସାହୁ, ଦୁଲାରୀ ସାହୁ, ସୀମା ରାଉତ, ଶ୍ୟାମ ବାଇ, ସିୟା ବାଇ, ଶୁକଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୯।୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ବସନ୍ତପଡା ଗ୍ରାମ ବୁଲାଣିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଙ୍ଗସର୍ଗି ଗାଁର ବୃକୁଳି ମାଝୀ (୪୦)। ସୂଚନାନୁସାରେ ସନ୍ଧ୍ୟା ୭ଟା ସମୟରେ ବୃକୁଳି ବାପଘର ବସନ୍ତପଡାରୁ ଶ୍ୱଶୁରଘର ଡେଙ୍ଗସର୍ଗି ଯିବା ସମୟରେ ଲାଞ୍ଜିଗଡରୁ ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବସନ୍ତପଡା ବୁଲାଣିରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ୱାମୀ ସନ୍ୟାସୀ ମାଝୀଙ୍କ ୫ ବର୍ଷ ପୂର୍ବରୁ ମୃତ୍ୟ ଘଟିଥିବା ବେଳେ ତାଙ୍କର ୪ ଗୋଟି ପୁଅ ଓ ୨ ଗୋଟି ଝିଅ ଅଛନ୍ତି। ବର୍ତ୍ତମାନ ଏହି ୬ ସନ୍ତାନ ମା'ବାପା ଛେଉଣ୍ଡ ହୋଇପଡିଛନ୍ତି। ଘଟଣାସ୍ଥଳରେ ମହିଳାଙ୍କ ମୃତଦେହ ପଡିଥିବା ବେଳେ ଉତ୍ତେଜନା ଦେଖାଦେଇଛି । ଖବର ପାଇ ଲାଞ୍ଜିଗଡ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଗିନିଜ୍ ବୁକ୍‌ରେ ଅନ୍ତର୍ଭୁକ୍ତ କଳାକାରଙ୍କୁ ଭବ୍ୟ ସ୍ୱାଗତ



ରେଳ ଷ୍ଟେଶନରେ କଳାକାରଙ୍କୁ ସ୍ୱାଗତ କରାଯାଉଛି।

**କେସିଙ୍ଗା,୨୯।୧(ଡୁମେଶ୍ୱର ସାହୁ)**

ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା କଳାହାଣ୍ଡି କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କୁ ବୁଧବାର ରେଳ ଷ୍ଟେଶନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଗଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ସଂସ୍କୃତି ସମ୍ମିଶ୍ରଣ ନୃତ୍ୟରେ ୫ ହଜାର କଳାକାରଙ୍କ ମଧ୍ୟରେ କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ୬୦ଜଣ କଳାକାର ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। କଳାକାରମାନେ କେସିଙ୍ଗା ରେଳ ଷ୍ଟେଶନରେ ପହଞ୍ଚିବା ପରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହି କଳାକାରମାନେ ଗତ ୧ମାସ ହେଲା ଦିଲ୍ଲୀ ଯାଇ ନୃତ୍ୟ ଅଭ୍ୟାସ କରୁଥିଲେ। ସ୍ୱାଗତ ସମୟରେ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ପୂର୍ବତନ ନଗରପାଳ ରାମକୁମାର ଜୈନ, ସାମାଜିକ କର୍ମୀ ପ୍ରମୋଦ ଦାଶ, ରମେଶ ପଟ୍ଟନାୟକ, ନଳୀନ ପଟ୍ଟନାୟକ, ପ୍ରସନ୍ନ ମହାନ୍ତି, ବିଏସ୍‌ଏ ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ଦାସ, କୋଷାଧ୍ୟକ୍ଷ ବିକ୍ରମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ହିସାବରକ୍ଷକ, ସଂଯୋଜକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସପ୍ତମ ବେତନ ଲାଗୁ ଓ ନିୟମିତ ଦାବି**

**ଭବାନୀପାଟଣା,୨୯।୧ (ଉତ୍ତମ କୁମାର ଦାଶ)**



ଦାବିପତ୍ର ଦେବାକୁ ଆସିଥିବା କର୍ମଚାରୀ।

ରାଜ୍ୟ ସଂଘର ଆହ୍ୱାନକ୍ରମେ କଳାହାଣ୍ଡି ଜିଲାର ୧୩ ବ୍ଲକରେ ସମଗ୍ର ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଥିବା ଆକଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାପ୍ (ହିସାବରକ୍ଷକ) ଓ ଏମ୍‌ଆଇଏସ୍ କମ୍ ପ୍ଲାନିଂ କୋଅର୍ଡିନେଟର (ସଂଯୋଜକ) ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସପ୍ତମ ବେତନ ଲାଗୁ ଓ ନିୟମିତ କରିବା ଦାବି ନେଇ ସେମାନେ ଆନ୍ଦୋଳନ ଡାକରା ଦେଇଛନ୍ତି। ଦୀର୍ଘ ୧୨ବର୍ଷରୁ ଉର୍ଦ୍ଧ୍ୱ ଧରି କାର୍ଯ୍ୟରତ ଏହି କର୍ମଚାରୀମାନେ ସ୍ୱଳ୍ପ ଦରମାରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ଉପରୋକ୍ତ ଦାବିକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରକଳ୍ପ ଅଧିକାରୀ ପର୍ଯ୍ୟନ୍ତ ଦାବି ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯିବା ପୂର୍ବରୁ ସେମାନେ ସ୍ଥାନୀୟ ବିଇଓ ଓ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ତୁରନ୍ତ ଉପରୋକ୍ତ ଦାବିଗୁଡିକୁ ପୂରଣ କରିବା ପାଇଁ ସେମାନେ ନିବେଦନ କରିଛନ୍ତି। ଏହି ଆନ୍ଦୋଳନରେ ଜିଲାର ୪୦ ଜଣ ଉପରୋକ୍ତ ୨ ବିଭାଗର କର୍ମଚାରୀ ସାମିଲ ହୋଇଛନ୍ତି।

### ରାଷ୍ଟ୍ରର ବିକାଶ ପାଇଁ ଯୁବଶକ୍ତି ଜାଗ୍ରତ ହେବାକୁ ଆହ୍ୱାନ

**କେସିଙ୍ଗା,୨୯।୧ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବ କଲେଜ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ସମ୍ମାନିତ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇଥିଲେ। ବିଧାୟକ ଦାସ ତାଙ୍କ ଅଭିଭାଷଣରେ ରାଷ୍ଟ୍ରର ବିକାଶ ନିମନ୍ତେ ଯୁବଶକ୍ତି ଜାଗ୍ରତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହାସହ ଖୁବ୍‌ଶୀଘ୍ର କେସିଙ୍ଗା ମହାବିଦ୍ୟାଳୟର ଦାବିଗୁଡ଼ିକ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ ପାଢ଼ୀ ଅତିଥ ପରିଚୟ ଓ ସ୍ୱାଗତ ସମ୍ଭାଷଣ ପରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସଭାରେ ଛାତ୍ର ସଂସଦର ଉପଦେଷ୍ଟା ଅଧ୍ୟାପକ ଡ. ସତୀଶ ଚନ୍ଦ୍ର ଖମାରୀ, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ଓ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଅଧ୍ୟାପକ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ. ରାକେଶ ବିଶି ମଞ୍ଚ ପରିଚାଳନା କରିଥିଲା ବେଳେ ବରିଷ୍ଠ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଥୁଆମୂଳ ରାମପୁର ପଞ୍ଚାୟତ ସମିତି ବୈଠକ



**ଥୁଆମୂଳ ରାମପୁର,୨୯।୧ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଭାଗୃହଠାରେ ବୁଧବାର ଦ୍ୱିମାସିକ ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏଇଇ ସାଲକୋ ହେମ୍ବ୍ରମଙ୍କ ସମେତ ଗ୍ରାମ ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ ଉନ୍ନୟନ କାର୍ଯ୍ୟର ବିବରଣୀ ଉପସ୍ଥାପନା କରିଥିଲେ। ଏହି ପରିପ୍ରେକ୍ଷୀରେ ସାଂସଦ ବ୍ଲକ ପ୍ରତିନିଧି ନାଏକ ବିଭିନ୍ନ ବିଭାଗରେ ଖାଲି ପଡିଥିବା କର୍ମଚାରୀ ପଦବୀ ଯଥାଶୀଘ୍ର ପୂରଣ କରାଯାଉ ବୋଲି ଦାବି କରିଥିଲେ। ଢୁମେରପଦର ପଞ୍ଚାୟତ ସମିତି ସଭ୍ୟ ରାଏଦାସ ନାଏକ, ମାଳିଗାଁ ପଞ୍ଚାୟତ ସମିତି ସଭ୍ୟ ବଳଦେବ ଗୌଡ, ସିଲେଟ ପଞ୍ଚାୟତ ସମିତି ସଭ୍ୟ ବିପିନ ନାଏକ ଶିକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରି ଠିକ୍ ଭାବେ ସୁପରିଚାଳନା କରାଯିବାକୁ ଅବଗତ କରାଇଥିଲେ। ସ୍ଥାନୀୟ ସମିତି ସଭ୍ୟ ମୋହନ ସାଗର କିଛିମାସ ହେବ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା କାହିଁକି ବଣ୍ଟାଯାଉ ନାହିଁ ବୋଲି କହି ସଭାରେ ପାଟିତୁଣ୍ଡ କରିଥିଲେ। ସେହିପରି ସମିତି ସଭ୍ୟାସଭ୍ୟ ନିଜ ପଞ୍ଚାୟତରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି ଲାଇନ ବିଭାଗ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନା କରିବାକୁ ଅବଗତ କରାଇଥିଲେ।

### ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ

**ଭବାନୀପାଟଣା,୨୯।୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ମାସ ଅବସରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଭିଆଇ ମିଲି ସାହୁ, ଜୁନିୟର ଏମ୍‌ଭିଆଇ ରାମକୃଷ୍ଣ ମାଝୀ, ଟ୍ରାଫିକ ଇନ୍ସପେକ୍ଟର ମିଥୁନ ପ୍ରଧାନ, ଓଏସ୍‌ଆର୍‌ଟିସି ଜିଲା ପରିଚାଳକ ସ୍ୱଦେଶ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ରକ୍ତ ଦାନ କରିଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଜିଲାପାଳ ଓ ଆଞ୍ଚଳିକ ପରିବହନ ଅଧିକାରୀ ମାନପତ୍ର ପ୍ରଦାନ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ତୁଣ୍ଡଲା,୨୯।୧(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ବନ୍ଦପଡା ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାତୀଖୋଜ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧବଳେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି ଓ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, କେସିଙ୍ଗା -୧ ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ମାତୃପ୍ରେମୀ ସରୋଜ କୁମାର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ, ସମ୍ପାଦକ ଗିରେିରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଦ୍ୟନାଥ ସେନାପତି ମଞ୍ଚ ପରିଚାଳନା କରିଥିଲେ। ପରେ କୁନି ପିଲାମାନଙ୍କୁ ନେଇ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକେନ୍ଦ୍ରର ଅପାଭାଇ ଉପସ୍ଥିତ ରହି ସହଯୋଗ କରିଥିଲେ।



# ମିଳିତ ଉଦ୍ୟମରେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇପାରିବ

**ନୂଆପଡ଼ା,୨୯।୧(ମକାରୁ ବେମାଲ)**



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ରବାସୀ ଶ୍ରମିକ ନିରାକରଣ ନେଇ ବିଭିନ୍ନ ବିଭାଗର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସମସ୍ତ ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ମିଳିତ ଉଦ୍ୟମରେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବିଗତ ଦିନର କାର୍ଯ୍ୟାବଳୀର ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୧ ହଜାର ୫୨୪ ପରିବାର ୧୦୦ଦିନର କାମ ପାଇଥିବା ବେଳେ ୨ ହଜାର ୪୬୮ ପରିବାର ୨ ଶହ ଦିନ, ୮୩ ପରିବାର ୩ ଶହ ଦିନର କାମ କରି ଡିସେମ୍ବର ଶେଷ ସୁଦ୍ଧା ୧୪୬ କୋଟି ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମଜୁରି ପାଇଛନ୍ତି । ଏଥିରେ ୪୧ ହଜାର ୧୬୫ ପରିବାରର ୬୧ ହଜାର ୯୧ଟି ଜବ୍ କାର୍ଡ ଉପଯୋଗ ହୋଇପାରିଛି । ମିଶନ ଶକ୍ତି ତରଫରୁ ୨ ହଜାର ୨ ଶହ ଶ୍ରମିକ ପରିବାରକୁ ୧୫ କୋଟି ୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ସହାୟତା ଯୋଗାଇ ଦିଆଯାଇଛି। ଜିଲାକୁ ସମ୍ପୂର୍ଣ୍ଣ ଦାଦନ ଶ୍ରମିକ ମୁକ୍ତ କରିବା ପାଇଁ ଜିଲାପାଳ ବିଭିନ୍ନ ପ୍ରଶାସନିକ ତଥା ଲାଇନ ବିଭାଗର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଜିଲାପାଳଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ଚଳଚଞ୍ଚଳ ହୋଇ ଦାଦନ ପ୍ରଥାର ବିଲୋପ ପାଇଁ ରଣନୀତି ସ୍ଥିର କରିଛନ୍ତି। ପଞ୍ଚାୟତିରାଜ, ଶ୍ରମ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ଯୋଗାଣ, ସମାଜ ମଙ୍ଗଳ, ଶିକ୍ଷା, ହସ୍ତଶିଳ୍ପ ଇତ୍ୟାଦି ବିଭାଗର ସମୟୋଚିତ ପଦକ୍ଷେପ ଯୋଗୁ ଜିଲାରୁ ଅନେକ ହଜାର ପରିବାର ବାହାରକୁ ନ ଯାଇ ନିଜ ଅଞ୍ଚଳରେ ଶ୍ରମଦାନ ତଥା ବିଭିନ୍ନ ବ୍ୟବସାୟକରି ପରିବାର ପ୍ରତିପୋଷଣ କରିପାରୁଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ମୃତ

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବିଜୟ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଅମ୍ବାଭୋନାରୁ ବରଗଡ଼ ପଟକୁ ଆସୁଥିବା ଏକ ବୋଲେରୋ(ନଂ-ଓଡି୧୭ ୩୪୭୯) ରାସ୍ତାକଡ଼େ ରହିଥିବା ଦୋକାନ ପିଲର୍ ଏବଂ ବିଦ୍ୟୁତ ଖୁଣ୍ଟରେ ପିଟି ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଅମ୍ବାଭୋନା ଥାନା ହାତୀଖୋଜା ଗ୍ରାମର ବୁଲୁ ଓରଫ୍ କେଶବ ପ୍ରଧାନ(୨୧) ଏବଂ ସୋହେଲା ଥାନା ନଅଗାଁ ଗ୍ରାମର ସୁଦାମ ବରିହା(୨୩)। ସେହିପରି ଅନ୍ୟ ୨ଜଣ ଲଖନପୁର ଡିଲେଇମାଲ ଗ୍ରାମର ସୁଧୀର ଖମାରୀ(୨୨) ଏବଂ ଭଟଲି ଥାନା କହେନମୁଣ୍ଡା ଗ୍ରାମର ଫକୀର ଭୁଏ(୨୨) ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭଟଲି ଥାନା ପୋଲିସ ଏ ନେଇ ଏକ ମାମଲା(ନଂ-୧୯/୨୫) ରୁଜୁ କରି ତଦନ୍ତ ଚଳାଇଛି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର,୨୯।୧(ପ୍ରଦୀପ୍ତ ଦାଶ):** ଜମଲା ଡିଗ୍ରୀ କଲେଜ ଜମଲାରେ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟ୍ରାଫିକ ସଚେତନତା ରାଜ୍ୟ ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇଥିଲେ। ସଡ଼କ ସୁରକ୍ଷାର ବିଭିନ୍ନ ନିୟମ ମାନିଲେ କିପରି ଆମେ ଜୀବନ ରକ୍ଷା କରିପାରିବା ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମଟିକୁ ଇଂଲିଶ ଅଧ୍ୟାପକ ଆଶିଷ କୁମାର ଭୋଇ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଭିଲାଷ ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ରାସ୍ତାରେ ବାଇକ୍ ଚାଳକମାନଙ୍କୁ ସଚେତନ କରିଥିଲେ। ଏଥିରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

### ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ ରହିଥିବା ୩୫ଫୁଟ୍ ଉଚ୍ଚତାବିଶିଷ୍ଟ ଶ୍ରୀ ଶ୍ରୀ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଷ୍ଠା ଉତ୍ସବ ଅବସରରେ ଆସନ୍ତା ୨୯ତାରିଖରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ରହିଛି। ସେହିପରି ୩୦ତାରିଖରେ ମଣ୍ଡଳ କରଣ, ମଣ୍ଡପ ସଂସ୍କାର ତଥା ଜଳଯାତ୍ରା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୧ତାରିଖ ଅଗ୍ନି ସ୍ଥାପନ, ହୋମ, ଯୁପାଧିବାସ, ବିଗ୍ରହ ଧ୍ୟାନାଧିବାସ, ସ୍ନାନାଧିବାସ, ଆଳତି, ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅଛି। ସେହିପରି ଫେବୃଆରୀ ୧ତାରିଖରେ ମହାସ୍ନାନ, ଜୀବନ୍ୟାସ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମହାପୂଜା, ହନୁମାନ ଚାଳିଶା ଶତବାର ହୋମ ଏବଂ ୨ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଅନ୍ତିମ ଦିବସରେ ଗୀତାଯଜ୍ଞ, ପାର୍ଶଦ ହୋମ, କୁଲ୍ୟାଦାନ, ଧ୍ୱଜାରୋହଣ, ବିଗ୍ରହ ପ୍ରତିଷ୍ଠା, ଭୋଗ, ଆଳତି, ପୁଷ୍ପାଞ୍ଜଳି ସହିତ ପୂର୍ଣ୍ଣାହୁତି ହେବ ବୋଲି ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ କୁଳମଣି ମହାପାତ୍ର ସୂଚନା ଦେଇଛନ୍ତି। ଫେବୃଆରୀ ୧ତାରିଖ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରେ ରାୟପୁର, ଟାଟାନଗର ଆଦି ସ୍ଥାନରୁ ଆସିଥିବା କଳାକାରଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ରହିଛି ବୋଲି ହିନ୍ଦୁ ଯୁବକ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

### ଶିବିରରେ ୩୬ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମରେ ବୁଧବାର ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ରେଡ୍ ଡ୍ରପ୍ ମାରାଥନ୍ ଅଭିଯାନରେ ଅନୁଷ୍ଠିତ ଏହି ଶିବିରରେ ଦିବ୍ୟକିଶୋର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜନକଧାରୀ ସାହୁ, ପୂର୍ବତନ ସରପଞ୍ଚ ପୁରନ୍ଦର ସେଠ, ସଦାଶିବ ସାହୁ, ରାଜସ୍ୱ ନିରୀକ୍ଷକ ଗାୟତ୍ରୀ ପ୍ରଧାନ, ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୁରୁଦେବ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ୩୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଗୌନ୍ତିଆ ନବୀନ କୁମାର ସାହୁଙ୍କ ସ୍ମୃତିରେ ଏହି ଶିବିର ହୋଇଥିଲା। ନିଷ୍ଠା ପରିବାରର ସ୍ୱେଚ୍ଛାସେବୀବୃନ୍ଦ ଶିବିର ପରିଚାଳନାରେ ସହଯୋଗ କରିଥଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଜୀବିକା ମିଶନ ଇସି ସଂଘ





ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜୀବିକା ମିଶନ ଇସି ସଦସ୍ୟାଙ୍କ ବିକ୍ଷୋଭ। ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

- ୧୧ଦଫା ଦାବିରେ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- ଜୀବିକା ମିଶନ ଇସି ପୁନର୍ଗଠନକୁ ବିରୋଧ
- ୧୩ରୁ ବିଧାନସଭା ଆଗରେ ଧାରଣା

ରାଜ୍ୟ ସରକାର ଜୀବିକା ମିଶନ ଇସି(ଏକ୍ଜିକ୍ୟୁଟିଭ କମିଟି) ସଂଘ ପୁନର୍ଗଠନ ନିଷ୍ପତ୍ତି ନେବା ପରେ ଆନ୍ଦୋଳନ ତେଜି ଉଠିଛି। ଏ ନେଇ ବୁଧବାର ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଜୀବିକା ମିଶନ ଇସି ସଂଘ ପୁନର୍ଗଠନ ନିଷ୍ପତ୍ତି ପ୍ରତ୍ୟାହାର ସମେତ ୧୧ଦଫା ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ଫେବୃୟାରୀ ୧୩ରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦେବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ମିଶନ ଶକ୍ତି ଏବଂ ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ ଇସିକୁ ପୁନର୍ଗଠନ(ରିଷ୍ଟ୍ରକଚରିଂ) ଆଳରେ ବାହାର କରିବା ପାଇଁ ମସୁଧା ଚାଲିଛି। ଗତ ୮ତାରିଖ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ତଥା ସିଇଓ ନିର୍ଦ୍ଦେଶ ଦେବା ପରେ ଗତ ୨୨ତାରିଖରେ ମିଶନ ଶକ୍ତି ସଚିବ ତଥା କମିଶନର ରାଜ୍ୟର ସମସ୍ତ ଇସିକୁ ହଟାଇବା ପାଇଁ ଗାଇଡ୍‌ଲାଇନ କରାଯିବା ସହ ଏଥିପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ପ୍ରତିବାଦରେ ବହୁ ହଜାର ସଂଖ୍ୟାରେ ଜିଲାର ସମସ୍ତ ଇସି ସଦସ୍ୟା ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ବନ୍ଦକରି ଦିଆଯାଇଥିଲା।

ଫଳରେ ଇସି ସଦସ୍ୟାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ନାରାବାଜି ସହିତ ପ୍ରତିବାଦ ସଭା କରିଥିଲେ। ଇସି ପୁନର୍ଗଠନ ପ୍ରତ୍ୟାହାର କରି ସ୍ଥାୟୀ ନିଯୁକ୍ତି, ଭତ୍ତା ବୃଦ୍ଧି, ସେପ୍ଟେମ୍ବରରୁ ବକେୟା ରହିଥିବା ଭତ୍ତା ପ୍ରଦାନ, କମ୍ୟୁନିଟି ଷ୍ଟାଫ୍‌ଙ୍କ ଭତ୍ତା ପ୍ରଦାନ, ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ମାସିକ ୧ହଜାର ଟଙ୍କାର ସଶକ୍ତୀକରଣ ଭତ୍ତା ପ୍ରଦାନ, ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ଅନୁସାରେ ସମସ୍ତ ଇସି, ସପୋର୍ଟ ଷ୍ଟାଫ୍ ଭଳି ୱାର୍କରଙ୍କୁ ୱାର୍କର ମାନ୍ୟତା ସହିତ ଇପିଏଫ୍, ଇଏସ୍‌ଆଇ ଏବଂ ବିଭିନ୍ନ ସାମାଜିକ ନିରାପତ୍ତା ଭତ୍ତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଜିଲା ସଭାନେତ୍ରୀ ଝରଣା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଘର ସଭାପତି ଜୟନ୍ତ ଦାସ, ମହିଳା ସଭାନେତ୍ରୀ ସତ୍ୟଭାମା ରଥ, କୃଷକ ନେତା ରମେଶ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ଇସି ପୁନର୍ଗଠନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଏହା ସହ ସରକାରଙ୍କ ସେହି ନିଷ୍ପତ୍ତି ପ୍ରତିବାଦରେ ଆସନ୍ତା ଫେବୃୟାରୀ ୧୩ରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନ ସମୟରେ ଧାରଣାରେ ପ୍ରତ୍ୟେକ ଇସି ସଦସ୍ୟା ସାମିଲହେବାକୁ ସେମାନେ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକ୍‌ର ଇସି ସଂଘର ସଭାନେତ୍ରୀଙ୍କ ନେତୃତ୍ୱରେ ଇସି ସଦସ୍ୟାମାନେ ସାମିଲଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଦମ୍ପତିଙ୍କ ଧାରଣା

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

**ଆଶାକର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ**

ଆଶାକର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗରେ ବୁଧବାର ଦମ୍ପତି ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନେ ବରଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମର କୁଞ୍ଜଲତା ଦୀପ ଏବଂ ସ୍ୱାମୀ ଗୌରଚନ୍ଦ୍ର ବେହେରା। ଉକ୍ତ ଗ୍ରାମର ୱାର୍ଡ଼ ନଂ ୧ ଏବଂ ୱାର୍ଡ ନଂ.୨ରେ ଆଶାକର୍ମୀ ନିଯୁକ୍ତି ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା ଏବଂ ଶିକ୍ଷାଗତ ଯୋଗ୍ୟତା ସପ୍ତମ ବୋଲି ଉଲ୍ଲେଖ ରହିଥିଲା। ସେଥିରେ ଗ୍ରାମର ୪ଜଣ ଆଶାୟୀ ଆବେଦନ କରିଥିଲେ। ମାତ୍ର ଏବେ ୱାର୍ଡ ନଂ.୧ ଏବଂ ୱାର୍ଡ ନଂ.୨ ବଦଳରେ ୱାର୍ଡ ନଂ.୩ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ଦଶମ ଉଲ୍ଲେଖ ରହିଛି। ୱାର୍ଡ ନଂ.୩ରେ ଜଣେ ଆଶାକର୍ମୀ ଥିବା ସତ୍ତ୍ୱେ ପୁଣି କେଉଁ ଉଦ୍ଦେଶ୍ୟରେ ଆଉଜଣେ ଆଶାକର୍ମୀ ସେଠାରେ ନିୟୋଜନ କରାଯିବ ବୋଲି ଧାରଣାରେ ବସିଥିବା ଦମ୍ପତି ପ୍ରଶ୍ନ କରିଛନ୍ତି। ଏହା ସହିତ ପୂର୍ବ ବିଜ୍ଞପ୍ତି ଅନୁଯାୟୀ, ୱାର୍ଡ ନଂ.୧, ୨ରେ ଆବେଦନ କରିଥିବା ଆବେଦନକାରୀଙ୍କୁ ନେଇ ଚୟନ ପ୍ରକ୍ରିୟା କରିବାକୁ ସେମାନେ ଦାବି କରିଛନ୍ତି।




ଧାରଣାରେ ବସିଥିବା ଦମ୍ପତି।

# ଆନ୍ତଃ ସ୍କୁଲ କ୍ରିକେଟ: ବରପାଲି ଲିଟିଲ ଏଞ୍ଜେଲ ସ୍କୁଲ ବିଜୟୀ

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ ଜିଲା କ୍ରିକେଟ ଏସୋସିଏଶନ ପକ୍ଷରୁ ସ୍ଥାନୀୟ କ୍ରୀଷ୍ଟା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ବରଗଡ଼ ଜିଲା ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ବୁଧବାରରେ ବରପାଲି ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ ବିଜୟୀ ହୋଇଛି। ବରପାଲି ଲିଟିଲ ଇଞ୍ଜେଲ ପବ୍ଲିକ ସ୍କୁଲ ଓ ବରଗଡ଼ ଗ୍ରୀନ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୩୩.୧ ଓଭରରେ ୧୫୭ ରନ ସଂଗ୍ରହ କରି ଅଲ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ଏମ୍‌ଡି ରିହାନ ଠାକୁର ୫୦ ରନ, ତପଜ୍ୟୋତି ମିଶ୍ର ୨୯ ରନ, ଅତିକେଶ ବଲୋଦିଆ ୨୨ ରନ କରିଥିଲେ। ପ୍ରତିପକ୍ଷ ବରପାଲି ଦଳର ଆର୍ଯ୍ୟନ ଥନାପତି ୩୬/୩ ଉଇକେଟ, ସିଦ୍ଧାର୍ଥ ଖାଡ଼ାଙ୍ଗା ୨୮/୨ ଉଇକେଟ, ପ୍ରୀୟମ ପ୍ରଧାନ ୩୫/୨ ଉଇକେଟ, ସତ୍ୟମ ପ୍ରଧାନ ୩୪/୧ ଉଇକେଟ ନେଇଥିଲେ। ଏକ ବଡ଼ ସ୍କୋରକୁ ପିଛା କରି ବରପାଲି ଦଳ ସାହିଲ ଖେତିଙ୍କ ୩୧ ରନ, ଆୟୁଷ ଅଗ୍ନିଙ୍କ ୨୬ ରନ, ଆଶୁତୋଷ ମେହେରଙ୍କ ୨୧ ରନ ଓ ଆର୍ଯ୍ୟନ ଥନାପତିଙ୍କ ୧୮ ରନ ଫଳରେ ୩୧.୩ ଓଭରରେ ୩ ଉଇକେଟ ବିନିମୟରେ ୧୫୮ ରନ କରି ମ୍ୟାଚରୁ ୭ ଉଇକେଟରେ ଜିତି ନେଇଥିଲେ। ବରଗଡ଼ ପକ୍ଷରୁ ତପଜ୍ୟୋତି ମିଶ୍ର ୧୮/୧ଉଇକେଟ, ଆଦିଲ ସେଖଙ୍କ ୨୩/୧ ଉଇକେଟ, ଏମ୍ ଡି ରିହାନ ଠାକୁର ୧୯/୧ ଉଇକେଟ ନେଇଥିଲେ। ମ୍ୟାଚକୁ ଶୁଭମ ପାତ୍ର ଓ ହନୁ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ରଜତ ଦାଶ। ଗୁରୁବାର ବରଗଡ଼ କ୍ରୀଷ୍ଟା ବିକାଶ ସ୍କୁଲ ଓ କୁମେଲସିଂହାର ସଦ୍ଧାର୍ଥ ପବ୍ଲିକ ସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଦହିଗାଁରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

**ପଦ୍ମପୁର, ୨୯।୧ (ପ୍ରଦୀପ୍ତ ଦାଶ)**



ନିପୁଣ ମେଳାରେ ଉପସ୍ଥିତ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ।

ରାଜବୋଡାସମ୍ବର ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଦହିଗାଁ କ୍ଲଷ୍ଟରର ନିପୁଣ ମେଳା ବିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ବିଧିଭୂଷଣ ଚାନ୍ଦ, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ବିଶିକେଶନ ଶତପଥୀ, ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଦାଶ, ୱାର୍ଡମେମ୍ବର ବୀରବର କମାଟି, ଶ୍ରୀପ୍ରସାଦ ମାଝୀ, ଗାଁ ଗୌନ୍ତିଆ ଭିକାରି କମାଟି ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଶତପଥୀ ଓ ଶିକ୍ଷକ ମୁକୁନ୍ଦ ମେହେର କୁନି କୁନି ଶିଶୁଙ୍କୁ ଉଦ୍‌ବୋଧନ ଦେଇ ନିପୁଣ ମେଳା ବିଷୟର ସମ୍ୟକ ଧାରଣା ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଉପହାରମାନ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ସଞ୍ଜୟ ପଟେଲ ଆୟୋଜନ କରିଥିବା ବେଳେ ଗୌରଚନ୍ଦ୍ର ହୋତା, ବାସନ୍ତୀ ସାହୁ, ରାଜକୁମାର ସାହୁ, ଗୀତେନ୍ଦ୍ର ସାହୁ, ଡୋଲମଣି ପଟେଲ, ଦୁର୍ଯ୍ୟୋଧନ କୁଅଁର, ସଭ୍ୟା ଭୁଏ, ଚନ୍ଦ୍ରମା ମଟୁ ଓ ବିଦ୍ୟାଳୟ କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ।

### ନିଶାମଣି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡସ୍ଥିତ ନିଶାମଣି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ସଙ୍ଗୀତା ରଥ ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି, ଡ. ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା, ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ଗଣେଶ ଭୋସାଗର, ପଞ୍ଚସଖା ଶିକ୍ଷାସେତୁର ସଭାପତି ଶଶିଭୂଷଣ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ରୋଜାଲିନ ମିଶ୍ର ସଭା ସଂଯୋଜନା କରିଥିଲେ। ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାସିକ ପ୍ରାଚୀର ପତ୍ରିକା ଉତ୍ସର ବାର୍ଷିକ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍କିତ ଚିତ୍ରକୁ ନେଇ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନନ୍ଦକୁମାର ମିଶ୍ର, ସନ୍ତୋଷୀ ଅଗ୍ରୱାଲ, ପ୍ରଶାନ୍ତି ପଣ୍ଡା, ମନୀଷା ସାହୁ, ସଞ୍ଜୁରାଣୀ ଦେବତା, ପ୍ରେମଲତା ସାହୁ, ସୌମ୍ୟ ବିଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଜିଲାପାଳଙ୍କ ସମ୍ବର୍ଦ୍ଧନା

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**



ଥାଇଲାଣ୍ଡ୍ ଦେଶର ରାଜଧାନୀ ବ୍ୟାଙ୍ଗକକ୍‌ରେ ଅନୁଷ୍ଠିତ ଆନ୍ତର୍ଜାତିକ ମାଷ୍ଟର ଓପନ ଗେମ୍ ପ୍ରତିଯୋଗିତାରେ ନିଜର ବ୍ୟକ୍ତିଗତ ଇଭେଣ୍ଟ ୧୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ଏବଂ ଟ୍ରିପଲ ଜମ୍ପ୍, ଲମ୍ବଡ଼ିଆଁରେ ରୌପ୍ୟ ପଦକ ହାସଲ କରିଥିବା ବରଗଡ଼ ବ୍ଲକ ସର୍ଲା ଗ୍ରାମର ସନ୍ତୋଷ ପ୍ରଧାନଙ୍କୁ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲ ସମ୍ବର୍ଦ୍ଧିତ କରିଛନ୍ତି। ଆଗକୁ ଦେଶ ପାଇଁ ଆହୁରି ପଦକ ଆଣିବା ପାଇଁ ଜିଲାପାଳ କ୍ରୀଡ଼ାବିତ୍ ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜଣେ ପୋଲିସ କର୍ମଚାରୀଭାବେ କାର୍ଯ୍ୟରତ ସନ୍ତୋଷ ଏହା ପୂର୍ବରୁ ମାଲେସିଆଠାରେ ଅନୁଷ୍ଠିତ ମାଲେସିଆନ ଆନ୍ତର୍ଜାତିକ ଓପନ ମାଷ୍ଟର ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ୩ରୌପ୍ୟ ପଦକ ହାସଲ କରିଥିଲେ।

# ଗନ୍ଧମାର୍ଦ୍ଦନ ପର୍ବତରୁ ଦିଆଯିବନି ମୁଠାଏ ମାଟି

**ପାଇକମାଳ,୨୯।୧(ବଡ଼ ଶତପଥି)**

ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାର୍ବତର ପାଦଦେଶରେ ଥିବା ନୃସିଂହନାଥ ମନ୍ଦିରରେ ପୂଜା ପାଉଥିବା ନୃସିଂହନାଥ ମହାପ୍ରଭୁଙ୍କୁ ମାତା ଯମୁନା ଓ ହରିକନ୍ଧ ସ୍ୱାମୀ ସ୍ତ୍ରୀ ପର୍ବତରେ କନ୍ଦା ଖୋଳୁଥିବା ବେଳେ ନୃସିଂହ ଭଗବାନଙ୍କୁ ପାଇଥିଲେ। ତାଙ୍କର ସ୍ମୃତି ଉତ୍ସବ ପାଳନ କରିବା ପାଇଁ ବରଗଡ଼ ଜିଲା ପାଇକମାଳ ବ୍ଲକ ମନଭଙ୍ଗ ଡ୍ୟାମ ପରିସରରେ ଗୋପତରାମ ବରିକଙ୍କ ସଭାପତିତ୍ୱରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ନୃସିଂହନାଥ କପିଲ ମୁନୀ ଆଶ୍ରମ ପାଇକମାଳ ଏବଂ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର, ଖପରାଖୋଲ ମିଳିତ ଉଦ୍ୟମ ଆସନ୍ତା ୧୧ତାରିଖରେ ମହାସମାରୋହରେ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଆଗାମୀ ୧୨ତାରିଖରେ ପାଇକମାଳ ବ୍ଲକ ସମ୍ମୁଖରେ ରାଲି ସହ ଗଣଧାରଣା ଚାଲିବ ବୋଲି ଧମକ ଦିଆଯାଇଛି। ଗନ୍ଧମାର୍ଦ୍ଦନ ପର୍ବତକୁ ଅନ୍ୟ ହାତରେ ଟେକି ଦେବାକୁ ମସୁଧା ଚାଲିଛି। ତେଣୁ କାହାକୁ ମୁଠାଏ ମାଟି ମଧ ଏହାର ଖୋଳି ଦିଆଯିବ ନାହିଁ ବୋଲି ବୈଠକରେ ଘୋଷଣା ହୋଇଛି। ବୈଠକରେ ଶୁଶିଲ ନାୟକ, ସୁବାଶ ମଲ୍ଲିକ, ମୋହନ ଜଗତ, ଗିରିସ ଡନସନା, ରଘୁ ରାଉତ, ନକୁଳ ମଲ୍ଲିକ, ସୁଧାଂଶୁ ଶେଖର ବାରିକ, ନରସିଂହ ବନଛୁର ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ପରିମାପକରେ ଭଲ ର୍‍ୟାଙ୍କ୍‌କୁ ଗୁରୁତ୍ୱ

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

ଜାତୀୟ ମୂଲ୍ୟାୟନ ଓ ଅଧିସ୍ୱୀକୃତି ପରିଷଦ(ନାକ୍) ବରଗଡ଼ ପଞ୍ଚାୟତ କଲେଜକୁ ପରିଦର୍ଶନର ଅବ୍ୟବହିତ ପୂର୍ବରୁ ଗତ ମଙ୍ଗଳବାର ଆଲୁମିନି ସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଭିତ୍ତିଭୂମି ବିକାଶ ସହିତ ଉକ୍ତ କଲେଜକୁ ଯେଭଳି ମହାବିଦ୍ୟାଳୟ ପରିମାପକରେ ଏକ ଭଲ ର୍‍ୟାଙ୍କ୍ ମିଳି ପାରିବ, ସେ ନେଇ ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆଲୁମିନି ସଂଘର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୌଭାଗ୍ୟ ରଞ୍ଜନ ନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆଲୁମିନି ସଂଘର ଉପସଭାପତି ପ୍ରଶାନ୍ତ ବେହେରା, ଗଭର୍ଣ୍ଣିଂ ବୋର୍ଡ଼ର ସଭାପତି ତଥା ଆଲୁମିନି ସଦସ୍ୟ ରବିନ୍ଦ୍ରନାଥ ପ୍ରଧାନ, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ହରିହର ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରଫେସର ଡଃ ରବିନ୍ଦ୍ରନାଥ ପ୍ରଧାନ, ଡଃ ପାଣ୍ଡବ ବେହେରା, ଡଃ ମାଧବ ସାହୁ, ସୁରେନ୍ଦ୍ର ହୋତା, ଆନନ୍ଦ ସେଠ, ଲିପନ ଦାଶ, ଅବିନାଶ ବାଗ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ଆଡ଼ଭୋକେଟ୍ ବିମଳ କୁମାର ଦାଶ ବୈଠକରେ ନିଜ ମତ ରଖିଥିଲେ। କଲେଜର ଏକାଡ଼େମିକ ମୁଖ୍ୟ ସହକାରୀ ପ୍ରଫେସର ଡଃ ବିଦ୍ୟୁତପ୍ରଭା ମହାନ୍ତି ନାକ୍ ପରିଦର୍ଶନ ସମ୍ପର୍କିତ ନିଜ ଅଭିମତ ପ୍ରଦାନ କରିଥିଲେ। କଲେଜର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥଲେ। ନାକ୍ ସଂଯୋଜକ ସହକାରୀ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲାର ବିକାଶ ପାଇଁ ସମ୍ମିଳିତ କାର୍ଯ୍ୟ କର

**ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନ ୧୦ଟାରେ ଜିଲା ପରିଷଦର ୬ଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସମେତ ଜିଲାର ସମସ୍ତ ବ୍ଲକ୍ ଅଧ୍ୟକ୍ଷ ଏବଂ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲୁହା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଭୋଇ ସମସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତଭାବେ କାର୍ଯ୍ୟ କଲେ ଜିଲାର ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

**ଜିଲା ପରିଷଦର ୬ଷ୍ଠ ବୈଠକ**

ପୂର୍ବ ବୈଠକର ସଭା ବିବରଣୀ ଅନୁଯାୟୀ ଜିଲାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ, ଯୋଜନାର କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀମାନେ ଉପସ୍ଥାପନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ଜିଲାର ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଥିବା ଡାକ୍ତର ପଦବୀ, କର୍କଟ ରୋଗର ଚିକିତ୍ସା ଉପରେ ସୂଚନା ପ୍ରଦାନ କରିଥିଲେ।

ବିଦ୍ୟୁତ୍ ଯୋଗାଣ ବିଷୟରେ ଟିପିଡବ୍ଲ୍ୟୁଓଡିଏଲ୍ ଜୋନାଲ ହେଡ୍ ଉଠା ଜଳସେଚନ ବିଭାଗ ସହ ସମନ୍ୱୟ ରଖି ଗଭୀର ନଳକୂପରେ ଜଳଯୋଗାଣର ତ୍ୱରାନ୍ୱିତ ପ୍ରକ୍ରିୟା ଉପରେ ସୂଚନା ଦେଇଥିଲେ। ଏହାପରେ ପାନୀୟ ଜଳଯୋଗାଣ, ଗ୍ରାମ୍ୟ ପରିମଳ, ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ମଙ୍ଗଳ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ସୁଭଦ୍ରା ଯୋଜନାର ଅଗ୍ରଗତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଯୋଗ୍ୟତା, ଜବ୍‌କାର୍ଡ଼ ଓ ଆଧାର କାର୍ଡ ଭେରିଫିକେଶନ, ଅପ୍‌ଡେଟ୍ ବ୍ୟବସ୍ଥା, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଭୂମି ପ୍ରଦାନ ବ୍ୟବସ୍ଥା ଭଳି ବିଭିନ୍ନ ବିଷୟରେ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ, ଶିଶୁ ସୁରକ୍ଷା, ଶିକ୍ଷା ବ୍ୟବସ୍ଥା, ପିଲାଙ୍କ ସ୍କୁଲ ୟୁନିଫର୍ମ ବିତରଣ, ଉଦ୍ୟାନ କୃଷି ବିଭାଗ ଦ୍ୱାରା ପ୍ରତି ସବ୍‌ଡିଭିଜନରେ ନିର୍ମାଣ ହେବାକୁ ଥିବା ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଜମି ଚିହ୍ନଟ ଏବଂ ଏହାର ଅଗ୍ରଗତି ବିଷୟରେ ଆଲୋଚନା କରିବା ପରେ ଠିକ୍ ହିତାଧିକାରୀଙ୍କୁ ଚିହ୍ନଟକରି ଆଳୁ, ହଳଦୀ, ପିଆଜ, ଅଦା ଆଦି ବଣ୍ଟନ କରିବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଏବଂ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା, କଲଭର୍ଟ ନିର୍ମାଣ ଆଦି ବିଷୟରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଗୁଳି ବିନିମୟ, ୨ମାଓବାଦୀ ମୃତ

ରାଉରକେଲା,୨୯।୧(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ବୁଧବାର ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚତରା ସିମରିଆ ଅଞ୍ଚଳର ଜୋନାଲ କମିଟି ସଦସ୍ୟ ବିନୟ ଗୁ ଓ ମହିଳା ମାଓବାଦୀ ବୋକାରୋ ନବାଡିହିର ଏରିଆ କମିଟି ସଦସ୍ୟ ହେମନ୍ତୀ ମାଞ୍ଜୀଆଇନ୍। ମାକପା ମାଓବାଦୀ ବିନୟଙ୍କ ନାମରେ କରାଇକେଲା, ଟୋଣ୍ଟୋ ଆଦି ଥାନାରେ ୫ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେହିପରି ହେମନ୍ତୀଙ୍କ ବିରୁଦ୍ଧରେ ଟୋକଲୋ, କରାଇକେଲା, ସୋନୋ ଥାନାରେ ୨୧ଟି ଆପରାଧିକ ମାମଲା ରହିଛି। ଉକ୍ତ ଅଭିଯାନରେ ୨ଟି ରାଇଫଲ, ୯ଟି ମାଗାଜିନ୍, ୨୮ଟି ଡେଟେନେଟର୍ ସମେତ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଅନ୍ୟ ମାଓବାଦୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିବା ଜଣାପଡିଛି। ଏ ନେଇ ସୁରକ୍ଷାବଳ ପକ୍ଷରୁ ସୂଚନା ଜାରିକରାଯାଇଛି।

# ଆଗକୁ ଗ୍ରୀଷ୍ମ, ସରୁନି ଜଳ ପ୍ରକଳ୍ପ କାର୍ଯ୍ୟ

ରାଉରକେଲା,୨୯।୧(ବିପ୍ଳବ ରଞ୍ଜନ ଦାଶ)


ସିଭିଲଟାଉନିଶିପ୍ ଅଞ୍ଚଳରେ ଜଳପ୍ରକଳ୍ପ କାର୍ଯ୍ୟ ଚାଲିଛି।

ରାଜ୍ୟ ସରକାର ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଟ୍ୟାପ୍ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଲୋକଙ୍କ ପାଖକୁ ପଠାଇବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଦିର୍ଘଦିନ ଧରି ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ନାନା ଅସୁବିଧା ଭୋଗୁଛନ୍ତି। ଏଭଳି ସମସ୍ୟା ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଦେଖାଦେଇଛି।

ସୂଚନା ଅନୁସାରେ, ରାଉରକେଲା ସହରର ୨୨ଟି ଜୋନ୍‌କୁ ପାନୀୟ ଜଳ ପହଞ୍ଚାଇବା ରାଉରକେଲା ଜଳ ନିଗମ(ୱାଟ୍‌କୋ)କୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୨୯କୋଟି ୬୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ଆର୍ଥିକ ବର୍ଷ ୨୦୨୨-୨୩ରେ ଏକ୍ସ-୭ ଜଳ ଯୋଗାଣ ଯୋଜନାରେ ୬କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥରେ ରାଉରକେଲା ଜଳ ନିଗମ ପକ୍ଷରୁ ପ୍ରକଳ୍ପ କାମ ଚାଲିଛି। ତେବେ ଦହିପୋଷ, ପାନପୋଷ, ଜୋନ-୧୧, ଛେଣ୍ଡ-୧ ଏବଂ ୨ ଜୋନ-୧୨/୧୩, ବାସନ୍ତୀ ଜୋନ-୧୭, ଦେଓଗାଁ ଜୋନ-୨୯, ନବକୃଷ୍ଣନଗର ଜୋନ-୩୦, ବେଦବ୍ୟାସ ଜୋନ-୩୫, ଝାଡତରଙ୍ଗ ଜୋନ-୩୬, ଟିମ୍ବର କଲୋନୀ ଜୋନ-୧୫, ମଧୁସୂଦନପାଲ୍ଲୀ ଜୋନ-୧୬, ଜବାହରନଗର ଜୋନ-୨୭ରେ ଉକ୍ତ ପ୍ରକଳ୍ପର ବହୁ ଆନୁସଙ୍ଗିକ କାର୍ଯ୍ୟ ବକେୟା ରହିଛି। ସେହିପରି ଏକ୍ସ-୭ ଜଳଯୋଗାଣ ଯୋଜନା ମାଧ୍ୟମରେ ମହାନଗର ନିଗମ ଅଧୀନ ୪୦ଟି ୱାର୍ଡରେ ଟ୍ୟାପ୍ ଯୋଗେ ୨୪ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ପ୍ରଦାନ ପାଇଁ ଚାଲିଥିବା ପ୍ରକଳ୍ପର ଫିଜିକାଲ ୱାର୍କ୍ସ ଅସମ୍ପୂର୍ଣ୍ଣ ଅଛି। ତା୩୦।୪।୨୩ରିଖରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତା୨୮।୯।୨୩ରିଖ ସୁଦ୍ଧା ଶେଷ ହେବାର ଥିଲା। ଇତିମଧ୍ୟରେ ଅବଧି ସରିଥିବା ବେଳେ ଏହି ପ୍ରକଳ୍ପ କାମ ଶେଷ ହୋଇନାହିଁ। ଫଳରେ ଆର୍‌ଏମ୍‌ସି ଅଞ୍ଚଳର ୩ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ଆଗକୁ ଖରାଦିନ ଆସୁଥିବାରୁ ଏହି ୨ଟି ବୃହତ୍ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଦାବି ହେଉଛି।

ଏ ନେଇ ରାଉରକେଲା ଜଳ ନିଗମ ମୁଖ୍ୟ ପରିଚାଳକ ଅଲେଖ ଦଲେଇଙ୍କୁ ପଚାରିବାରୁ ସେ କହିଥିଲେ, ଉଭୟ ପ୍ରକଳ୍ପ ଦ୍ୱାରା ମହାନଗର ନିଗମବାସୀଙ୍କୁ ପାନୀୟ ଜଳଯୋଗାଣ କରାଯିବ। ନିର୍ମାଣ କାର୍ଯ୍ୟ ସଠିକ୍ ଓ ଉତ୍କୃଷ୍ଟ ମାନର ହେବା ସହିତ ଯେଭଳି ଦୀର୍ଘସ୍ଥାୟୀ ରହିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉଭୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଯତ୍ନଶୀଳ ଭାବେ କରାଯାଉଛି। ନିର୍ମାଣ କାର୍ଯ୍ୟ ଗ୍ରୀଷ୍ମ ପୂର୍ବରୁ ଶେଷ କରିବା ପାଇଁ ଉଦ୍ୟମ ଚାଲିଛି ବୋଲି ଦଲେଇ କହିଥିଲେ।

# ଫେବୃଆରୀ ୧ରୁ ୩୦ତମ ପୁସ୍ତକମେଳା


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ପକ୍ଷରୁ ଆସନ୍ତା ଫେବୃଆରୀ ୧ରୁ ୧୦ତାରିଖ ଯାଏ ୩୦ତମ ପୁସ୍ତକ ମେଳା ଆୟୋଜିତ ହେବାକୁ ଯାଉଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୦ଟାରେ ଆଦର୍ଶ ପାଠାଗାରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀ, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଉପଦେଷ୍ଟା ଅଭୟ କୁମାର ଦାସ, ଲୋକସମ୍ପର୍କ ଅଧିକାରୀ କୁଞ୍ଜ (କୁ) ବିହାରୀ ରାଉତ, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ମେଳା ଉପରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ପୁସ୍ତକ ମେଳାରେ ରାଉରକେଲା ସମେତ କଟକ, ଭୁବନେଶ୍ୱର, ଫୁଲବାଣୀ ତଥା ଦିଲ୍ଲୀର ପୁସ୍ତକ ବିକ୍ରେତା ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ। ପୁସ୍ତକ ପ୍ରଦର୍ଶନୀ ପାଇଁ ୯୦ଟି ଷ୍ଟଲ ଖୋଲାଯିବ। ଏଥିସହ ମେଳାରେ ଭଜନ ପ୍ରତିଯୋଗିତା, ଓଡ଼ିଆ ଭାଷା ବିକାଶ ମଞ୍ଚ, ଉତ୍କଳ ଗୀତିକବି ସମାଜ, ଇସ୍ପାତ ସାହିତ୍ୟ ସଂସଦ, ଭକ୍ତକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଧାମରା ସଂଘ, କଲ୍‌ଚରାଲ ଏକାଡେମୀ, ବସୁଦେବ କୁଟୁମ୍ବକମ ପକ୍ଷରୁ ସାହିତ୍ୟ ସଭା, ଚିତ୍ରାଙ୍କନ ଓ ନୃତ୍ୟ, କୌତୁକିଆ ପୋଷାକ ପ୍ରତିଯୋଗିତା ଆଦି ଭିନ୍ନ ଭିନ୍ନ ଦିବସରେ ଆୟୋଜିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଡ. ବସନ୍ତ କୁମାର ଦାସ, ଅଶୋକ କୁମାର ବଳ, ବିଜୟ କୁମାର ପାତ୍ର, ଟୁକୁଲା ପାଢୀ, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଳୟ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ସନ୍ଧ୍ୟାରେ ୫ ନାଟକ ମଞ୍ଚସ୍ଥ

ରାଉରକେଲା,୨୯।୧(ବିପ୍ଳବ ରଞ୍ଜନ ଦାଶ)

**ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ନାଟ୍ୟ ମହୋତ୍ସବ**

ରାଉରକେଲାର ନାଟ୍ୟ ଓ ନୃତ୍ୟ ଅନୁଷ୍ଠାନ 'ପରିଚୟ' ପକ୍ଷରୁ ବୁଧବାର ସନ୍ଧ୍ୟା ୬ଟାରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ନାଟକ ମହୋତ୍ସବ-୨୦୨୫ ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକତ୍ର ରାଉରକେଲାର ସାଧାରଣ ସମ୍ପାଦକ ବିଜୟ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଟେଲ ନର୍ସିଂହୋମ୍‌ର ପ୍ରତିଷ୍ଠାତା ଡାକ୍ତର ଯୋଗେଶ୍ୱର ପଟେଲ ମୁଖ୍ୟଅତିଥି ଏବଂ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମହୋତ୍ସବର ପ୍ରଥମ ନାଟକ 'ଅନୁତାପ'କୁ ରାଉରକେଲା ଏସ୍. କେ. ଡିଏଭି ପଲିଟେକ୍‌ନିକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଦ୍ୱିତୀୟ ନାଟକ ଆହ୍ୱାନର ସମୟକୁ ବିପିୟୁଟି ଛାତ୍ରୀଛାତ୍ର ପରିବେଷଣ କରିଥିବାବେଳେ ତୃତୀୟ ନାଟକ 'ଅସ୍ତିତ୍ୱ'କୁ କଲ୍ୟାଣରାୟ ଡିଗ୍ରୀ କଲେଜ ଏବଂ ଚତୁର୍ଥ ନାଟକ 'ଶ୍ରୀମତୀ କମ୍ ନୁହଁନ୍ତି'କୁ ମ୍ୟୁନିସିପାଲ କଲେଜ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ୫ମ ନାଟକ 'ସଭ୍ୟ ଜମିଦାର'କୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ପରିଚୟ ଅନୁଷ୍ଠାନର ସମ୍ପାଦକ ପଞ୍ଚାନନ ପାତ୍ର, ସଙ୍ଗଠନ ସମ୍ପାଦକ ରାହୁଲ ରଜକ, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଭୋଳ, ସଦାନନ୍ଦ ବରାଳ ଓ ପୂଜା ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ୬ରେ ଇସ୍ପାତ କଳା ପରିଷଦର ବାର୍ଷିକ ମହୋତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୯।୧(ସଙ୍ଗୀତା ଜେନା)

ଇସ୍ପାତ କଳା ପରିଷଦର ୪୭ତମ ସର୍ବଭାରତୀୟ ବାର୍ଷିକ ନୃତ୍ୟ ମହୋତ୍ସବ ଫେବୃଆରୀ ୬ ଏବଂ ୭ ତାରିଖ ଦୁଇଦିନ ଧରି ସିଭିକ ସେଣ୍ଟରରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ବାହାରୁ ଅନେକ କଳାକାର ଅଂଶଗ୍ରହଣ କରିବେ। ଏ ନେଇ ସେକ୍ଟର-୨୦ସ୍ଥିତ କଳାକେନ୍ଦ୍ର କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରକାଶ ରାଉଳ, ଉପସଭାପତି ଚନ୍ଦ୍ରଶେଖର ଶତପଥୀ, ସାଂସ୍କୃତିକ ସମ୍ପାଦକ କଳ୍ପନା ଶତପଥୀ, ଯୁଗ୍ମ ସାଂସ୍କୃତିକ ସମ୍ପାଦକ ପ୍ରବୀଣ ସାମଲ, ନୃତ୍ୟଗୁରୁ କୋମଳରାଣୀ ସୂତାର, ବିଲୋଚନ ପାତ୍ର, ପ୍ରସନ୍ନଜିତ୍ ପାଢ଼ୀ, ବିଶ୍ୱଜିତ ଦାସ ଓ ଆଦିଲକ୍ଷ୍ମୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ରାଉଳ କହିଲେ, ଚଳିତବର୍ଷ କାର୍ଯ୍ୟକ୍ରମରେ ରାଜ୍ୟ ସମେତ ଝାଡଖଣ୍ଡ, ଛତିଶଗଡ଼ରୁ ବହୁ ନୃତ୍ୟ କଳାକାର ଆସିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏଥିରେ ବିଶିଷ୍ଟ ପଖଜ ବାଦକ ଗୁରୁ ଗୋଲକ ବିହାରୀ ରାଉତଙ୍କୁ କାଶୀନାଥ ରାଉଳ ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶା, ବାହାରର ନୃତ୍ୟ ନିର୍ଦ୍ଦେଶକ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ନିର୍ଦ୍ଦେଶକ ଟି. କ୍ରିଷ୍ଣାମୋହନ ରେଡ୍ଡୀ ଏବଂ କଥକ ନୃତ୍ୟ ଶିଳ୍ପୀ ସୋନାଲି ଚକ୍ରବର୍ତ୍ତୀ, ଟାଲେଣ୍ଟ ପ୍ରଡ୍ୟୁସର ସନ୍ଦୀପ ରଥ ପ୍ରମୁଖ ଯୋଗ ଦେବେ। ଶେଷ ଦିନରେ ପୁରସ୍କାର ବିତରଣ କରାଯିବ ବୋଲି ରାଉଳ କହିଥିଲେ।

# ଭଲିବଲ: ରାଇଜିଂ କ୍ଲବ ବିଜୟୀ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

ବନ୍ଧମୁଣ୍ଡା,୨୯।୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ବଙ୍ଗଭାରତୀ ପକ୍ଷରୁ ଆୟୋଜିତ ତିନିଦିନିଆ ରାତ୍ରିକାଳୀନ ଭଲିବଲ୍ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ମ୍ୟାଚ୍ ଜଲ୍‌ଦା ଓ ସିନିୟର ରାଇଜିଂ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିନିୟର ରାଇଜିଂ କ୍ଲବ ବିଜୟୀ ହୋଇଥିଲା। ସମାଜସେବୀ ମୁକେଶ କୁମାର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଉଦ୍‌ଘାଟନ କରିଥିଲେ। ବନ୍ଧମୁଣ୍ଡା ସହରରେ କ୍ରୀଡ଼ାର ଏକ ସ୍ୱାଧୀନ ପରିଚୟ ରହିଛି। ଏଠିକାର ଅନେକ ଖେଳାଳି ଫୁଟବଲ, କ୍ରିକେଟ ଏବଂ ଭଲିବଲରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସହର ପାଇଁ ଗୌରବ ଆଣିଛନ୍ତି ବୋଲି ପାଣ୍ଡେ କହିଥିଲେ। ଖବରଦାତା ଦେବ କୁମାର ଡେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ। ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ, ଗୋପାଳ ଘୋଷ, ଏସ୍. ଗାହିର, ଡି. ଏସ୍. ରାଓ, ସନି ଶ୍ରୀବାସ୍ତବ, ଶିଶିର ଚନ୍ଦ୍ର ମାନ୍ନା, ଉତ୍ତମ ଦେବ, ମାଙ୍ଗା ରେଡ୍ଡୀ, ବିଶ୍ୱଜିତ ବିଶ୍ୱାସ, ଚନ୍ଦନ ତରାଇ, ସୁବ୍ରତ ଦେ, ନୀତିଶ ମୁଖୀ, ଅଭିକ୍ କୁମାର ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତିଯୋଗିତାରେ ଭାଗନେବେ ୫୦ କଳାକାର



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ପାୟଲ ନୃତ୍ୟକଳା ଅନୁଷ୍ଠାନ ପକ୍ଷରୁ ଆସନ୍ତା ଫେବୃୟାରୀ ୧ରେ ସିଭିକ୍ ସେଣ୍ଟରରେ ଆୟୋଜିତ ହେବ ନୃତ୍ୟ ପ୍ରତିଯୋଗିତା। ଏ ନେଇ ବୁଧବାର ମଧ୍ୟାହ୍ନ ୧୨ଟା୩୦ମିନିଟରେ ଅନୁଷ୍ଠାନ ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପାୟଲ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ଗୁରୁ କେତକୀ ଭଟ୍ଟାଚାର୍ଯ୍ୟ, ସଭାପତି କୃଷ୍ଣଲାଲ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ରହି ପ୍ରତିଯୋଗିତାକୁ ନେଇ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସେମାନେ କହିଥିଲେ, ଅନୁଷ୍ଠାନର ୩୭ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ନୃତ୍ୟ ପ୍ରତିଯୋଗିତା ରିଦିମ-୨୦୨୫ ଆୟୋଜିତ ହେବ। ପ୍ରତିଯୋଗିତାରେ କଥକ, ଓଡ଼ିଶୀ, ସଂସ୍କୃତି ପରମ୍ପରା ସହ ଜଡିତ ନୃତ୍ୟ ପରିବେଷଣ ହେବ। ପ୍ରତିଯୋଗିତାରେ ୩ବର୍ଷରୁ ୬୦ବର୍ଷ ବୟସ ମଧ୍ୟରେ ମୋଟ ୫୦ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିବେ। ଏଥିସହ ଦଳଗତ କ୍ଲାସିକାଲ ଓ ମଡର୍ନ ନୃତ୍ୟ ମଧ୍ୟ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ପ୍ରଫେସର ସସ୍ମିତା ଜେନା, ସ୍ନେହା ଗାଙ୍ଗୁଲି, ଅଙ୍କିତା ଅନନ୍ୟା ଗାୟା, ଟୁଲଟୁଲ ବାନାର୍ଜୀ, ଦୀପକ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ଡ. ପୂଜା ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଲ୍ଲୀ ଗଲେ ସୁନ୍ଦରଗଡ଼ର ୫ ଖେଳାଳି

**ୱାକୋ ଇଣ୍ଡିଆ ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍**

ବନ୍ଧମୁଣ୍ଡା,୨୯।୧(ସୁବ୍ରତ ଦେ)


କିକ୍ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଦିଲ୍ଲୀ ଯାଇଥିବା ଖେଳାଳି।

ଦିଲ୍ଲୀର କେଡି ଯାଦବ ଇଣ୍ଡୋର ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଫେବୃଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ୱାକୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ସୁନ୍ଦରଗଡ଼ ଜିଲା କିକ୍ ବକ୍ସିଂ ସଙ୍ଗଠନର ପ୍ରତୀକ କୁମାର ରାୟ (-୭୯) କେଜି, କେ. ମୁକେଶ (-୪୨) କେଜି, ସଞ୍ଜୀବ ଖେସ ରିଙ୍ଗ୍ ରେଫରି, ରବୀନ୍ଦ୍ର କୁମାର ସିଂହ ରିଙ୍ଗ ରେଫରି ଏବଂ ବିଚିତ୍ର ନାରାୟଣ ଜେନା ତାତାମି ରେଫରି ଭାବେ ଭାଗ ନେବେ। ଏଥିପାଇଁ ଖେଳାଳିମାନେ ବୁଧବାର ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳର ସାଧାରଣ ସମ୍ପାଦକ ତଥା ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା କହିଥିଲେ, ଦଳର ଖେଳାଳିମାନେ ଏହି ଚାମ୍ପିୟନଶିପ୍ ପାଇଁ କଠିନ ଅଭ୍ୟାସ କରିଛନ୍ତି। ତେଣୁ ପ୍ରତିଥର ପରି ଏଥର ମଧ୍ୟ ସେମାନେ ଭଲ ପ୍ରଦର୍ଶନ କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ ।

# ଓଡ଼ିଶାରେ ୟୁସିସି ଲାଗୁ କରାଯାଉ

ରାଉରକେଲା,୨୯।୧(ସଙ୍ଗୀତା ଜେନା)

୨ ଦିନ ତଳେ ଉତ୍ତରାଖଣ୍ଡ ସରକାର ସମାନ ନାଗରିକ ସଂହିତା(ୟୁସିସି) ଲାଗୁ କରିଥିବା ବେଳେ ସମାନ ଢଙ୍ଗରେ ଏହି କାନୁନ୍ ଅତିଶୀଘ୍ର ଓଡ଼ିଶାରେ ଲାଗୁ କରାଯିବାକୁ ବିଶ୍ୱହିନ୍ଦୁ ପରିଷଦ ସମରସତ୍ତା ବିଭାଗ ପଶ୍ଚିମ ଓଡ଼ିଶା ମୁଖ୍ୟ ଶାନ୍ତନୁ କୁସୁମ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଏକ ପ୍ରେସ ବିବୃତିରେ କୁସୁମ କହିଛନ୍ତି, ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଧର୍ମ ଆଧାରରେ ଅଲଗା ଅଲଗା ଆଇନ ରହିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଆଇନ ଲାଗୁ ହୋଇ ନ ଥିବା ଯୋଗୁ ଅନ୍ୟ ଧର୍ମରେ ବା ଜାତିରେ ବିବାହ, ଛାଡପତ୍ର, ସମ୍ପତ୍ତିରେ ପିଲାମାନଙ୍କ ଅଧିକାର ଆଦି ସମସ୍ୟା ହେଉଛି। ସ୍ୱତନ୍ତ୍ର ସମ୍ବିଧାନ ହେବାର ୭୫ ବର୍ଷ ପରେ ଆମେ ସମସ୍ତେ ନାଗରିକଙ୍କ ପାଇଁ ସମାନ ନିୟମ କଥାକୁ ସୁନିଶ୍ଚିତ କରି ନ ପାରିବା ଅତ୍ୟନ୍ତ ଚିନ୍ତାଜନକ। ଆଇନ ମନ୍ତ୍ରୀ ଥିବାବେଳେ ବାବା ସାହେବ ଆମ୍ବେଡ଼କର ମଧ୍ୟ ଏହି ସମାନ ଆଇନ ଲାଗୁ ପାଇଁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଉତ୍ତରାଖଣ୍ଡ ଭଳି ଓଡ଼ିଶା ସରକାର ଏହି ଆଇନ ପାଇଁ ଅଗ୍ରସର ହୁଅନ୍ତୁ ବୋଲି କୁସୁମ ଦାବି କରିଛନ୍ତି।

# ଛେଳି ଚୋରି ଅଭିଯୋଗ, ୨ ଯୁବକ ଗିରଫ

ବନ୍ଧମୁଣ୍ଡା,୨୯।୧(ସୁବ୍ରତ ଦେ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଧୀନ ଡରାଇକେଲା ପଞ୍ଚାୟତ ରାତାଖଣ୍ଡି ଗାଁରେ ଛେଳି ଚୋରି କରିବା ଅଭିଯୋଗରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିଶ୍ରା ନୟାବସ୍ତିର ହସନପୁର ନିବାସୀ ମହମ୍ମଦ ଯୁବେର ଓରଫ୍ ଯୁବେର (୪୪) ଏବଂ ମହମ୍ମଦ ୱାଜିଦ ଅନସାରୀ (୩୨)। ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ପାଖରୁ ୬ଟି ଛେଳି ସମେତ ଚୋରି ହେଇଥିବା ହାଣ୍ଡି ଡେକ୍‌ଚି ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୭ ତାରିଖ ରାତିରେ ଅଭିଯୁକ୍ତ ଦ୍ୱୟ ରାତାଖଣ୍ଡି ଗାଁର ସୁରେନ୍ ଓରାମଙ୍କ ଘରେ ପଶି ୬ଟି ଛେଳି ସମେତ କିଛି ହାଣ୍ଡି ଡେକଚି ଚୋରି କରି ନେଇଥିଲେ। ପରଦିନ ଏ ନେଇ ସୁରେନ୍ ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଯୁବେର ଓ ୱାଜିଦଙ୍କୁ ଗିରଫ କରିଥିଲା।

# ଶ୍ରମିକ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା,୨୯।୧(ସଙ୍ଗୀତା ଜେନା)

ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ପ୍ରତିଷ୍ଠା ଦିନରୁ ସଂଘ ସହିତ ଓତଃପ୍ରୋତ ଭାବେ ଜଡ଼ିତ ରାଉରକେଲାର ବିଶିଷ୍ଟ ଆଇନଜୀବୀ ବୃନ୍ଦାବନ ରଥଙ୍କ ମଙ୍ଗଳବାର ପରଲୋକ ହୋଇଥିଲା। ଖବର ପାଇ ପୂର୍ବାହ୍ନ ୧୧ଟାରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଉପବରିଷ୍ଠ ସଦସ୍ୟ ଅକ୍ଷୟ ଜେନା, ଆର୍. କେ. ପଣ୍ଡା, ନିହାର ଦାସ, ଜନ୍ମେଜୟ ରାଉତରାୟ, ଅଖିଳ ପୃଷ୍ଟିଙ୍କ ସମେତ ଅନ୍ୟମାନେ ସ୍ୱର୍ଗତ ରଥଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସନ୍ଧ୍ୟା ୬ଟାରେ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ରଥ ଏବଂ ଶ୍ରମ ସଙ୍ଗଠନର ଦୃଢ଼ ସମର୍ଥକ ସିପିପି-୧ ବିଭାଗର ଶଶୀଭୂଷଣ ଦାସଙ୍କ ପରଲୋକରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସାଧାରଣ ସମ୍ପାଦକ ବେହେରାଙ୍କ ସମେତ ଉପସାଧାରଣ ସମ୍ପାଦକ ଦିଲ୍ଲୀପ ମହାପାତ୍ର, ଉପସଭାପତି ଅକ୍ଷୟ ଜେନା, ସୁରେଶ ପାଣିଗ୍ରାହୀ, ନିହାର ଦାସ, ବିରକିଶୋର ଶେଖର ଦେଓ, ରଘୁନାଥ ଭୁକ୍ତା, ମନୋଜ କିଷାନ, ବିଶ୍ୱମୋହନ ପୁହାଣ, ରମାକାନ୍ତ ପରିଡ଼ା, ପ୍ରଫୁଲ୍ଲ ଦାସ, ଭାଗ୍ୟଧର ପରିଡ଼ା, ସତ୍ୟ ସାହୁ, ଦୁର୍ଗା ଜେନା, ପ୍ରଦୀପ ଶେଖରଦେଓ, ଅପର୍ତ୍ତି ସାହୁ, ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଶ୍ରମିକ ନେତାଗଣ।

# ଶିକ୍ଷାଗତ ଯାତ୍ରାରେ ୨୯୩ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ରାଉରକେଲା,୨୯।୧(ସଙ୍ଗୀତା ଜେନା)


ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି।

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନରେ ଦ୍ୱିଦିବସୀୟ ଶିକ୍ଷାଗତ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ଏବଂ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାୟ ୨୯୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଏମ୍‌ଶ୍ରୀ ଏଜୁକେଶନାଲ ଫିଲ୍ଡଟ୍ରପ୍ ଜରିଆରେ ଉକ୍ତ କାର୍ଯ୍ୟକ୍ରମରେ ନବମ ଶ୍ରେଣୀର ୧୫୦ ଏବଂ ଏକାଦଶର ୧୪୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷଣ ଅଭିଜ୍ଞତା ବୃଦ୍ଧି କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଅନୁସନ୍ଧାନକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଶିକ୍ଷା ଯାତ୍ରା ଆୟୋଜିତ ହୋଇଥିଲା। ସୋମବାର ପୂର୍ବାହ୍ନରେ ଏହାର ଉଦ୍‌ଘାଟନ ଅଧିବେଶନ ହୋଇଥିଲା। ଇଭେଣ୍ଟ କୋର୍ଡିନେଟର ପ୍ରଫେସର (ଫିଜିକ୍ସ ଓ ଆଷ୍ଟ୍ରୋନୋମି ବିଭାଗ) ସୂର୍ଯ୍ୟନାରାୟଣ ଦାଶ ବିଭିନ୍ନ ସ୍ନାତକୋତ୍ତର ଲ୍ୟାବ୍, କେନ୍ଦ୍ରୀୟ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଏନ୍‌ଆଇଟି ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ଯୋଗଦେଇ ବିପୁଳ ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରୁଥିବା ଉନ୍ନତ ପ୍ରଯୁକ୍ତିର ଏହି ଯୁଗରେ ଉପସ୍ଥିତ ବୁଦ୍ଧିକୁ ବ୍ୟବହାର କରାଗଲେ ତାହା ଶିକ୍ଷାକୁ ତ୍ୱରାନ୍ୱିତ କରିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାରପ୍ରାପ୍ତ ରେଜିଷ୍ଟ୍ରାର ସରୋଜ ପଟେଲ ଏହିପରି ଶିକ୍ଷାଯାତ୍ରା ଜେଇଇ ପରୀକ୍ଷା ପାଇଁ ପ୍ରେରଣାର ସ୍ରୋତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ହେମଲତା ନାୟକ ଛାତ୍ରୀଛାତ୍ର ସହଯୋଗ, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ପର୍ଯ୍ୟବେକ୍ଷଣ କ୍ଷମତା ସମେତ ୨୧ ଶତାବ୍ଦୀର ଜରୁରୀ ଦକ୍ଷତା ବିକାଶରେ ସହାୟକ ଭାବେ ଉଭା ହେବେ ବୋଲି କହିଥିଲେ। ସ୍କୁଲର ସଂଯୋଜକ ନିଖିଲେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗର ଗବେଷଣା ସୁବିଧା ଅନୁସନ୍ଧାନ କେନ୍ଦ୍ର ପରିଦର୍ଶନ କରାଯାଇଥିଲା। କ୍ୟାମ୍ପସ ଟୁର୍, ଫଟୋସେସନ ଓ ଅଭିଜ୍ଞତା ବାଣ୍ଟିବା ସହିତ ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ଶିକ୍ଷାଯାତ୍ରା ଶେଷ ହୋଇଥିଲା।

# ସମର୍ଥ ଥଇଥାନ କେନ୍ଦ୍ର ସିଲ୍

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅକଥନୀୟ ଅତ୍ୟାଚାର ସମ୍ପର୍କୀତ ସମ୍ବେଦନଶୀଳ ଘଟଣା ସାମନାକୁ ଆସିବା ପରେ ଜିଲା ପ୍ରଶାସନ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତତ୍ପରତା ପ୍ରକାଶ କରିଛି। ଉକ୍ତ ସଂସ୍ଥାକୁ ସିଲ୍ କରିବା ସହ ସଂସ୍ଥାର ପଞ୍ଜିକରଣ ରଦ୍ଦ ଓ ଲାଇସେନ୍ସ ବାତିଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସେହିଭଳି ସଂସ୍ଥାର ମାଲିକ ତଥା ସମ୍ପାଦକ ଓ ମହିଳା ସହାୟିକାଙ୍କୁ ଜେଲକୁ ପଠାଇ ଦିଆଯିବା ପରେ ଏଠାରେ ଥିବା ଅନ୍ତେବାସୀଙ୍କ ଯତ୍ନ ନେବା ଜିଲା ପ୍ରଶାସନ ପାଇଁ ଏକ ସମସ୍ୟା ଭାବେ ଉଭା ହୋଇଥିଲା। ତେଣୁ ସେମାନଙ୍କୁ ଏଠାରୁ ବୈଜାମୁଣ୍ଡାରେ ନିର୍ମିତ ସରକାରଙ୍କ ସମନ୍ୱିତ ଥଇଥାନ କେନ୍ଦ୍ରକୁ ସ୍ଥାନାରଣର ବ୍ୟବସ୍ଥା କରାଯାଉଛି। ତେବେ ଉକ୍ତ କେନ୍ଦ୍ରରେ ସାମାନ୍ୟ ମରାମତି କାର୍ଯ୍ୟ ଚାଲିଥିବାରୁ ଅନ୍ତେବାସୀଙ୍କ ସ୍ଥାନାନ୍ତରଣ ସାମାନ୍ୟ ବିଳମ୍ବ ହେବ। ଏଭଳି ପରିସ୍ଥିତିରେ ଏଠାରେ ଅନ୍ତେବାସୀ ରହିଥିବା ପର୍ଯ୍ୟନ୍ତ ପରିଚୟ ଓ ସମ୍ବଳ ସ୍ୱେଚ୍ଛାସେବୀ ସେମାନଙ୍କ ଯତ୍ନ ନେବାକୁ ଆଗେଇ ଆସିଥିଲେ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉଭୟଙ୍କୁ ଯଥାକ୍ରମେ ଯତ୍ନ ଓ ଖାଦ୍ୟ ଯୋଗାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ଉଭୟ ସଂସ୍ଥା ମଙ୍ଗଳବାର ଠାରୁ ଅନ୍ତେବାସୀଙ୍କ ଯତ୍ନ ସହିତ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରିଛନ୍ତି।


ସମ୍ବଳ ପକ୍ଷରୁ ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଖାଦ୍ୟ ପରିବେଷଣ କରାଯାଉଛି।

**ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଖାଦ୍ୟ ଯୋଗାଣ ଦାୟିତ୍ୱ ନେଲା ସମ୍ବଳ**

## ଅନ୍ତେବାସୀଙ୍କ ପକ୍ଷରୁ ବଳାତ୍କାର ଅଭିଯୋଗ

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ସମର୍ଥ ଥଇଥାନ କେନ୍ଦ୍ରରେ ତଦନ୍ତ ଆରମ୍ଭ ହେବା ପରେ କ୍ରମଶଃ ଏଠାରେ ହେଉଥିବା ବର୍ବରକାଣ୍ଡର ଗୁମର ଫିଟିବାରେ ଲାଗିଛି। ବୁଧବାର ସମର୍ଥ ଥଇଥାନ କେନ୍ଦ୍ରର ଜଣେ ଅନ୍ତେବାସୀ ଧନୁପାଲି ଥାନାରେ ତାଙ୍କୁ ସଂସ୍ଥା ପରିସରରେ ବଳାତ୍କାର କରାଯାଇଥିବା ଅଭିଯୋଗ କରିଛନ୍ତି। ଅନ୍ତେବାସୀଙ୍କ ପକ୍ଷରୁ ସମ୍ପାଦକଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ କରାଯାଇଛି। ତାଙ୍କ ଅସହାୟତା ସୁଯୋଗରେ ସମ୍ପାଦକ ତାଙ୍କୁ ବଳାତ୍କାର କରିଥିବା ଅନ୍ତେବାସୀଙ୍କ ଅଭିଯୋଗକୁ ନେଇ ସଦର ଉପଜିଲାପାଳଙ୍କ ଜରିଆରେ ଦିଆଯାଇଥିବା ଏତଲା ଆଧାରରେ ଧନୁପାଲି ଥାନାରେ ଏକ ମାମଲା (ନଂ. ୨୩/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ସମର୍ଥ ଥଇଥାନ କେନ୍ଦ୍ରରେ ଏପର୍ଯ୍ୟନ୍ତ ହୋଇଥିବା ୭ ଜଣ ଅନ୍ତେବାସୀଙ୍କ ମୃତ୍ୟୁ ସନ୍ଦେହ ଘେରକୁ ଆସିଛି। ଏହି ଘଟଣାର ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ତେବେ ଏହାର ତଦନ୍ତ ଦାୟିତ୍ୱରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶଶାଙ୍କ ଶେଖର ରହିଛନ୍ତି। ଥଇଥାନ କେନ୍ଦ୍ରର ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣର ବ୍ୟବସ୍ଥା ହେଉଛି।

**ତଦନ୍ତ ବେଳେ କ୍ରମଶଃ ଗୁମର ଫିଟୁଛି ସମର୍ଥ ଥଇଥାନ କେନ୍ଦ୍ରର**

## ସଂକ୍ଷେପରେ

### ପରିବା ବ୍ୟବସାୟୀଙ୍କ ମୃତଦେହ ଜବତ

ରେଢାଖୋଲ,୨୯।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ବୁଧବାର ପୂର୍ବାହ୍ନ ୧୦ଟାବେଳେ ଜଣେ ପରିବା ବ୍ୟବସାୟୀଙ୍କ ମୃତଦେହ ବୁର୍ଡା ରାସ୍ତା କଡର ଏକ ଖାଲରୁ ଜବତ କରିଛି। ମୃତ ବ୍ୟବସାୟୀ ହେଲେ ବଡମାଳ ଗ୍ରାମର ଯଜ୍ଞେଶ୍ୱର ପ୍ରଧାନ(୫୫)। ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହ ପଡିଥିବା ଖାଲରେ ତାଙ୍କ ମୋପେଡ ପଡିଥିବା ଯୋଗୁ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ସୂଚନାମତେ ମୃତ ଯଜ୍ଞେଶ୍ୱର ରେଢାଖୋଲ ସହରରେ ପରିବା ବ୍ୟବସାୟ କରନ୍ତି। ମଙ୍ଗଳବାର ରାତିରେ ସେ ବ୍ୟବସାୟ ସାରି ତାଙ୍କ ଗ୍ରାମ ବଡମାଳକୁ ତାଙ୍କ ମୋପେଡ ନଂ. ଓଡି ୧୫ପି-୨୩୬୧ ଯୋଗେ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ଥ ହୋଇ ରାସ୍ତା କଡର ଏକ ଖାଲରେ ପଡିଯାଇଥିଲେ। ରାତିସାରା ପଡିରହିଥିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ବୁଧବାର ଲୋକେ ଦେଖି ପୋଲିସକୁ ଖବର ଦେବାରେ ପୋଲିସ ଘଟଣାସ୍ଥଳରୁ ତାଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ରେଢାଖୋଲ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

### ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ରନାଥଙ୍କ ଜୟନ୍ତୀ

ସମ୍ବଲପୁର,୨୯।୧(ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ସାମ୍ବାଦିକ ଭବନଠାରେ ବୁଧବାର ଯୋଗେନ୍ଦ୍ର ନାଥ ମଣ୍ଡଳଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଆଇନଜୀବୀ ସ୍ୱର୍ଗତ ମଣ୍ଡଳଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଦଳିତ ସାହିତ୍ୟ ଏକାଡ଼େମୀର ରାଜ୍ୟ ଉପସଭାପତି ଶିବଶଙ୍କର ପ୍ରଧାନ, ଗଣ୍ଡା ସମାଜ କଲ୍ୟାଣ ପରିଷଦ ସମ୍ପାଦକ ଅମିନ ମହାନନ୍ଦ, ସମ୍ବଲପୁର ମୁସଲିମ ସିଟିଜନ ଫୋରମର ସଭାପତି ଏମଡି ନୱାବ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶେଷରେ ପରିଷଦର ମହାସଚିବ ମୋମନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋଠଛଡ଼ା ହାତୀର ଉପଦ୍ରବ

ନାକଟିଦେଉଳ,୨୯।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବାଟଗାଁ ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ଏକ ଗୋଠଛଡା ଦନ୍ତାହାତୀ ଉପଦ୍ରବ କରି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଇଥିବା ଜଣାପଡିଛି। ଏହି ଗୋଠ ଛଡା ଦନ୍ତା ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ବିନ୍ଧପୁର ଗ୍ରାମକୁ ଆସି ବ୍ୟାପକ ଉପଦ୍ରବ କରିଛି। ଏଥିରେ ଗ୍ରାମର ଦୋଳମଣୀ ବିଶିଙ୍କ ଦୁଇ ବଖରା ଘର ଭାଙ୍ଗିଯାଇଛି। ଭିତରେ ଥିବା ୫୦ କେଜି ଚାଉଳ, ଅନ୍ୟାନ୍ୟ ରାସନ ସାମଗ୍ରୀ ସବୁ ଖାଇ ଯାଇ ଏଣେତେଣେ ଫୋପାଡ଼ି ଦେଇଥିଲା । ଏପରିକି ରନ୍ଧନ ଗ୍ୟାସ ଚୁଲା ଓ ଆସବାବପତ୍ର ସବୁ ନଷ୍ଟ କରିଦେଇଥିବା ଦୋଳମଣୀ ବିଶି ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଏହି ଦନ୍ତା ଗ୍ରାମର ଦୁଃଖୁ ପ୍ରଧାନଙ୍କ ବଗିଚାରେ ପଶି ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କଦଳୀ, ଆଳୁ, କୋବି ଏବଂ ଥାଇଲାଣ୍ଡ ବରକୋଳି ନଷ୍ଟ କରିଦେଇଥିବା ବେଳେ ଦୁଃଶାସନ ପ୍ରଧାନଙ୍କ ବଗିଚାରେ ମଧ୍ୟ ଆଳୁ, କୋବି ଆଦି ପନିପରିବା ମଧ୍ୟ ନଷ୍ଟ କରିଦେଇଛି। ସୋମବାର ରାତିରେ ମଧ୍ୟ ଏହି ଦନ୍ତା ଅଙ୍ଗାବିରା ଗ୍ରାମରେ ଭାବଗ୍ରାହୀ ସାହୁଙ୍କ ଘରର କାନ୍ଥ ଭାଙ୍ଗି ଧାନ ସବୁ ଖାଇ ଯାଇଥିଲା । ଗୋଠଛଡା ହାତୀ ଗତ ଦୁଇ ସପ୍ତାହ ପୂର୍ବରୁ ସୀମାନ୍ତ ଦେବଗଡ଼ ଜିଲା କୁଣ୍ଢେଇଗୋଲା ରେଞ୍ଜ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ବ୍ୟାପକ ଧନ ଜୀବନ ହାନୀ ଘଟାଇ ଏବେ ନାକଟିଦେଉଳ ରେଞ୍ଜ ଭିତରକୁ ପଶି ଆସିଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ସମ୍ପର୍କରେ ବାଟଗାଁ ଫରେଷ୍ଟର ଦିଲ୍ଲୀପ କୁମାର ବେହେରାଙ୍କୁ ପଚରାଯିବାରେ ହାତୀ ଘଉଡ଼ାଇବା ଦିଗରେ ଚେଷ୍ଟା ଜାରି ରହିଛି କହିଥିଲେ।

## ଗଞ୍ଜେଇ ଚାଲାଣ ବେଳେ ମହିଳା ଗିରଫ

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ଆଲେପି-ଧାନବାଦ ଏକ୍ସପ୍ରେସ୍ ଟ୍ରେନ୍‌ରେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ବେଳେ ଉକ୍ତ ଟ୍ରେନ୍‌ର ୩ୟ ଶ୍ରେଣୀ ଶୀତତାପ ନିୟନ୍ତ୍ରିତ ବଗିରେ ଜଣେ ମହିଳାଙ୍କୁ ଗିରଫ କରିଛି ରେଳବାଇ ପୋଲିସ। ତାଙ୍କୁ ରେଳବାଇ ପୋଲିସ ଗିରଫ କରି ସମ୍ବଲପୁର ରେଳ ଷ୍ଟେସନରେ ରେଳବାଇ ଥାନାକୁ ଆଣିଥିଲା। ଗିରଫ ମହିଳା ଜଣକ ପଶ୍ଚିମବଙ୍ଗ ନଦିଆ ଜିଲା କ୍ରିଷ୍ଣାଗଞ୍ଜ ଥାନା ଅନ୍ତର୍ଗତ ଦିଗାମ୍ବରପୁର ଗ୍ରାମର ଅଳକା ମହାନନ୍ଦି(୫୨) ବୋଲି ରେଳବାଇ ପୋଲିସ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ। ତାଙ୍କ ଠାରୁ ୪ଟି ଧଳା ଜରିବସ୍ତାରେ ୫୨.୪୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ସେ ଏହାକୁ ଅତାବିରାରୁ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ତାଙ୍କ ବିରୋଧରେ ରେଳବାଇ ଥାନାରେ ଏକ ଅବକାରୀ ମାମଲା ରୁଜୁକରି ପୋଲିସ ତାଙ୍କୁ କୋର୍ଟକୁ ଚାଲାଣ କରିଛି। କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ମହିଳାଙ୍କୁ ଜେଲକୁ ପଠାଇ ଦିଆଯାଇଛି।



## ଚାଷୀଙ୍କୁ ଭେଟିଲେ ବିଶ୍ୱବ୍ୟାଙ୍କର ଯୁଗ୍ମ ନିର୍ଦ୍ଦେଶକ


ବିଶ୍ୱ ବ୍ୟାଙ୍କର ଦିଲ୍ଲୀସ୍ଥିତ ଯୁଗ୍ମ ନିର୍ଦ୍ଦେଶକ ଜେଭିଆର ମୂର୍ତ୍ତି ବୁଧବାର ଫୁଲଚାଷ ବୁଲି ଦେଖୁଛନ୍ତି।

ସମ୍ବଲପୁର,୨୯।୧(ଭବାନୀ ଶଙ୍କର ଭୋଇ)

ବିଶ୍ୱ ବ୍ୟାଙ୍କର ଦିଲ୍ଲୀସ୍ଥିତ ଯୁଗ୍ମ ନିର୍ଦ୍ଦେଶକ ଜେଭିଆର ମୂର୍ତ୍ତୀ ବୁଧବାର ସମ୍ବଲପୁର ଗସ୍ତରେ ଆସି ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ସହଯୋଗରେ ଯୁଯୁମୁରା ଅଞ୍ଚଳର ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ ବୀରସିଂହଗଡରେ ପନିପରିବା ଚାଷ ବୁଲିଦେଖିବା ପରେ କଂସର ପଞ୍ଚାୟତର ମୁସାକାନୀ ମହୁଚାଷ ବୁଲି ଦେଖିଥିଲେ। ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ଅଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ କିସମର ଚାଷ ପାଇଁ ପ୍ରୋତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ହରିବନ୍ଧୁ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ଜିଟି ଭାରତର ଜିଲା ସଂଯୋଜକ ସିଦ୍ଧାର୍ଥ ଦେବ ପ୍ରମୁଖଙ୍କ ସହ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀର ମନବୋଧ ବାରିକ ସାମିଲ ରହିଥିଲେ। ସେହିପରି ମଙ୍ଗଳବାର ସମ୍ବଲପୁର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅଞ୍ଚଳରେ କିଭଳି ଭାବେ ଶହେ ଏକର ଫୁଲଚାଷ କରାଯାଇ ପାରିବ ସେ ନେଇ ସ୍ଥାନୀୟ ଫୁଲ ଚାଷୀଙ୍କ ସହ ଆଲୋଚନା କରାଯାଇଥିଲା। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଡ୍ରିପ ଯୋଗେ ଜଳସେଚନ, ସ୍ପ୍ରିଙ୍କଲର, ନେଟ ହାଉସ, ପଲିହାଉସ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହିତ ନୂଆଁ କିସମର ଫୁଲଚାଷ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ବର୍ତ୍ତମାନ ସେବତୀ, ଗ୍ଲାଇଡୋଲିସ, ଲିଲି, ଅରକିଟ, ଗୋଲାପ, ରଜନୀଗନ୍ଧା ଆଦି ଫୁଲର ବଜାରରେ ଚାହିଦା ରହିଥିବାରୁ ଏହି ଫୁଲ ଚାଷ କରିବା ପାଇଁ ଉଦ୍ୟାନକୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହାସହ ଚଳିତ ସିଜନରେ ବିଭିନ୍ନ କିସମର ନୂଆଁ ଫୁଲଚାରା ଏବଂ ମଞ୍ଜି ମାଗଣାରେ ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାଦ୍ୱାରା ସନାତନପାଲି ଅଞ୍ଚଳରେ ଶହେ ଏକର ଫୁଲଚାଷ ହେବ ବୋଲି ବିଭାଗ ଆଶା ପ୍ରକଟ କରିଛି। କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁରଜ କୁମାର ମେହେର, ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକଙ୍କ ସମେତ ନିଲଡୁଙ୍ଗୁରୀ ଉଦ୍ୟାନ କୃଷି ତାଲିମ କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

**ଯୁଯୁମୁରା ବ୍ଲକରେ ହେବ ଶହେ ଏକର ଫୁଲଚାଷ**

## ୧ରୁ ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ



ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ସମ୍ବଲପୁର,୨୯।୧(ବି.ଶଙ୍କର)

ସର୍ବଭାରତୀୟ ୨୩ବର୍ଷରୁ କମ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିର କ୍ରିକେଟ ମ୍ୟାଚ ଆସନ୍ତା ଫେବୃଆରୀ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ହେବ । ଓଡ଼ିଶା ବନାମ ଚଣ୍ଡିଗଡ ମଧ୍ୟରେ ମ୍ୟାଚ ହେବ। ତେଣୁ ବୁଧବାର ସନ୍ଧ୍ୟାରେ ଉଭୟ ଦଳ ସମ୍ବଲପୁରଠାରେ ପହଞ୍ଚିଛନ୍ତି। ଗୁରୁବାର ସକାଳ ୮ଟାରେ ଚଣ୍ଡିଗଡ ଓ ଅପରାହ୍ନ ୧ଟାରୁ ଓଡିଶା ଦଳର ଖେଳାଳିମାନେ ଷ୍ଟାଡିୟମରେ ଅଭ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଆୟୋଜକ ସମ୍ବଲପୁର ଜିଲା କ୍ରୀଡା ସଂଘ ସମସ୍ତ ପ୍ରକାର ପ୍ରସ୍ତୁତି କରିଛି । ବୁଧବାର ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସୂଚିତ କରିଛନ୍ତି। ସାଧାରଣ ସମ୍ପାଦକ ସାହୁ ଆହୁରୀ କହିଥିଲେ, ମ୍ୟାଚ ସକାଶେ ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗର ହାତ ବଢ଼ାଇଛନ୍ତି। ଯଦ୍ୱାରା ମ୍ୟାଚ ନିର୍ଦ୍ଧାରିତ ସମୟ ମଧ୍ୟରେ ଆରମ୍ଭ ହେବାକୁ ସ୍ଥିର ହୋଇଛି । ମ୍ୟାଚ ପାଇଁ ଉଚ୍ଚକୋଟୀର ପିଚ ଓ ପଡିଆ ପ୍ରସ୍ତୁତ କରାଯାଇଛି। ପିଚ ଉଭୟ ବଲର ଓ ବ୍ୟାଟ୍ସମ୍ୟାନମାନଙ୍କୁ ସୁହାଇବ । ତେଣୁ ମ୍ୟାଚରେ ନିଶ୍ଚିତ ଭାବେ ଫଳାଫଳ ଆସିବା ଆଶା କରାଯାଉଛି। ଖେଳାଳିମାନଙ୍କୁ ଉତ୍ତମ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ଅଭିନାଶ ନନ୍ଦଙ୍କୁ ଚଣ୍ଡିଗଡ ଓ ସୁବୋଧ ସାହୁଙ୍କୁ ଓଡିଶା ଦଳର ଲେଶକାଲ ମ୍ୟାନେଜର ଭାବେ ନିଯୁକ୍ତି କରାଯାଇଛି। ଅମ୍ପାୟାର ଭାବେ ପିୟୁସ କକ୍କର ଓ ବିକାଶ ଭଟ୍ଟ ଏବଂ ବାଲମିକ ଭୁଜ ମ୍ୟାଚ ରେଫରୀ ରହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲାକ୍ରୀଡା ସଂଘର ଉପସଭାପତି ସାବିର ଅହମ୍ମଦ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ହକି ସମ୍ପାଦକ ବିନୋଦ ଟପ୍ପୋ, ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ର, କାଉନସିଲ ସଭ୍ୟ ମହମ୍ମଦ ଇସାକ, ଶାନ୍ତନୁ ନନ୍ଦ ଓ ଅନ୍ତର୍ଜାତୀୟ ଅମ୍ପାୟାର ସୁବ୍ରତ ଦାସ ମ୍ୟାଚ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

**ଆଜି ଚଣ୍ଡିଗଡ଼ ଓ ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ**

## ଛାତ୍ର ସମୟର ପରିଶ୍ରମର ଫଳ ଜୀବନବ୍ୟାପୀ ମିଳେ

**ତବଲା ସରକାରୀ ଆଞ୍ଚଳିକ ହାଇସ୍କୁଲର ବାର୍ଷିକ ଉତ୍ସବ**

ସମ୍ବଲପୁର,୨୯।୧(ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ସରକାରୀ ଆଞ୍ଚଳିକ ହାଇସ୍କୁଲରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଧମା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଂଜନ ପ୍ରଧାନ ମୁଖ୍ୟ ଅତିଥି ଓ ସ୍କୁଲ ଆଲୁମିନି ସଭାପତି ଦେବେନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଧାନ ଉଦ୍‌ବୋଧନରେ କହିଥିଲେ, ଛାତ୍ର ସମୟରେ କରାଯାଇଥିବା ପରିଶ୍ରମର ଫଳ ଜୀବନବ୍ୟାପୀ ମିଳିଥାଏ। ତେଣୁ ଏହି ସମୟରେ ପରିଶ୍ରମ କରିବାକୁ ଅବହେଳା କରିବା ଅନୁଚିତ। ସଭାରେ ସ୍କୁଲ ପ୍ରଧାନ ଶିକ୍ଷକ ଶିଶିର ସାହୁ ସଭାପତିତ୍ୱ କରିଥିଲେ। ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ମୁନସୀ ସାହୁ, ସୁଶିଲ ପଧାନ, ଗଣେଶ ପ୍ରସାଦ ବେହେରା, ଅରକ୍ଷିତ ମଲ୍ଲିକ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି

କୁଚିଣ୍ଡା,୨୯।୧(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର କୁଚିଣ୍ଡା ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏପ୍ରିଲ ୨୦୨୪ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ୨୦୨୪/୨୫ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ ଏବଂ ପଞ୍ଚଦଶ ଅର୍ଥକମିଶନ ଦ୍ୱାରା ସମ୍ପାଦିତ ହୋଇଥିବାକାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। ଅତିରିକ୍ତ ବିଡିଓ ସହଦୃବ ନନ୍ଦଙ୍କ ସଂଯୋଜନାରେ ହୋଇଥିବା ଶୁଣାଣିରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥି, ଜିଲା ଆମ୍ବୁସ ପର୍ସନ ବ୍ରଜେନ୍ଦ୍ର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବ୍ଲକ ସାମାଜିକ ସମୀକ୍ଷକ ଡିକିଡିଲୋମା ହୋତା ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। କେତେକ କାର୍ଯ୍ୟରେ କାମ ନ ହୋଇ ଶ୍ରମିକଙ୍କୁ ପେମେଣ୍ଟ ହୋଇଥିବା, ସୂଚନା ଫଳକ ଲେଖାଯାଇ ନ ଥିବା, କମ କାମରେ ଅଧିକ ମଜୁରୀ ପଇଠ ହୋଇଥିବା ସମ୍ପର୍କରେ ଆଲୋଚନା କରାଯାଇ ୭ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ଅଧିକାରୀମାନେ ତାଗିଦ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ନରେନ୍ଦ୍ର ନାୟକ, ଏସିପି ନେତ୍ରାନନ୍ଦ ସାହୁ ସହଯୋଗ କରିଥିଲେ।



ସାମାଜିକ ସମୀକ୍ଷାରେ ଯୋଗଦେଇଥିବା ଅଧିକାରୀମାନେ।

## ସମ୍ବଲପୁରରେ ଆୟୋଜନ ହେବ ଜାତୀୟ ମିସ୍, ମିଷ୍ଟରଇଣ୍ଡିଆ ପ୍ରତିଯୋଗିତା

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

ପ୍ରଥମ ଥର ପାଇଁ ସମ୍ବଲପୁରରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ମିସ୍ ଓ ମିଷ୍ଟର ଇଣ୍ଡିଆ-୨୦୨୫ ପ୍ରତିଯୋଗିତା। ଏଥିରେ ଦେଶର ପ୍ରାୟ ୨୩ରୁ ଉର୍ଦ୍ଧ୍ୱ ରାଜ୍ୟର ଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ମହାସଂଘ(ଆଇବିଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରାୟ ୪୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବା ଆଶା ରହିଛି ବୋଲି ଆୟୋଜକ ସମ୍ବଲପୁର ଜିଲା ବଡି ବିଲଡର୍ସ ଏଣ୍ଡ ଫିଟନେସ୍ ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ଦି ଦେବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନର ସଭାପତି ସତୀଷ ବିଶିଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ କହିଛନ୍ତି, ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ଆସନ୍ତା ଏପ୍ରିଲରେ ଏହି ଜାତୀୟସ୍ତରୀୟ ମିସ୍ ଓ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ଆୟୋଜିତ ହେବ। ମାତ୍ର ଆୟୋଜନର ତାରିଖ ଧାର୍ଯ୍ୟ ହୋଇନାହିଁ। ଆଗାମୀ କିଛିଦିନ ମଧ୍ୟରେ ତାରିଖ ଘୋଷଣା କରାଯିବ। ଏହା ପୂର୍ବରୁ ୨୦୨୩ ରେ ମିସ୍ ଓ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାର ସଫଳ ଆୟୋଜନ ପରେ ଏଠାରେ ଜାତୀୟସ୍ତରର ପ୍ରତିଯୋଗିତା ଆୟୋଜନ ପାଇଁ ଭାରତୀୟ ସୁନ୍ଦରସ୍ୱାସ୍ଥ୍ୟ ମହାସଂଘ ପକ୍ଷରୁ ଅନୁମତି ମିଳିଛି। ଏହାକୁ ମଧ୍ୟ ସଫଳତାର ସହିତ ଆୟୋଜନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ତିନିଟି ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯେଗୀ ଆସନ୍ତା ଅଗଷ୍ଟରେ ହେବାକୁ ଥିବା ମିସ୍ ଓ ମିଷ୍ଟର ୱାର୍ଲଡ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ ବୋଲି ବିଶି କହିଛନ୍ତି।

ସଂଘର ରାଜ୍ୟ ସମ୍ପାଦକ ସନ୍ତୋଷ ମହାନ୍ତି ସମ୍ବଲପୁରରେ ମିସ୍ ଓ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ଅଧିକ ସୂଚନା ଦେଇ କହିଛନ୍ତି, ରାଜ୍ୟସ୍ତରୀୟ ପ୍ରତିଯୋଗିତାର ୮ଟି ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ରାଜ୍ୟକୁ ପ୍ରତିନିଧିତ୍ୱ କରିବାକୁ ଥିବା ବେଳେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଅନୁରୂପ ଭାବେ ଶ୍ରେଷ୍ଠ ଜିଲାସ୍ତରୀୟ ପ୍ରତିଯୋଗୀ ଭାଗନେବେ। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲାସ୍ତରୀୟ ପ୍ରତିଯୋଗିତା ଆୟୋଜନ ଆରମ୍ଭ ହୋଇସାରିଛି। ସମ୍ବଲପୁରଠାରେ ଉଭୟ ମହିଳା, ପୁରୁଷ ତଥା ବରିଷ୍ଠ ଓ କନିଷ୍ଠ ଆଦି ମୋଟ ୧୪ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହେବାକୁ ସ୍ଥିର ହୋଇଥିବା ବେଳେ ଏହାସହିତ ଭିନ୍ନକ୍ଷମଙ୍କୁ ନେଇ ଏକ ସ୍ୱତନ୍ତ୍ର ବର୍ଗରେ ମଧ୍ୟ ଏକ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ ପାଇଁ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସଙ୍ଗଠନର ତତ୍ତ୍ୱାବଧାରିକା ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ଶୁଭକାମନା ଜଣାଇଛନ୍ତି। ଶେଷରେ ସଙ୍ଗଠନର କାର୍ଯ୍ୟନିର୍ବାହୀ ସଦସ୍ୟ ଭୋଳା ମହନ୍ତମ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବଡି ବିଲଡର୍ସ ଏସ୍ ଫିଟନେସ୍ ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ନିଶାନ୍ତ ବହିଦାର, ସାଧାରଣ ସମ୍ପାଦକ ଅମିତାଭ ପରିଡ଼ା, ଉପସଭାପତି ଜିଜି ଜୋସେଫ, ରାଜ୍ୟ ଉପସଭାପତି ମନୋଜ କୁମାର ସ୍ୱାଇଁ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବାଳକୃଷ୍ଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା ବଡି ବିଲଡର୍ସ ଏସ୍ ଫିଟନେସ୍ ଆସୋସିଏସନ୍ ପକ୍ଷରୁ ମିସ୍ ଓ ମିଷ୍ଟର ଇଣ୍ଡିଆ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଉଛି।

**ଭାଗନେବେ ୨୩ରୁ ଉର୍ଦ୍ଧ୍ୱ ରାଜ୍ୟର ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗୀ**

## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ: ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଖପ୍ରାଖୋଲ,୨୯।୧(ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିପିଇଓ ପରମେଶ୍ୱର ନାଏକ ଗତ ବୈଠକର ବିବରଣୀ ପଠନ କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଶୁ ଓ ମହିଳା ବିକାଶ, ଗ୍ରାମୀଣ ଆବାସ ଯୋଜନା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାଛଡ଼ା ବିଦ୍ୟୁତ୍ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପାଧ୍ୟକ୍ଷ ସୁଖ୍ରାମ ସାଣ୍ଡ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍ପିଙ୍କ ପ୍ରତିନିଧି ସନ୍ତୋଷ ଭଇଁସାଲ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସୁଶୀଲ ଗୁରୁ, ଉପେନ୍ଦ୍ର ଭୋଇ, ଉମାକାନ୍ତ ମେହେର, ଦେବାଶିଷ ସାହୁ, ଦେବକାନ୍ତ ପାଣିଗ୍ରାହୀ, ବୈଦ୍ୟନାଥ ମିଶ୍ରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିପିଇଓ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସଇଁତଲା,୨୯।୧(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ପଞ୍ଚାୟତଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ବିକାଶ କୁମାର ଅଧ୍ୟକ୍ଷତା କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସଭାପତି ତୁଳସୀ ଦାଶ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଅଧ୍ୟାପକ ନିରାକାର ସାହୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନ ଚରଣ ବାଗ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଛାତ୍ରୀମାନେ ନିଜେ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରି ନିଜର ସୁରକ୍ଷା ନିଜେ କରିବା ସହ ମା' ଭଉଣୀମାନଙ୍କ ସୁରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ ବୋଲି ମୁଖ୍ୟଅତିଥି ମହାପାତ୍ର କହିଥିଲେ। ଟ୍ରେନର ରେବତୀ ପାନିଗିରି ଓ ଲକ୍ଷ୍ମୀପ୍ରିୟା ସାହୁ ତାଲିମ ପ୍ରଦାନ କରିଥିଲେ।

# ଶିବତଲାକୁ ନୂଆ ବ୍ଲକ ମାନ୍ୟତା ଦାବି

ବଲାଙ୍ଗୀର,୨୯।୧(ବୀରେନ୍ଦ୍ର କୁମାର ଝାଙ୍କର)


ଶିବତଲାକୁ ବ୍ଲକ ମାନ୍ୟତା ପାଇଁ ଖବରଦାତା ସମ୍ମିଳନୀ କରାଯାଉଛି।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିବତଲାକୁ ନୂଆ ବ୍ଲକ ଭାବେ ମାନ୍ୟତା ଦେବାକୁ ବିଭିନ୍ନ ଗ୍ରାମପଞ୍ଚାୟତ ତରଫରୁ ଦାବି କରାଯାଇଛି। ନୂଆ ବ୍ଲକ ମାନ୍ୟତା କମିଟି ଆବାହକ ଡା. ବାସୁଦେବ ପତିଙ୍କ ତତ୍ତ୍ୱାବଧାନରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ଗ୍ରାମ୍ୟ କମିଟି ମୁଖ୍ୟ ଛବିଳ ପୂଜାରୀ, କଳାକାହ୍ନୁ ବେହେରା, ନାଗରିକ କମିଟି ପୂର୍ବତନ ସଭାପତି ଇଂ ବେଲାର ସିଂ ଭୋଇ, ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା ମଞ୍ଚାସୀନ ଥିଲେ। ବଲାଙ୍ଗୀର ସଦର ବ୍ଲକର ୧୪ଟି ଏବଂ ଦେଓଗାଁ ବ୍ଲକର ୩ଟି ଗ୍ରାମପଞ୍ଚାୟତକୁ ନେଇ ଏକ ନୂଆ ବ୍ଲକ କାର୍ଯ୍ୟାଳୟ ଶିବତଲା ଠାରେ ସ୍ଥାପନ କରିବାକୁ ସେମାନେ ଦାବି କରିଥିଲେ। ସମସ୍ତ ୧୭ଟି ଗ୍ରାମପଞ୍ଚାୟତକୁ ନେଇ ପ୍ରସ୍ତାବିତ ନୂଆ ବ୍ଲକର ମୁଖ୍ୟ ସ୍ଥଳ ଭାବେ ଶିବତଲା ରହିଥିବାରୁ ଏବଂ ଶିବତଲା ସହ ସମସ୍ତ ଗ୍ରାମ ପଞ୍ଚାୟତର ରାସ୍ତାଘାଟ ଯୋଗାଯୋଗ ରହିଥିବାରୁ ସେଠାରେ ନୂଆ ବ୍ଲକ କାର୍ଯ୍ୟାଳୟ ହେଲେ ସମସ୍ତଙ୍କୁ ସୁବିଧା ହେବ ବୋଲି କହିଥିଲେ। ବୁଧବାର ନୂଆ ବ୍ଲକ କାର୍ଯ୍ୟାଳୟ ଶିବତଲା ଠାରେ ଗଠନ କରିବା ଦାବି ନେଇ ଶତାଧିକ ମହିଳା ଓ ପୁରୁଷଙ୍କ ସମାବେଶ ଶିବତଲା ହାଇସ୍କୁଲ ପଡିଆରେ ହୋଇଥିଲା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ଜିଲାପାଳଙ୍କୁ ଭେଟି ଦାବିପତ୍ର ଦିଆଯିବ ବୋଲି ଡା ପତି କହିଛନ୍ତି।

# ପଦକ ବିଜେତା ପାୟଲ ନାଗଙ୍କୁ ସମ୍ବର୍ଦ୍ଧନା


ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନ ପାୟଲ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର,୨୯।୧(ବୀରେନ୍ଦ୍ର କୁମାର ଝାଙ୍କର)

- କିଛି କରିପାରିବ ନାହିଁ କହୁଥିଲେ, କରି ଦେଖାଇଲି: ପାୟଲ
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

ଜାତୀୟ ପାରା-ତୀରନ୍ଦଜୀ ଚାମ୍ପିୟନଶିପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ଭିନ୍ନକ୍ଷମ ଝିଅ ପାୟଲ ନାଗଙ୍କୁ ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରୋଟାରୀ ଇଲିଟ୍ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ପାୟଲ କହିଛନ୍ତି ଯେ, ଦାଦନ ଖଟିବାକୁ ଯାଇ ଦୁଇ ହାତଗୋଡ ହରାଇବା ପରେ ଅନେକ ଲୋକ ତାଙ୍କ ମାତାପିତାଙ୍କୁ ଏଇ ଛୁଆ ଆଉ କିଛି କରିପାରିବ ନାହିଁ ବୋଲି କହୁଥିଲେ। ଲୋକଙ୍କ ଠାରୁ ଏଭଳି କଥା ଶୁଣିବା ପରେ ତାଙ୍କୁ ଓ ତାଙ୍କ ପିତାମାତାଙ୍କୁ ଅନେକ କଷ୍ଟ ହେଉଥିଲା। ମାତ୍ର ସେ କିଛି କରି ଦେଖାଇବେ ବୋଲି ଭାବୁଥିଲେ। ଏଭଳି ସମୟରେ ତତ୍କାଳୀନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ପାରା ଆଥଲେଟ୍ ଶୀତଳ ଦେବୀଙ୍କ ଏକ ଭିଡିଓ ଦେଖାଇଥିଲେ ଓ ସେହି ଭିଡିଓ ଦେଖି ସେ ଉଦ୍‌ବୁଦ୍ଧ ହୋଇଥିଲେ ବୋଲି ପାୟଲ କହିଥିଲେ। ଆଜି ସେ କିଛି କରିପାରିଥିବାରୁ ତାଙ୍କୁ ବହୁତ ଖୁସି ଲାଗୁଛି ବୋଲି କହିଥିଲେ। ଏହି ଅବସରରେ ସେ ପାର୍ବତୀଗିରି ବାଳ ନିକେତନ ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ପ୍ରଫେସର ମଧୁସୂଦନ ପତି କହିଥିଲେ ଯେ, ପାୟଲ ପଦକ ଜିତିବା ବଡ କଥା, ମାତ୍ର ତାଠୁ ବଡ କଥା ହେଉଛି ତାଙ୍କ ଭିତରେ ରହିଥିବା ସରଳତା। ସେ ଯେଉଁ ସରଳତା ନେଇ ସଫଳତା ପାଇଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ହୋଇଛି। ପାୟଲ ଆମ ସମସ୍ତଙ୍କୁ ଗର୍ବିତ କରିଛନ୍ତି ବୋଲି ପ୍ରଫେସର ପତି କହିଛନ୍ତି। ଏହି ସମ୍ବର୍ଦ୍ଧନା ସଭାକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ପରିଚାଳନା କରିଥିଲେ। ସଭାରେ ରୋଟାରୀ ଇଲିଟ୍ ସଭାପତି ଅର୍ଚ୍ଚନା ଶତପଥୀ ସଭାପତିତ୍ୱ କରିଥିଲେ। ନୂତନ ନାୟକ ମାନପତ୍ର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୂମିକା, ଇନ୍‌ଟେକ୍ ବଲାଙ୍ଗୀର ଶାଖା, ଜିଲା ଶିକ୍ଷା ବିକାଶ ଫୋରମ୍, ରୋଟାରୀ ସେଣ୍ଟ୍ରାଲ, ବଲାଙ୍ଗୀର ମାରାଥନ୍ କମିଟି, ବିଙ୍ଗ୍ ହ୍ୟୁମାନ୍, ମାହେଶ୍ୱରୀ, ରାଧିକ ଅଳଙ୍କାର କମିଟି ପକ୍ଷରୁ ଶତାଧିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜୟ ମା' ବସ୍ରେନ ଟାଉନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଲାଠୋର,୨୯।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଖେଳପଡ଼ିଆରେ ଜୟ ମା' ବସ୍ରେନ ଟାଉନ ଫୁଟବଲ କ୍ଲବ ସଭାପତି ବାଜୁବନ ଭଇଁଷାଲଙ୍କ ତତ୍ତ୍ୱାବଧାନରେ ୮ ଗୋଟି ଦଳକୁ ନେଇ ୨୬ ତମ ଟାଉନ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ଗଙ୍ଗାଧର ଭଇଁଷାଲ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚର ପ୍ରଥମ ରାଉଣ୍ଡ କଣ୍ଟାବାଞ୍ଜି ଏଫସି ଏବଂ ରାଜଖରିଆର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଖରିଆର ଏଫସି ୧-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲ କୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ରାଉଣ୍ଡ ମ୍ୟାଚ ପାଟଣାଗଡ଼ ନକଟାସହର ଏବଂ ନୂଆପଡ଼ା ବ୍ରଦର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ା ବ୍ରଦର ୬-୫ରେ ବିଜୟୀ ହୋଇଥିଲା। ବିଜୟ ଲାଭ କରିଥିବା ଦୁଇ ଦଳ ୩୧ ତାରିଖ ଦିନ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଦୋଳଗୋବିନ୍ଦ ମୁଣ୍ଡା ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ବଳରାମ ସରାଫ, ଝସକେତନ ଭୋଇ ଏବଂ ଯଶୋବନ୍ତ ମାଝୀ। ଏହି ଅବସରରେ ଉପସଭାପତି ଜୟଦେବ ଶାଣ୍ଡ,ସମ୍ପାଦକ ରାମ ବିଭାର, ବସନ୍ତ ଗୁର୍ଲା, ଲଳିତ ଭଇଁଷାଳ,ନୀଳମଣି ବେହେରା, ଦୀନବନ୍ଧୁ ସେଠଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜଙ୍ଗଲଜାତ ଖାଦ୍ୟ ଅଭ୍ୟାସ ସମ୍ପର୍କିତ ସଚେତନତା ମେଳା



ଖପ୍ରାଖୋଲ,୨୯।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଚଚରାଭଟାଠାରେ ଆରସିଡ଼ିସି ତରଫରୁ ଜଙ୍ଗଲଜାତ ଖାଦ୍ୟ ଅଭ୍ୟାସ ଓ ଏହାର ପ୍ରୋତ୍ସାହନ ସମ୍ପର୍କିତ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବରାଜ ବାଗ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଜଙ୍ଗଲ ସୁରକ୍ଷା ଫୋରମର ଆବାହକ କୁଳମଣି ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଉପଦେଷ୍ଟା ଚିକେନ୍ଦ୍ର ଜାଲ, ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ବନରକ୍ଷୀ ସଞ୍ଜୀବ ପ୍ରଧାନ, ରାଜେନ୍ଦ୍ର ଧରୁଆ, ଚାଷୀ ନେତା ମଧୁସୂଦନ ସାହୁ, ଖାଦ୍ୟ ସୁରକ୍ଷା ମହାସଂଘ ସଭାପତି ଦୁର୍ଯ୍ୟୋଧନ ବରିହା, ଗୌଣ୍ଟିଆ ଡଗର ମାଝୀ, ନାରୀନେତ୍ରୀ ମାଳତୀ ନାଏକ ଯୋଗ ଦେଇଥିଲେ। ଅତିଥିମାନେ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ପ୍ରକାର ଖାଦ୍ୟ, ଶାଗ, ଛତୁ, ଫଳ, ମୂଳ, ଲଘୁ ବନଜାତ ଦ୍ରବ୍ୟ ଓ ତାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା ମହିଳା ପୁରୁଷ ପୂର୍ବରୁ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଉପରେ କହିଥିଲେ। ବିଭିନ୍ନ ଜଙ୍ଗଲ ଜାତ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ପାରମ୍ପାରିକ ଔଷଧ, ଚେରମୂଳ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ରଘୁନାଥ ରଣା, ନାରାୟଣ ସାହୁ, ଲିଙ୍ଗରାଜ ନିଆଲ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ସାମ୍ବାଦିକ ସଂଘ ତରଫରୁ ନୂତନ ଜିଲା ଭାଜପା ସଭାପତିଙ୍କୁ ସମ୍ବର୍ଦ୍ଧନା


ନୂତନ ଜିଲା ଭାଜପା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୁରିବାହାଲ,୨୯।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ମଙ୍ଗଳବାର ମୁରିବାହାଲ ଫରେଷ୍ଟ ବଙ୍ଗଳା ନିକଟରେ ନୂତନ ଭାବରେ ନିଯୁକ୍ତି ପାଇଥିବା ଭାଜପା ବଲାଙ୍ଗୀର ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ସାମ୍ବାଦିକ ସଂଘର ସଭାପତି ଡ଼. ସୁବ୍ରତ କୁମାର ମହାକୁରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି କେଦାର ବଡ଼ଜେନା, ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର, ପ୍ରଫୁଲ୍ଲ ବଘାର,ତରଣୀସେନ ମେହେର, ଅମରେଶ ମାଝୀ, ମନୋଜ କୁମାର କର, ଲକ୍ଷ୍ମୀ ଧରୁଆ, ପ୍ରକାଶ କୁମାର ବଘାର, ଆଇନ ପରାମର୍ଶଦାତା ଜୟଦୀପ ପୁରୋହିତ ନାରାୟଣ ସାହୁ, ରାଜୀବ କୁମାର ମହାନ୍ତି, କୁନ୍ତ ପୋଡ଼, ପ୍ରିୟବ୍ରତ ବିଶି , ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଦେଓଗାଁ,୨୯।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡା ସ୍ଥାନୀୟ ନେହେରୁ ଖେଳପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡ, ସଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜେଭଲିନ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ଦେବାଶିଷ ବିଶ୍ୱାଳ, ଶୁଶିଳ କୁମାର ପ୍ରଧାନ, ବ୍ୟାସଦେବ ପ୍ରଧାନ ଓ ମୋହନ ରଣା ପ୍ରମୁଖ ପରିଚାଳନା କରିଥିଲେ। ବାଳିକା ବିଭାଗରେ ରଞ୍ଜିତା ରାଉତ ଓ ବାଳକ ବିଭାଗରେ ମନିଷ କୁମାର ପୋଡ଼ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ପ୍ରତାପ କୁମାର ମିଶ୍ର, ରାଜ କୁମାର ବେରିଆ, ସୁନୀତା ମଲ୍ଲିକପ୍ରମୁଖ ସହଯୋଗ କରିଥିଲେ।

### ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ କଂସ ବରଣ

ଲୋଇସିଂହା,୨୯।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ କୁଟାସିଂହା ସଦର ଗ୍ରାମର ନବ ନିର୍ମିତ ହନୁମାନ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ କପିଳେଶ୍ୱର ଶିବ ମନ୍ଦିର ମଣ୍ଡପରେ ପ୍ରସ୍ତୁତି ବୈଠକ କମିଟିର ଆବାହକ ସାଧୁରାମ ଦେହେରିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛ। ପ୍ରତିଷ୍ଠା ମହୋତ୍ସବ ଏପ୍ରିଲ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ଉତ୍ସବରେ କଂସ ଦରବାର ସହ ବିଭିନ୍ନ ଜିଲାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଛି । ଏହି କ୍ରମରେ କଂସ ଭୂମିକାରେ ଅଭିନୟ କରିବା ପାଇଁ ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ଠେଲକୋମୁଣ୍ଡା ଗ୍ରାମ ର ରାଧେଶ୍ୟାମ ହାତୀଙ୍କୁ ବରଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ଡିଗ୍ରୀ ମେହେର, ସନ୍ତୋଷ ବିଶି, ଯାତ୍ରା ପରିଚାଳକ ଗଦିରାମ ବେହେରା, ଦାମୋଦର ପଧାନ, ପ୍ରଦୀପ ପାତ୍ର, ମିଳନ ସରାଫ, ସଚିନ ସାହୁ, ରବିଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତଥିଲେ। ପୂଜକ ଯୁଧିଷ୍ଠିର ଦେହେରି ଧନ୍ୟବାଦ ଦେଇଥିଲେ।

WANTED
PRINCIPAL : B.A./B.Com/B.Sc. B.Ed.
VICE PRINCIPAL : B.A./B.Com/B.Sc. B.Ed.
Contact No. : 7077010772
PILLAR INTERNATIONAL SCHOOL, KUCHINDA

FAKIR MOHAN UNIVERSITY
Vyasa Vihar, Nuapadhi, Balasore, Odisha, PIN - 756089
Phone: 06782-275787, E-mail: registrarfmuniversity@gmail.com, Website: https://fmuniversity.nic.in/
No. Estt.(NT)-II-62/2025/636 Date: 29.01.2025
TENDER CALL NOTICE
Sealed tenders are invited from reputed Manpower Providing Agencies having valid Labour Contract Registration/GST Regd., PAN No. etc. to provide the services of different Ministerial, Technical & other Class-IV personnels to the University for a period of **three years from the month of Agreement** on contract basis to attend day to day official work of the University. The tender papers, terms and conditions and other related documents are available in the University website **https://fmuniversity.nic.in**. The interested agencies may download the same from the University website and submit sealed cover tender papers along with required fees & documents in the office of the Registrar by **17.02.2025 at 5.00 P.M.** positively. The sealed cover tenders shall be opened on **18.02.2025 at 11.00 A.M.** in the office chamber of the Registrar in presence of the Venders or their authorised representatives.
Sd./- Registrar

THE KOSALA SCHOOL
Estd.- 1979
7682032632
An English Medium Residential Public School
(CBSE Affiliation No. 1530006)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6371537828 / 6371532877 / 6370708544 / 9777706828 / 8598003451
KOSALA ENTRANCE TEST 2025-2026
★ Admissions open for classes UKG to Std- IX & XI for **Boarders**.
Very few seats are available from LKG to Std-VIII & XI for **Day Scholars**.
★ Interested candidates are to appear Entrance Test in English, Mathematics, and General Knowledge.
Entrance Test for **Day Scholars** :- 23.02.2025
Entrance Test for **Boarders** :- 02.03.2025
★ Entrance Test for XI (Day Scholar & Boarders) :- 23.03.2025
(Subject : Maths & Science)
★ Candidates qualified in Entrance Test will get admission strictly on merit basis.
★ Enquiry time over phone - 09.00am to 1.00 P.M. on all working days.
★ Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
★ Selling of Admission Forms will start from 02nd February 2025 onwards.
Sd./- (Principal)

यूनियन बैंक ऑफ इंडिया Union Bank of India
କୋର୍ଟପେଟା ଶାଖା
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୪
ବିକ୍ରୟ ନୋଟିସ୍
(୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}
ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୌଭାଗ୍ୟ ଗୌଡ,** ପିତା: ସୀମାଞ୍ଚଳ ଗୌଡ, **ଠିକଣା-୧:** ସା: ବେଥୁଆର, ପୋ: ବେଥୁଆର, ଥାନା: ବଡଗଡ, ଧରାକୋଟ, ଗଞ୍ଜାମ, ଓଡ଼ିଶା-୭୬୧୧୦୭, **ଠିକଣା-୨:** ସା: ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା, ବ୍ରହ୍ମପୁର-୭୬୧୦୦୧ | **ଶ୍ରୀ ସୌଭାଗ୍ୟ ଗୌଡଙ୍କ** ନାମରେ ଥିବା ଘରବାରୀ ଜମି ଏବଂ ଗୃହ ଯାହାର ଜିଲ୍ଲା: ଗଞ୍ଜାମ, ତହସିଲ: କୁକୁଡାଖଣ୍ଡି, ଏସ୍‌ଆରଓ: ବ୍ରହ୍ମପୁର-୧, ଥାନା: ବ୍ରହ୍ମପୁର ସଦର, ଗ୍ରାମ/ମୌଜା: ନିମଖଣ୍ଡି, ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା ମେନ୍ ରୋଡ଼ ନିକଟ, ପୁରୁଣା ଖାତା ନଂ.: ୪୧୦/୬୪୮୬, ନୂତନ ଖାତା ନଂ.: ୪୧୦/୮୮୬୪ ଏବଂ ପୁରୁଣା ପ୍ଲଟ୍ ନଂ.: ୫୦୫/୩୯୮୪, ନୂତନ ପ୍ଲଟ୍ ନଂ.: ୫୦୫/୧୦୪୫୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଟି ବାଲାଜୀଙ୍କ ଜମି, ପଶ୍ଚିମ: ଶ୍ରୀ ସୁରେନ୍ଦ୍ର ଗୌଡଙ୍କ ଗୃହ, ଉତ୍ତର: କିଙ୍ଗସ୍ ଆସୋସିଏଟ୍ସର ଜମି, ଦକ୍ଷିଣ: ରାସ୍ତା | ୧୪.୧୦.୨୦୨୪ / ୦୬.୦୧.୨୦୨୫ / ୨୧.୦୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୧୪.୧୦.୨୦୨୪ରିଖରେ** ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୦୬.୦୧.୨୦୨୫ରିଖରେ** ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦** ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।
ସ୍ଥାନ: ବ୍ରହ୍ମପୁର
ତାରିଖ: ୨୯.୦୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨
ସୁନା ନିଲାମ ବିଜ୍ଞପ୍ତି
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୨.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ତୁଳସୀ ନଗର ଚୌକ, ରେଡ୍ଡି ଗ୍ୟାରେଜ ନିକଟ, ଆସ୍କା ରୋଡ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୯୮୬୧୧୬୩୦୩୨** | | |
| ୧. | **ଆଶିଷ କୁମାର ମହାରଣା,** ମାର୍ଫତ୍: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / **୨୯୩୧୧୬୫୪୦୦୦୦୨୨୫** | ୯.୭୦ | ୧୧.୪୦ |
| ୨. | **ଆଶିଷ କୁମାର ମହାରଣା,** ମାର୍ଫତ୍: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / **୨୯୩୧୧୬୫୪୦୦୦୦୨୯୫** | ୬.୦୦ | ୭.୫୦ |
| ୩. | **ବସନ୍ତ କୁମାର ମହାନ୍ତି,** ପିତା: ୪ ରାମହରି ମହାନ୍ତି, ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ / **୨୯୩୧୧୬୫୪୦୦୦୦୨୬୫** | ୧୯.୦୦ | ୨୨.୩୦ |
| ୪. | **ଲିସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ବ୍ରହ୍ମପୁର - ୭୬୦୦୦୧ / **୨୯୩୧୧୬୫୪୦୦୦୦୦୮୭** | ୪.୫୦ | ୫.୩୦ |
| ୫. | **ରାଜା ସାହୁ,** ମଠ ଷ୍ଟ୍ରିଟ୍, ବୋରିଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୧ / **୨୯୩୧୧୬୫୪୦୦୦୦୧୦୩** | ୨.୨୫ | ୩.୦୪ |
| | **ଭଞ୍ଜନଗର ଶାଖା-୨, ମେନ୍ ରୋଡ, ଟାଉନ୍ ହଲ ବିପରୀତ, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬, ମୋ: ୭୦୦୮୩୨୭୮୩୫** | | |
| ୧. | **ସୁକଦେବ ପ୍ରଧାନ,** ପିତା: ସନ୍ୟାସୀ ପ୍ରଧାନ, ସା: ଚାରିକୋଣିଆ, ପୋ: ରାଉତି, ଭାୟା: ଜଗନ୍ନାଥ ପ୍ରସାଦ, ଭଞ୍ଜନଗର - ୭୬୧୧୨୬ / **୦୦୬୫୩୦୧୦୦୧୦୦୨୭୩** | ୧୭.୦୦ | ୧୯.୪୪ |
| ୨. | **ତମଲତା ବେହେରା,** ସ୍ୱାମୀ: ଗୋବିନ୍ଦ ବେହେରା, ସା/ପୋ: ଗୋଲାପଡା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୬ / **୦୦୬୫୩୦୧୦୦୦୮୮୩୫୧** | ୪୫.୦୦ | ୪୭.୦୦ |
| | **ଗୋପାଳପୁର ଜଙ୍କସନ୍ ଡୁରା ଶାଖା, ପଥରା, ସା/ପୋ: ବାହାଦୁରପେଟା, ଗୋପାଳପୁର ମେନ୍ ରୋଡ, ଗଞ୍ଜାମ-୭୬୦୦୦୭, ମୋ: ୯୬୦୪୪୨୫୨୨୩** | | |
| ୧. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / **୭୭୦୬୦୬୫୪୦୦୦୧୩୪୮** | ୧୫.୦୦ | ୧୬.୯୦ |
| ୨. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / **୭୭୦୬୦୬୫୪୦୦୦୧୬୯୯** | ୭.୮୦ | ୧୦.୭୦ |
| | **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୧୫, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୯, ମୋ: ୮୨୬୦୧୩୨୩୫୬** | | |
| ୧. | **କିରଣବାଳା ପରିଡା,** ସ୍ୱାମୀ: ପୁଲକ କୁମାର ବିଶ୍ୱାଳ, ୪/୧ ଲେନ୍, ନୟାଗଡ-୭୫୨୦୬୯ / **୩୪୮୩୨୬୬୩୦୦୦୦୬୬୨** | ୩୦.୦୦ | ୩୧.୪୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।
**ସ୍ଥାନ: ବ୍ରହ୍ମପୁର, ତାରିଖ: ୨୯.୦୧.୨୦୨୫** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

See Career Appointment on every Wednesday & Saturday

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୨୯।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ବସନ୍ତପଡା ଗ୍ରାମ ବୁଲାଣିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଙ୍ଗସର୍ଗି ଗାଁର ବୃକୁଳି ମାଝୀ (୪୦)। ସୂଚନାନୁସାରେ ସନ୍ଧ୍ୟା ୭ଟା ସମୟରେ ବୃକୁଳି ବାପଘର ବସନ୍ତପଡାରୁ ଶ୍ୱଶୁରଘର ଡେଙ୍ଗସର୍ଗି ଯିବା ସମୟରେ ଲାଞ୍ଜିଗଡରୁ ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବସନ୍ତପଡା ବୁଲାଣିରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ୱାମୀ ସନ୍ୟାସୀ ମାଝୀଙ୍କ ୫ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୪ ଗୋଟି ପୁଅ ଓ ୨ ଗୋଟି ଝିଅ ଅଛନ୍ତି। ବର୍ତ୍ତମାନ ଏହି ୬ ସନ୍ତାନ ମା'ବାପା ଛେଉଣ୍ଡ ହୋଇପଡିଛନ୍ତି। ଘଟଣାସ୍ଥଳରେ ମହିଳାଙ୍କ ମୃତଦେହ ପଡିଥିବା ବେଳେ ଉତ୍ତେଜନା ଦେଖାଦେଇଛି । ଖବର ପାଇ ଲାଞ୍ଜିଗଡ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ବାରକୋଟରୁ ଉଦ୍ଧାର ହେଲେ ୧୫ ଛାତ୍ର

ବଣାଇଁ,୨୯।୧(ପ୍ରଦୀପ ତ୍ରିପାଠୀ)




■ ଛାତ୍ରମାନଙ୍କୁ ଉଦ୍ଧାର କରି ବିଦ୍ୟାଳୟ ଶିକ୍ଷକଙ୍କ ଜିମା ଦେଲା ପୋଲିସ

■ ରୋଷେୟା ତଥା ପରିଚାରକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ପଳେଇଥିଲେ

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ଶିହିଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରୁ ଗତ ମଙ୍ଗଳବାର ରାତିରେ ଫେରାର ୧୫ ଜଣ ଛାତ୍ରଙ୍କଙ୍କ ପତ୍ତା ମିଳିଛି। ଦେବଗଡ଼ ଜିଲା ବାରକୋଟ୍ ଥାନା ପୋଲିସ ଉକ୍ତ ଛାତ୍ରମାନଙ୍କୁ ଉଦ୍ଧାର କରି ବୁଧବାର ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ଜିମା ଦେଇଛି। ତେବେ ରୋଷେୟା ତଥା ପରିଚାରକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଛାତ୍ରମାନେ ପଳାଇ ଯାଇଥିଲେ ବୋଲି ଜଣାପଡିଛି।

ଶିହିଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଆଦିବାସୀ ଛାତ୍ରାବାସରେ ସମୁଦାୟ ୩୭ ଜଣ ଛାତ୍ର ରହୁଛନ୍ତି । ସେମାନଙ୍କ ମଧ୍ୟରୁ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୧୫ ଜଣ ଛାତ୍ର ମଙ୍ଗଳବାର ରାତିରେ ଫେରାର ହୋଇଯାଇଥିଲେ। ସେମାନେ ଚାଲି ଚାଲି ଯାଉଥିବା ଦେଖି ବାରକୋଟ ଥାନା ଅନ୍ତର୍ଗତ ଆମ୍ୱାଗାଁ ଲୋକେ ଥାନାକୁ ଜଣାଇଥିଲେ । ବାରକୋଟ ପୋଲିସ ପାଟ୍ରୋଲିଂ ସ୍କ୍ୱାର୍ଡ ଆସି ଛାତ୍ରମାନଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ପଚରାଉଚୁରା କରି ସ୍କୁଲ ବିଷୟରେ ଜାଣିବା ପରେ ବୁଧବାର ବାରକୋଟ ପୋଲିସ ବିଦ୍ୟାଳୟର ଶିକ୍ଷକଙ୍କ ଜିମାରେ ପିଲାମାନଙ୍କୁ ଛାଡିଛନ୍ତି । ଏଭଳି ଏକ ଘଟଣା ଉପରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାବୁରାମ ମହାନ୍ତଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ସମ୍ପୃକ୍ତ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ରୋଷେୟା ତଥା ପରିଚାରକ ଅମିତ କୁମାର ପାହୁଲେଙ୍କ ବ୍ୟବହାର ଭଲ ଲାଗୁ ନ ଥିଲା। ତେଣୁ ଛାତ୍ରମାନେ ପଳେଇ ଯାଇଥିଲେ ବୋଲି ପ୍ରଧାନ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ସମ୍ପୃକ୍ତ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ହୋଇଥିଲେ ମଧ ଛାତ୍ରାବାସ ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ଉକ୍ତ ବିଭାଗକୁ ତଦନ୍ତ ରିପୋର୍ଟ ଦେଲା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶିକ୍ଷାଧିକାରୀ ପ୍ରଧାନ କହିଛନ୍ତି।

## କୁତ୍ରା ଓଏଭିର ପ୍ରଥମ ବାର୍ଷିକୋତ୍ସବ




ବାର୍ଷିକୋତ୍ସବ ସଭାରେ ମଞ୍ଚାସୀନ ଅତିଥିଗଣ।

କୁତ୍ରା,୨୯।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଅଧ୍ୟକ୍ଷ ରୋଡେକ୍ସ ଏକ୍କାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଯୁଗଳ କିଶୋର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଇଂରାଜୀ ଶିକ୍ଷାକୁ ଆହୁରି ପ୍ରସାରିତ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଯୋଗୀ ମନୋଭାବ ପୋଷଣ କରିବାରେ ସହାୟକ ହେବ ବୋଲି କହିଥିଲେ। ଜିଲା ସ୍କାଉଟ କମିଶନର ଡ. ବିଭୀଷଣ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହି ଅନୁଷ୍ଠାନକୁ ଏକ ଆଦର୍ଶ ଅନୁଷ୍ଠାନ ଭାବେ ଗଢିତୋଳିବା ପାଇଁ ପରାମର୍ଶ ଦେଇଥିଲେ। କୁତ୍ରା ବିଇଓ ଅଶୋକ କୁମାର ଲାକଡା, ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସରୋନିଆ, ବିରିଙ୍ଗାଟୋଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ସେଣ୍ଟ ଯୋଶେଫ ବିଦ୍ୟାଳୟର ଫାଦର ଯୋଶେଫ ବାର୍ଲା, ଶର୍ଗୁକିନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ, ସିଆର୍‌ସିସି ବୈଦ୍ୟନାଥ ଜୟପୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଏକ୍କା ସ୍ୱାଗତ ଭାଷଣ ସହିତ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପରେ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ବହୁ ଅଭିଭାବକ ଯୋଗ ଦେଇଥିଲେ।

# କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ରାଜଗାଙ୍ଗପୁର,୨୯।୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ା ବୁଧବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ସସ୍ମିତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣ-ପୂର୍ବ ରେଳ ଡିଭିଜନ ଅଧିକାରୀ ତଥା ପ୍ରାକ୍ତନ ହକି ଖେଳାଳି ସୁଭଦ୍ରା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଭବିଷ୍ୟତ ନିର୍ମାଣ କରିବା ପାଇଁ ଉପଦେଶ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପୁଷ୍ପଲତା ଷଡ଼ଙ୍ଗୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡାର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଗତ ୨୮ତାରିଖରେ ବାର୍ଷିକ କ୍ରୀଡା ଉଦ୍‌ଘାଟନ ହେବା ପରେ ରାଜଗାଙ୍ଗପୁରସ୍ଥିତ ଫୁଟବଲ ପଡ଼ିଆରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ଫୁଲଜେମ୍ ଟପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବାଣିଜ୍ୟ ବିଭାଗ ଅଧ୍ୟାପକ ଅନୀଲ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।



ତାମିଲନାଡୁରୁ ଫେରିଥିବା ଝିଅ।

# ତାମିଲନାଡୁରୁ ସୁନ୍ଦରଗଡ଼ ପହଞ୍ଚିଲେ ୧୫ ଯୁବତୀ

ସୁନ୍ଦରଗଡ,୨୯।୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକରୁ ତାଲିମ ନାଁରେ ତାମିଲନାଡୁ ନିଆଯାଇଥିବା ଯୁବତୀମାନଙ୍କ ମଧ୍ୟରୁ ପ୍ରଥମେ ପର୍ଯ୍ୟାୟରେ ୧୫ଜଣ ସେମାନଙ୍କ ଅଭିଭାବକଙ୍କ ସହ ବୁଧବାର ସକାଳେ ଘରକୁ ଫେରିଛନ୍ତି। ସେମାନେ ହେଲେ ରଶ୍ମିତା ଅମାତ, ମୋନାଲିସା ସା, ବିନୋଦିନୀ କିସାନ, ଦିପା କିସାନ, ସନ୍ଧ୍ୟାରାଣୀ କିଷାନ, ଗୀତା କିଷାନ, କବିତା ମାଝୀ, ବିଜୟା କିଷାନ, ପ୍ରୀତି ପ୍ରଧାନ, ରୀତା ଭୋଇ, ମନ୍ଦାକିନୀ ରାଉତ, ବିଶାଖା ସରେଙ୍ଗ, ସୀତା ଓର୍ଦ୍ଦା, ସୋନିଆ ନାଏକ, ଗୁଲେଶ୍ୱରୀ ବାରିକ। ଲୁହୁରାଡିପାସ୍ଥିତ ନୂଆ ବସଷ୍ଟାଣ୍ଡରେ ସେମାନେ ପହଞ୍ଚିବା ପରେ ସେମାନଙ୍କୁ ନିଜ ମାଟିରେ ସ୍ୱାଗତ ଜଣାଇଥିଲେ କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡା। ଯୁବତୀମାନେ ନିଜ ଜିଲାକୁ ଆସି ବହୁତ ଖୁସି ଅନୁଭବ କରିଥିବା କହିଛନ୍ତି।

# ରୋଜଗାର ସୃଷ୍ଟି କରିବ ଡେଏରୀ ଫାର୍ମ

ସୁନ୍ଦରଗଡ,୨୯।୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଖେରିଆକାନି ଗ୍ରାମରେ ଏକ ଡାଏରୀ ଫାର୍ମର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନୁମୋଦିତ ଏହି ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ସହ ଜିଲା ତଥା ରାଜ୍ୟବାସୀଙ୍କୁ ଉତ୍ତମମାନର କ୍ଷୀର ଯୋଗାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ (ସିଡିଭିଓ) ଡାକ୍ତର ସନ୍ତୋଷ କୁମାର ପାଣଗ୍ରାହୀ ଓ ଡେପୁଟି ଡାଇରେକ୍ଟର (ଭେଟନାରୀ) ଡାକ୍ତର ସ୍ୱରୂପ ରଞ୍ଜନ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଫାର୍ମରେ ୩ ଶହରୁ ଉର୍ଦ୍ଧ୍ୱ ଗାଈ ରଖାଯିବ ଏବଂ ଅତ୍ୟାଧୁନିକ ଉପକରଣ ମାଧ୍ୟମରେ କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଉତ୍ପାଦନ ଓ ପ୍ୟାକେଜିଂ ହେବ ବୋଲି ଡାଏରୀ ଫାର୍ମର ନିର୍ଦ୍ଦେଶକ ଶ୍ରୀକାନ୍ତ ତ୍ରିପାଠୀ କହିଥିଲେ।

# ଜିଲାପାଳ ବୁଲି ଦେଖିଲେ ଉନ୍ନୟନ ପ୍ରକଳ୍ପ



ଜିଲାପାଳ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

ଲହୁଣୀପଡା,୨୯।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ ବୁଧବାର ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ଦେଓଧର ନିକଟରେ ଥିବା ମେଗା ଜଳ ପ୍ରକଳ୍ପ, ଦେଓଧର ପିକ୍‌ନିକ୍ ସ୍ଥଳ, ବିରତୋଳା ପିକନିକ ସ୍ଥଳ, ଦର୍ଜାଂ ଉଚ୍ଚ ବିଦ୍ୟାଳୟ, ଗୁଡିଆଳି ନବ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାପରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ସିଡିଓ ସୁରଞ୍ଜନ ସାହୁ, ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଆଇଟିଡିଏ ପିଏ ବିଶ୍ୱଦର୍ଶୀ ସାହୁ, ଲହୁଣୀପଡା ବିଡ଼ିଓ ଅନୁରାଗ ମିଶ୍ର, ତହସିଲଦାର ବାବୁଲ ପେରେଇ, ଜିଲା ଖଣିଜ ପ୍ରତିଷ୍ଠାନ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଜିଲାପାଳ ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ। ଏହାପରେ ସେ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ।

# ଫାଇନାଲିଷ୍ଟ ଦଳକୁ ଫୁଟ୍‌ବଲ କିଟ୍ ପ୍ରଦାନ

ରାଉରକେଲା,୨୯।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପଦକ୍ଷେପ ସ୍ୱରୂପ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ୮ଟି ଫାଇନାଲିଷ୍ଟ ଦଳକୁ ଫୁଟବଲ କିଟ୍ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୨୦ରେ ଥିବା ସିଏସ୍‌ଆର ବିଭାଗ ଫେରିଫେରାଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କିଟ୍ ବିତରଣ କରାଯାଇଥିଲା। ଟି ଏଣ୍ଡ ଆର୍‌ଏମ୍ ବିଭାଗର ଜିଏମ୍ ସନ୍ତୋଷ ଭୂୟାଁ ଏବଂ କ୍ରୀଡ଼ା ବିଭାଗ ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଏହି କିଟ୍ ବଣ୍ଟନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର ,ଏଜିଏମ୍ ଟି. ବି ଟପ୍ପୋ, ପୂର୍ବତନ ନ୍ୟାଶନାଲ ଫୁଟବଲ ମ୍ୟାଚ ରେଫରି ଭାସ୍କର ନନ୍ଦଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ପ୍ରତି ଫାଇନାଲିଷ୍ଟ ଦଳକୁ ଜୋତା, ମୋଜା, ଟି-ସାର୍ଟ, ସିନ ଗାର୍ଡ ସହିତ ଫୁଟବଲକୁ ମିଶାଇ ଏକ ସମ୍ପୂର୍ଣ୍ଣ ଫୁଟବଲ କିଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟୁର୍ନାମେଣ୍ଟ ବୃତ୍ତାନ୍ତ ନିଷ୍ପତି ସହିତ ମ୍ୟାଚ୍‌ର ନିୟମାବଳୀ ଏବଂ କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା ସଂଯୋଜନା କରିଥିଲେ।

## ୩ ଦିନ ବିତିଲା, ତଦନ୍ତ ମନ୍ଥର

**ଜାତୀୟ ପତାକାକୁ ଅସମ୍ମାନ ପ୍ରସଙ୍ଗ**

ବଣାଇଁ,୨୯।୧(ପ୍ରଦୀପ ତ୍ରିପାଠୀ)

ଗତ ୨୬ ତାରିଖରେ ସୁନ୍ଦରଗଡ଼ ଜିଲା ବଣାଇଁ ସଦର ମହକୁମାର ଲଲେଇ ନିକଟରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ବଣାଇଁ ଡିଏଫ୍‌ଓ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଉପଖଣ୍ଡ ଅଧୀନ ୭ଟି ରେଞ୍ଜରେ କାର୍ଯ୍ୟରତ କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେହିଦିନ ପତାକା ଉତ୍ତୋଳନ ସମୟରେ ଜାତୀୟ ପତାକା ଉଡ଼ିବା ପରିବର୍ତ୍ତେ ତଳେ ପଡିଯାଇଥିଲା। ଏହାପରେ ପତାକାକୁ ତଳ କରି ପୁଣି ବନ୍ଧା ହେଲା ଏବଂ ଖୁଣ୍ଟରେ ଲଗାଇ ଉତ୍ତୋଳନ କରାଗଲା। ଏ ନେଇ ଗତ ୨୮ ତାରିଖ ଧରିତ୍ରୀରେ ପ୍ରକାଶିତ ଖବରକୁ ଗୁରୁତ୍ୱ ଦେଇ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଥିଲା। ଏହି ତଦନ୍ତ ମନ୍ଥର ଗତିରେ ଚାଲିଥିବାରୁ ଏବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଘଟଣାର ଗୁରୁତ୍ୱ କମେଇବା ପାଇଁ ତଦନ୍ତକୁ ମନ୍ଥର କରାଯାଉନାହିଁ ତ ବୋଲି କିଛିଜଣ ବୁଦ୍ଧିଜୀବୀ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପକ୍ଷେ କିଛି ପ୍ରଶାସନିକ ଅଧିକାରୀ ନିଜ ନାମ ଗୋପନ ରଖି ଏହାକୁ ଏକ ଅପରାଧ ଭାବେ ଅଭିହିତ କରିଛନ୍ତି ଓ ତୁରନ୍ତ ଥାନାରେ ଆପରାଧିକ ମାମଲା ରୁଜୁ ହେବା କଥା ବୋଲି ମତ ଦେଇଛନ୍ତି।

**WANTED**

PRINCIPAL : B.A./B.Com/B.Sc. B.Ed.
VICE PRINCIPAL : B.A./B.Com/B.Sc. B.Ed.
Contact No. : 7077010772
PILLAR INTERNATIONAL SCHOOL, KUCHINDA

**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, PIN - 756089
Phone: 06782-275787, E-mail: registrarfmuniversity@gmail.com, Website: https://fmuniversity.nic.in/
No. Estt.(NT)-II-62/2025/636 Date: 29.01.2025

**TENDER CALL NOTICE**

Sealed tenders are invited from reputed Manpower Providing Agencies having valid Labour Contract Registration/GST Regd., PAN No. etc. to provide the services of different Ministerial, Technical & other Class-IV personnels to the University for a period of **three years from the month of Agreement** on contract basis to attend day to day official work of the University. The tender papers, terms and conditions and other related documents are available in the University website **https://fmuniversity.nic.in**. The interested agencies may download the same from the University website and submit sealed cover tender papers along with required fees & documents in the office of the Registrar by **17.02.2025 at 5.00 P.M.** positively. The sealed cover tenders shall be opened on **18.02.2025 at 11.00 A.M.** in the office chamber of the Registrar in presence of the Venders or their authorised representatives.

Sd./- Registrar

Estd.- 1979
7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No. 1530008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6371537828 / 6371532877 / 6370708544 / 9777706828 / 8598003451
KOSALA ENTRANCE TEST 2025-2026
★ Admissions open for classes UKG to Std- IX & XI for **Boarders**.
Very few seats are available from LKG to Std-VIII & XI for **Day Scholars**.
★ Interested candidates are to appear Entrance Test in English, Mathematics, and General Knowledge.
Entrance Test for **Day Scholars** :- 23.02.2025
Entrance Test for **Boarders** :- 02.03.2025
★ Entrance Test for XI (Day Scholar & Boarders) :- 23.03.2025
(Subject : Maths & Science)
★ Candidates qualified in Entrance Test will get admission strictly on merit basis.
★ Enquiry time over phone - 09.00am to 1.00 P.M. on all working days.
★ Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
★ Selling of Admission Forms will start from 02nd February 2025 onwards.
Sd./- (Principal)

यूनियन बैंक ऑफ इंडिया Union Bank of India
**କୋର୍ଟପେଟା ଶାଖା**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୪
**ବିକ୍ରୟ ନୋଟିସ୍**
(୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ରଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ରଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୌଭାଗ୍ୟ ଗୌଡ, ପିତା: ସୀମାଞ୍ଚଳ ଗୌଡ, ଠିକଣା-୧: ସା: ବେଟୁଆର, ପୋ: ବେଟୁଆର, ଥାନା: ବଡଗଡ, ଧରାକୋଟ, ଗଞ୍ଜାମ, ଓଡ଼ିଶା-୭୬୧୧୦୭, ଠିକଣା-୨: ସା: ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା, ବ୍ରହ୍ମପୁର-୭୬୦୦୦୧ | ଶ୍ରୀ ସୌଭାଗ୍ୟ ଗୌଡଙ୍କ ନାମରେ ଥିବା ଘରବାରୀ ଜମି ଏବଂ ଗୃହ ଯାହାର ଜିଲ୍ଲା: ଗଞ୍ଜାମ, ତହସିଲ: କୁକୁଡାଖଣ୍ଡି, ଏସ୍‌ଆରଓ: ବ୍ରହ୍ମପୁର-୧, ଥାନା: ବ୍ରହ୍ମପୁର ସଦର, ଗ୍ରାମ/ମୌଜା: ନିମଖଣ୍ଡି, ଚୈତନ୍ୟ ନଗର, ୩ୟ ଲେନ, ଲୋଚାପଡା ମେନ୍ ରୋଡ୍ ନିକଟ, ପୁରୁଣା ଖାତା ନଂ.: ୪୧୦/୬୪୮୬, ନୂତନ ଖାତା ନଂ.: ୪୧୦/୮୮୬୪ ଏବଂ ପୁରୁଣା ପ୍ଲଟ୍ ନଂ.: ୫୦୫/୩୯୮୪, ନୂତନ ପ୍ଲଟ୍ ନଂ.: ୫୦୫/୧୦୪୫୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଟି ବାଲାଜୀଙ୍କ ଜମି, ପଶ୍ଚିମ: ଶ୍ରୀ ସୁରେନ୍ଦ୍ର ଗୌଡଙ୍କ ଗୃହ, ଉତ୍ତର: କିଙ୍ଗସ୍ ଆସୋସିଏଟ୍ସର ଜମି, ଦକ୍ଷିଣ: ରାସ୍ତା | ୧୪.୧୦.୨୦୨୪ / ୦୬.୦୧.୨୦୨୫ / ୨୧.୦୧.୨୦୨୫ |

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ତା.୧୪.୧୦.୨୦୨୪ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ତା.୦୬.୦୧.୨୦୨୫ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୯.୦୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ ସେମାନେ ରଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ରଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୨.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ରଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ରଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ରଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ତୁଳସୀ ନଗର ଚୌକ, ରେଡ୍ଡି ଗ୍ୟାରେଜ ନିକଟ, ଆସ୍କା ରୋଡ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୯୮୬୧୧୬୩୦୩୨** | | |
| ୧. | **ଆଶିଷ କୁମାର ମହାରଣା,** ମାର୍ଫତ୍: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / ୧୯୩୧୧୬୫୪୦୦୦୦୨୨୫ | ୯.୭୦ | ୧୧.୪୦ |
| ୨. | **ଆଶିଷ କୁମାର ମହାରଣା,** ମାର୍ଫତ୍: ଶେଷଦେବ ମହାରଣା, ବ୍ୟାଙ୍କ କଲୋନୀ, ୧ମ ଲାଇନ୍, ହନୁମାନ ମନ୍ଦିର ନିକଟ, ରେଡିଓ ଷ୍ଟେସନ୍, ବ୍ରହ୍ମପୁର - ୭୬୦୦୦୧ / ୧୯୩୧୧୬୫୪୦୦୦୦୨୯୫ | ୬.୦୦ | ୭.୫୦ |
| ୩. | **ବସନ୍ତ କୁମାର ମହାନ୍ତି,** ପିତା: ଵ ରାମହରି ମହାନ୍ତି, ୧ମ ମିଲିଟାରୀ ଲାଇନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ / ୧୯୩୧୧୬୫୪୦୦୦୦୨୬୫ | ୧୯.୦୦ | ୨୨.୩୦ |
| ୪. | **ଲିପ୍ସା ପାତ୍ର,** ସ୍ୱାମୀ: ଶ୍ରୀତମ ପତି, ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ, ବ୍ରହ୍ମପୁର - ୭୬୦୦୦୧ / ୧୯୩୧୧୬୫୪୦୦୦୦୦୮୭ | ୪.୫୦ | ୫.୩୦ |
| ୫. | **ରାଜା ସାହୁ,** ମଠ ଷ୍ଟ୍ରିଟ, ବୋରିଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୧ / ୧୯୩୧୧୬୫୪୦୦୦୦୧୦୩ | ୨.୨୫ | ୩.୦୪ |
| | **ଭଞ୍ଜନଗର ଶାଖା-୨, ମେନ୍ ରୋଡ, ଟାଉନ୍ ହଲ ବିପରୀତ, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬, ମୋ: ୭୦୦୮୩୨୭୮୩୫** | | |
| ୧. | **ସୁକଦେବ ପ୍ରଧାନ,** ପିତା: ସନ୍ୟାସୀ ପ୍ରଧାନ, ସା: ଚାରିକୋଣିଆ, ପୋ: ରାଉତି, ଭାୟା: ଜଗନ୍ନାଥ ପ୍ରସାଦ, ଭଞ୍ଜନଗର - ୭୬୧୧୨୬ / ୦୦୬୫୩୦୧୦୦୧୦୦୨୭୩ | ୧୭.୦୦ | ୧୯.୪୪ |
| ୨. | **ତମଲତା ବେହେରା,** ସ୍ୱାମୀ: ଗୋବିନ୍ଦ ବେହେରା, ସା/ପୋ: ଗୋଲାପଡା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୬ / ୦୦୬୫୩୦୧୦୦୦୮୮୩୫୧ | ୪୫.୦୦ | ୪୭.୦୦ |
| | **ଗୋପାଳପୁର ଜଙ୍କସନ୍ ତୁରା ଶାଖା, ପଥରା, ସା/ପୋ: ବାହାଦୁରପେଟା, ଗୋପାଳପୁର ମେନ୍ ରୋଡ, ଗଞ୍ଜାମ-୭୬୦୦୦୭, ମୋ: ୯୬୦୪୪୨୫୨୨୩** | | |
| ୧. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / ୭୭୦୬୦୬୫୪୦୦୦୧୩୪୮ | ୧୫.୦୦ | ୧୬.୯୦ |
| ୨. | **ସନ୍ତୋଷ କୁମାର ଦଳାଇ,** ପିତା: ବାସୁଦେବ ଦଳାଇ, ପଥରା ମେନ୍ ରୋଡ, ଗୋପାଳପୁର-୭୬୦୦୦୭ / ୭୭୦୬୦୬୫୪୦୦୦୧୬୯୯ | ୭.୮୦ | ୧୦.୭୦ |
| | **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୧୫, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୯, ମୋ: ୮୨୬୦୧୩୨୩୫୬** | | |
| ୧. | **କିରଣବାଳା ପରିଡା,** ସ୍ୱାମୀ: ପୁଲକ କୁମାର ବିଶ୍ୱାଳ, ୪/୧ ଲେନ୍, ନୟାଗଡ-୭୫୨୦୬୯ / ୩୪୮୩୨୬୬୩୦୦୦୦୬୬୨ | ୩୦.୦୦ | ୩୧.୪୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୯.୦୧.୨୦୨୫ ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

See Career Appointment on every Wednesday & Saturday

# ବାଘଛାଲ ସହ ବେପାରୀ ଗିରଫ

ଭୁବନେଶ୍ୱର/ବୌଦ୍ଧ,୨୯।୧
(ସୂର୍ଯ୍ୟକାନ୍ତ ବେହେରା/ଅଜିତ୍ ବାରିକ)



## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ



ରମାକାନ୍ତ ଭୋଇ

ବାଘଛାଲ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୌଦ୍ଧ କଣ୍ଟାମାଳ ଥାନା ଅଞ୍ଚଳର ରମାକାନ୍ତ ଭୋଇ (୩୨)। ତାଙ୍କଠାରୁ ବେପାର ପାଇଁ ଥିବା ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ମାମଲା ନଂ.୩/୨୦୨୫ ରୁଜୁ କରି ଅଭିଯୁକ୍ତଙ୍କୁ କଣ୍ଟାମାଳ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଅଭିଯୁକ୍ତଙ୍କୁ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଗତ କିଛି ଦିନ ପୂର୍ବେ ପାଖ ଜଙ୍ଗଲରୁ ଶିକାର କରି ବାଘଛାଲ ସଂଗ୍ରହ କରିଥିବା ଏସ୍‌ଟିଏଫ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ତାହାର ଅଧିକ ତଦନ୍ତ ଜାରି ରଖିଛି। ଏପଟେ ଜବତ ବାଘଛାଲକୁ ପରୀକ୍ଷା ପାଇଁ ଡେରାଡୁନସ୍ଥିତ ବାୟୋଲୋଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ବୌଦ୍ଧର ମନମୁଣ୍ଡା-କଣ୍ଟାମାଳ ରାସ୍ତାରେ ଲକ୍ଷାଧିକ ଟଙ୍କାରେ ବିକ୍ରି ପାଇଁ ଡିଲ୍ ହୋଇସାରିଥିବା ବାଘଛାଲକୁ ଧରି ରମାକାନ୍ତ ଅପେକ୍ଷା କରିଥିଲେ। ଏପଟେ ଏସ୍‌ଟିଏଫ୍ ରମାକାନ୍ତଙ୍କୁ ଧରିବାକୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛପି ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଗ୍ରାହକ ନ ଆସିବାରୁ ଏସ୍‌ଟିଏଫ୍ ଚଢ଼ାଉ କରି ରମାକାନ୍ତଙ୍କୁ ବାଘଛାଲ ସହ କାବୁ କରିଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ନବରଙ୍ଗପୁର,୨୯।୧
(ସଦାଶିବ ପ୍ରହରାଜ)

ନାବାଳିକା ବଳାତ୍କାର ଅଭିଯୋଗରେ ନବରଙ୍ଗପୁର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ବାସୁଦେବ ଆଚାର୍ଯ୍ୟ ଡାବୁଗାଁ ଥାନା ଅଧୀନ ଖୁଟୁବାଇ ଗାଁର ଦୀନବନ୍ଧୁ ଭତରାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ। ୨୦ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଏହି ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଦୀନବନ୍ଧୁ ଜଣେ ନାବାଳିକାଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କଲେ। ଏ ସମ୍ପର୍କରେ ୨୦୨୩ ଜୁନ୍ ୯ରେ ଏକ ବୈଠକ କରାଯାଇଥିଲା। ସେଠାରେ ଅଭିଯୁକ୍ତ ଦୀନବନ୍ଧୁ ନାବାଳିକାଙ୍କୁ ଗ୍ରହଣ କରିବାକୁ ମନା କରିଥିଲେ। ଏନେଇ ଡାବୁଗାଁ ଥାନାରେ ଅଭିଯୋଗ ପରେ ପୋଲିସ କେସ୍ ନମ୍ବର ୧୧୬/୨୩ରେ ଏକ ମାମଲା ରୁଜୁ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୯।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର ସ୍ୱତନ୍ତ୍ର ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଜଣେ ମାନସିକ ଅନଗ୍ରସର ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ ସ୍ପେଶାଲ ଜଜ୍ ମୋନାଲିସା ମହାନ୍ତି ମାମଲାର ଶୁଣାଣିକରି ଅଭିଯୁକ୍ତ ହାଟଡ଼ିହୀ ବ୍ଲକ୍ କାନପୁରୁ ଗ୍ରାମର ବସନ୍ତ ରାଉତ (୩୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ୨୦୧୯ ନଭେମ୍ବର ୧୨ ଅପରାହ୍ନ ୩ଟା ୩୦ରେ ପାଖ ନଦୀକୁ ଶୌଚହେବାକୁ ଯାଇଥିଲେ। ଏକୁଟିଆ ଦେଖି ବସନ୍ତ ତାଙ୍କୁ ପାଖ ଆମ୍ବତୋଟାକୁ ଟେକିନେଇ ବଳାତ୍କାର କରିଥିଲେ। ଅମାନୁଷିକ ଭାବେ କାମୁଡ଼ି ରକ୍ତାକ୍ତ କରିଥିଲେ। ଏ ନେଇ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୀଡ଼ିତା ଘରକୁ ଫେରି ମା', ବାପ ଓ ଖୁଡ଼ୀକୁ ଜଣାଇବା ପରେ ପରିବାର ଲୋକେ ସୋସୋ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ବସନ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୨୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଥିବା ବେଳେ ଦୋଷୀଙ୍କ ୫ ହଜାର ଟଙ୍କା ଜରିମାନା ପୀଡ଼ିତାଙ୍କୁ ପ୍ରଦାନ କରିବାକୁ କୋର୍ଟ ଆଦେଶ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନ ମୃତ

କାଳିମେଳା, ୨୯।୧
(ଜୀବନ କୃଷ୍ଣ ଦାସ)

## ଜମିଜମା ବିବାଦରୁ ହତ୍ୟାକାଣ୍ଡ

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ତାଟିଗୁଡ଼ା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଜମିଜମା ବିବାଦକୁ ନେଇ ସୋମବାର ବିଳମ୍ବିତ ରାତିରେ ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ତାଟିଗୁଡ଼ା ଗାଁର ଭୀମା ସୋଡ଼ି (୪୭)। ଗୋଟିଏ ଦିନ ପରେ ବୁଧବାର ହତ୍ୟାକାଣ୍ଡ ସମ୍ପର୍କରେ ପରିବାର ଲୋକେ ଜାଣି ପୋଲିସକୁ ଖବର ଦେଇଥିଲେ। ଅଭିଯୁକ୍ତ ବଡଭାଇ ମାଡା ସୋଡ଼ିଙ୍କୁ କାଳିମେଳା ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି ।

ପୋଲିସ ସୂଚନା ଅନୁଯାୟୀ, ତାଟିଗୁଡ଼ା ଗ୍ରାମର ଇର୍ମା ସୋଡ଼ିଙ୍କ ମୃତ୍ୟୁ ପରେ ତାଙ୍କ ୨ପୁଅ ବଡଭାଇ ମାଡ଼ା ଏବଂ ସାନଭାଇ ଭୀମାଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗି ରହୁଥିଲା । ଏବେ ବାଦାମ ଚାଷକୁ ନେଇ ୨ ଭାଇଙ୍କ ମଧ୍ୟରେ ମତାନ୍ତର ହେବା ସହ ବଚସା ହୋଇଥିଲା । ଗତ ସୋମବାର ରାତିରେ ଭୀମା ନିଜ ଜମିରେ ଥିବା କୁଡ଼ିଆ (ଲାଡି) ଭିତରେ ଶୋଇଥିବା ସମୟରେ ମାଡ଼ା ସେଠାରେ ପହଞ୍ଚି ଟାଙ୍ଗିଆ ସାହାଯ୍ୟରେ ଭୀମାଙ୍କୁ ଆକ୍ରମଣକରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ମାଡା ନିଜ ଘରକୁ ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ ଜାରି ରଖିଛି । ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

# ଟ୍ରେନ୍‌ରେ ନିଶାଯୁକ୍ତ ବିସ୍କୁଟ ଖୁଆଇ ଅଧ୍ୟାପକଙ୍କଠାରୁ ଲୁଟ୍

ବ୍ରହ୍ମପୁର,୨୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରେନରେ ଲୁଟେରା ଗ୍ୟାଙ୍ଗ ପୁଣି ସକ୍ରିୟ ହୋଇଛନ୍ତି। ୪ରୁ ୫ ଜଣ ଲୁଟେରା ବିଶାଖା ଏକ୍ସପ୍ରେସରେ ଜଣେ ଅଧ୍ୟାପକଙ୍କ ସହ ଭଲ କଥା ହେବା ପରେ ନିଶାଯୁକ୍ତ ବିସ୍କୁଟ ଖୁଆଇ ଜଣେ ଅଧ୍ୟାପକଙ୍କ ସୁନାଚେନ, ମୁଦି, ମନିପର୍ସ ଓ ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଛନ୍ତି। ଲୁଟର ଶିକାର ହୋଇଛନ୍ତି ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୌମ୍ୟରଞ୍ଜନ ରଥ (୩୨)। ତାଙ୍କୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମରେ ସେଠାକାର ପୋଲିସ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ପଠାଇଥିଲା। ବୁଧବାର ସେ ସୁସ୍ଥ ହେବା ପରେ ସନ୍ଧ୍ୟାରେ ସରକାରୀ ରେଳବାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ଅଧ୍ୟାପକ ସୌମ୍ୟରଞ୍ଜନଙ୍କ ଘର ଯାଜପୁର ଜିଲା ଚଣ୍ଡିଖୋଲରେ ହୋଇଥିବା ବେଳେ ସେ ବ୍ରହ୍ମପୁର ଗାନ୍ଧୀନଗର ୧୦ମ ଲାଇନରେ ଘରଭଡା ନେଇ ରହୁଛନ୍ତି। ଗତ ୨୭ ତାରିଖରେ ସେ ଚଣ୍ଡିଖୋଲରୁ ଭୁବନେଶ୍ୱର ଆସି ବିଶାଖା ଏକ୍ସପ୍ରେସରେ ବ୍ରହ୍ମପୁର ଫେରୁଥିଲେ। ଟ୍ରେନରେ ଯାତ୍ରା ବେଳେ ତାଙ୍କ ପାଖରେ ବସିଥିବା ୪ରୁ ୫ ଜଣ ଅଣଓଡ଼ିଆ ଯୁବକ କିଛି ସମୟ କଥା ହେବା ପରେ ମୃଦୁ ପାନୀୟ ଯାଚିଥିଲେ। ସୌମ୍ୟରଞ୍ଜନ ତାହା ପିଇ ନ ଥିଲେ। ଖୋର୍ଦ୍ଧାରୋଡ ଷ୍ଟେଶନ ପରେ ଦୁର୍ବୃତ୍ତମାନେ ବିସ୍କୁଟ କାଢ଼ି ଖାଇବା ସହ ଅଧ୍ୟାପକଙ୍କୁ ଯାଚିଥିଲେ। ସେମାନେ ପ୍ୟାକେଟ ଖୋଲି ବିସ୍କୁଟ ଖାଉଥିବାରୁ ସୌମ୍ୟରଞ୍ଜନ ସନ୍ଦେହ ନ କରି ତାହା ଖାଇଥିଲେ। ଏହାପରେ ସେ ଅଚେତ ହୋଇପଡିଥିଲେ । ଏହାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ସୁନା ଚେନ, ୨ଟି ସୁନାମୁଦି, ମୋବାଇଲ ଫୋନ୍ ଓ ମନିପର୍ସ ନେଇଯାଇଥିଲେ। ଟ୍ରେନଟି ବ୍ରହ୍ମପୁର ଅତିକ୍ରମ କରି ଶ୍ରୀକାକୁଲମରେ ପହଞ୍ଚିଯାଇଥିଲେ ମଧ୍ୟ ସୌମ୍ୟରଞ୍ଜନ ସିଟରେ ଶୋଇ ରହିଥିଲେ। ଶ୍ରୀକାକୁଲମରେ ଜଣେ ଯାତ୍ରୀ ତାଙ୍କୁ ବାରମ୍ବାର ଡାକିବା ପରେ ମଧ୍ୟ ସେ ଅର୍ଦ୍ଧଚେତନ ଅବସ୍ଥାରେ ରହିଥିଲେ। ଏ ନେଇ ଯାତ୍ରୀ ଜଣକ ସେଠାକାର ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଠାଇ ପଚରାଉଚରା କରି ଠିକଣା ଜାଣିବା ପରେ ଅନ୍ୟ ଏକ ଟ୍ରେନରେ ବ୍ରହ୍ମପୁର ଯାଉଥିବା ଜଣେ ଯାତ୍ରୀଙ୍କ ସହ ପଠାଇଥିଲା। ଏପଟେ ସୌମ୍ୟରଞ୍ଜନ କଲେଜରେ ଠିକ ସମୟରେ ନ ପହଞ୍ଚିବା ଓ ତାଙ୍କ ମୋବାଇଲ ସୁଇଚ ଅଫ ରହିଥିବାରୁ ସହକର୍ମୀମାନେ ଗାନ୍ଧୀନଗର ସ୍ଥିତ ଭଡାଘରକୁ ଯାଇ ଖୋଜି ନିରାଶ ହୋଇଥିଲେ। ପରିବାର ଲୋକଙ୍କୁ ଖବର ଦିଆଯିବା ପରେ ଅନଲାଇନରେ ଅଭିଯୋଗ ମଧ୍ୟ କରାଯାଇଥିଲା। ସୌମ୍ୟରଞ୍ଜନ ବ୍ରହ୍ମପୁରରେ ପହଞ୍ଚିବା ପରେ ତାଙ୍କୁ ଏମକେସିଜି ମେଡିକାଲରେ ରଖି ଚିକିତ୍ସା କରାଯାଇଥିଲା। ତାଙ୍କୁ କୌଣସି ନିଶାଦ୍ରବ୍ୟ ଖୁଆ ଯାଇଥିବା ଜଣାପଡିଥିଲା ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଳ ପାତିବାର କ୍ଷୀର ମାଗିବାର**
**ମନୁ କି ପାସୋରି ଦେଲୁରେ,**
**ଅଢେଇ ଦିନକୁ ବଢ଼ାଇ ପୀରତି**
**ଭାଙ୍ଗି ହଟହଟା କଲୁରେ।**

କେତେକ ବ୍ୟକ୍ତି ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ଭୁଲି ଯାଇ ବର୍ତ୍ତମାନ ଧନ ଗର୍ବରେ ଆତ୍ମବଡିମା ଦେଖାଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ନିଜ ଅତୀତର ପ୍ରେମପୂର୍ଣ୍ଣ ସମ୍ପର୍କକୁ ଅସ୍ୱୀକାର କରିବସିଲେ ପ୍ରେମିକା ହତୋତ୍ସାହ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥାଉ କି ନ ଥାଉ ବ୍ରାହ୍ମଣ ଖାଉ**
**ହଉ କି ନ ହଉ ବରଷୁ ଥାଉ।**

ସାଧାରଣତଃ ବ୍ରାହ୍ମଣଙ୍କୁ ଭୁରି ଭୋଜନ ଦେଲେ ଯଜମାନଙ୍କୁ ଆଶୀର୍ବାଦ ମିଳିଥାଏ। ଠିକ ସେହିପରି ଫସଲ ହେଉ କି ନ ହେଉ ପଡିଆ ବା ଜମି ପାଣିରେ ଭିଜି ରହିଲେ ପରବର୍ତ୍ତୀ ସମୟରେ ସେଥିରୁ ଅଧିକ ଫସଲ ଉତ୍ପାଦନ ହେବାର ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସାଇଣ୍ଟିଫିକ୍ ଦଳର ଯାଞ୍ଚ: ଆଉ ୨ ଗିରଫ

ସମ୍ବଲପୁର,୨୯।୧(ପ୍ରମୋଦ ବହିଦାର)

## ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ଅତ୍ୟାଚାର ମାମଲା

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ମାଡ଼ ଓ ଶାରୀରିକ ନିର୍ଯାତନା ଘଟଣାରେ ବୁଧବାର ଆଉ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଂସ୍ଥାର ମାଲିକ ତଥା ସମ୍ପାଦକ ଟାଉନଥାନା ଅନ୍ତର୍ଗତ ଦଳେଇପଡ଼ାର ହରିଶ୍ଚନ୍ଦ୍ର ଦାସଙ୍କ ପୁତ୍ର ଶୁଭ୍ରଜିତ ଦାସ ଓରଫ ଲକି(୨୪) ଓ ଉକ୍ତ ସଂସ୍ଥାର ସୁନୀଲ କୁମାର ବେହେରା ନାମକ ଜଣେ କର୍ମଚାରୀଙ୍କ ପୁତ୍ର ଦେଓଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ବୁଡିଡୋ ଗ୍ରାମର ଶୁଭମ ବେହେରା(୧୯)। ଏହାସହ ସାଇଣ୍ଟିଫିକ ଦଳ ଏଠାରେ ପହଞ୍ଚି ତଦନ୍ତ କରିଛି। କେନ୍ଦ୍ରର ଅନ୍ତେବାସୀଙ୍କୁ ମାଡ଼ ଅଭିଯୋଗ ହେବା ସହ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ଉଭୟଙ୍କୁ ଗିରଫ କରିଛି ପୋଲିସ। ସନ୍ଧ୍ୟାରେ ଉଭୟଙ୍କ ଡାକ୍ତରୀମାଇନା ପରେ ଧନୁପାଲି ଥାନାରେ ଏକ ମାମଲା (ନଂ.୨୧/୨୦୨୫) ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ଆଇନ ଦଫା ୧୧୫(୨), ୧୦୯(୧), ୭୪, ୩(୫)ରୁ ଦଫା ୨୯୬, ୧୧୫(୨), ୧୦୯(୧), ୭୪, ୩୫୧(୩), ୩(୫)ରେ ରୂପାନ୍ତରିତ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ୫୦ କିଲୋ ବାର୍ହା ମାଂସ ଜବତ

ବାଲିକୁଦା,୨୯।୧(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦର ଜଙ୍ଗଲ ବିଭାଗ ଅଧୀନ ଅନନ୍ତପୁର ଗ୍ରାମରୁ ୫୦ କିଲୋ ବାର୍ହା ମାଂସ ଜବତ କରାଯାଇଛି। ଏହି ଗ୍ରାମରେ ବାର୍ହା କଟାଯାଇ ମାଂସ ବିକ୍ରି ହେଉଥିବା ନେଇ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ରାଉତରାୟ ଫରେଷ୍ଟର ଓ ଅନନ୍ତପୁର ଫାଣ୍ଡିକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସକୁ ଦେଖି ସେଠାରେ ଉପସ୍ଥିତ ବ୍ୟକ୍ତି ମାଂସ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ ଉକ୍ତ ମାଂସ ସହ ଏକ ବାର୍ହା ମୁଣ୍ଡ ଜବତ କରି କୁଜଙ୍ଗ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ଜବତ ମାଂସ ଓ ମୁଣ୍ଡକୁ ବ୍ୟବଚ୍ଛେଦ କରାଯିବାପରେ ଗାତ ଖୋଳି ବନାଞ୍ଚଳ ଅଧିକାରୀ ଓ ଫରେଷ୍ଟରଙ୍କ ଉପସ୍ଥିତିରେ ପୋତି ଦିଆଯାଇଥିବା ଫରେଷ୍ଟର ନିର୍ମଳ ନାୟକ ସୂଚନା ଦେଇଛନ୍ତି। ଏହା ବାର୍ହା କି ଘୁଷୁରି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ।

# ଅସଦାଚରଣକାରୀଙ୍କୁ ୪ ବର୍ଷ ଜେଲ

ଜଗତ୍‌ସିଂହପୁର, ୨୯।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ନେଇ ୨୦୨୪ରେ ଅଭିଯୋଗ ହୋଇଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଦୌରାଜଜ୍ (ପୋକ୍‌ସୋ) ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟରେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଖଣ୍ଡିଆରିଲୋ ଗ୍ରାମର ନବଘନ ଜେନା।

ଅନ୍ୟପଟେ ପୀଡ଼ିତାଙ୍କୁ ଦେଢ଼ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶିବ ପ୍ରସାଦ ମାଝୀ କହିଛନ୍ତି, ୧୬ ଏପ୍ରିଲ ୨୦୨୪ ପୂର୍ବାହ୍ନରେ ଏହି ଅଭାବନୀୟ ଘଟଣା ଘଟିଥିଲା। ନାବାଳିକାଙ୍କ ମା' ରୋଷେଇ କରୁଥିଲେ। ସମ୍ପୃକ୍ତା ନାବାଳିକା କିଛି ଦୂରରେ ଥିବା ଗାଧୁଆ ଘରେ ସ୍ନାନ କରୁଥିଲେ। ଏକୁଟିଆର ସୁଯୋଗ ନେଇ ଅଭିଯୁକ୍ତ ସେଠାରେ ପହଞ୍ଚି ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ସେ ବଳପୂର୍ବକ ଟଣାଓଟରା କରିବାରୁ ନାବାଳିକା ଚିତ୍କାର କରିଥିଲେ। ପାଟି ଶୁଣି ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ବାପା ଏ ସମ୍ପର୍କରେ ଅଭିଯୁକ୍ତଙ୍କ ଘରେ ପଚାରିଥିଲେ। ଏନେଇ ନବଘନ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ଧମକ ଦେଇଥିଲେ। ଏପରି କି ଥାନାରେ ଜଣାଇଲେ ଝିଅ ଓ ପରିବାର ଲୋକଙ୍କୁ ଗୁଣ୍ଡା ଲଗାଇ ଟେକିନେବା ସହ ବୋମା ପକାଇ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ଏହାପରେ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ନାବାଳିକାଙ୍କ ମା' ବାଲିକୁଦା ଥାନାରେ ୧୮ ଏପ୍ରିଲ ୨୦୨୪ରେ ଅଭିଯୋଗ କଲାପରେ ମାମଲା (ନଂ.୧୬୩/୨୪) ରୁଜୁ ହୋଇଛି। ଏହି ମାମଲାରେ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ବ୍ୟାଙ୍କ ଶାଖା ପରିଚାଳକଙ୍କୁ ୨ବର୍ଷ ଜେଲ

ବରଗଡ଼,୨୯।୧(ପ୍ରେମାନନ୍ଦ ଖମାରୀ)

## ଲାଞ୍ଚ ଗ୍ରହଣ ମାମଲା

ବରଗଡ଼ ଜିଲା ଦହିତାସ୍ଥିତ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (ବିଏଜିବି)ର ପୂର୍ବତନ ଶାଖା ପରିଚାଳକ କ୍ଷୀରୋଦ କୁମାର ଷଡ଼ଙ୍ଗୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଏକ ଲାଞ୍ଚ ମାମଲାର ଶୁଣାଣି କରି ବରଗଡ଼ ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍ ଷଡ଼ଙ୍ଗୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହିତ ଏହି ରାୟ ଶୁଣାଇଛନ୍ତି। ଶାଖା ପରିଚାଳକ ଷଡ଼ଙ୍ଗୀ ତାଙ୍କ କାର୍ଯ୍ୟକାଳ ସମୟରେ ଫୁଲମତୀପୁର ଗ୍ରାମର ଜଣେ ଚାଷୀ ଗୁଣସାଗର ମେହେରଙ୍କୁ କୃଷିଋଣ ଦେବା ପାଇଁ ଲାଞ୍ଚ ନେବା ସମୟରେ ଧରାପଡ଼ିଥିଲେ। ଷଡ଼ଙ୍ଗୀଙ୍କ ପେନ୍‌ସନ ମଧ୍ୟ ବନ୍ଦ କରିବା ପାଇଁ ଭିଜିଲାନ୍ସ ସମ୍ପୃକ୍ତ ବିଭାଗକୁ ଅବଗତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ସମ୍ବଲପୁର ଡିଭିଜନ ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଜଗନ୍ନାଥ ନାଏକ ଏହି ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସର ସ୍ପେଶାଲ ପି.ପି ଶୋଭନ ଆନନ୍ଦ ଗୁରୁ ଏହାକୁ ପରିଚାଳନା କରୁଥିଲେ।

# ୪୦ ଲକ୍ଷ ଟଙ୍କା ମୂଲ୍ୟର ଅଫିମ ଗଛ ନଷ୍ଟ

## ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଚଢ଼ାଉ

ଠାକୁରମୁଣ୍ଡା,୨୯।୧
(ତାରାକାନ୍ତ ପଟ୍ଟନାୟକ)



ପୋଲିସ, ଅବକାରୀ ଓ ବନ ବିଭାଗ କର୍ମଚାରୀ ଅଫିମ ଗଛ ଉପାଡ଼ି ନଷ୍ଟ କରୁଛନ୍ତି। ।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ସାଲେଇବେଢ଼ା ପଞ୍ଚାୟତ ଅନ୍ତର୍ଗତ ଏଦେଲବେଢ଼ା ଗ୍ରାମର ବୁରୁ ସାହିରେ ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଚଢ଼ାଉକରି ୪୦ ଲକ୍ଷ ଟଙ୍କା ମୂଲ୍ୟର ଅଫିମ ଗଛ ନଷ୍ଟ କରିଛି। ଗାଁ ନିକଟସ୍ଥ ଜଙ୍ଗଲ ପାର୍ଶ୍ୱରେ ଥିବା ପ୍ରାୟ ୧ ଏକର ସରକାରୀ ଜାଗାରେ ୨୧,୦୦୦ ଅଫିମ ଗଛ ଲଗାଯାଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ମାଜିଷ୍ଟ୍ରେଟ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କରଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

ସୂଚନା ଅନୁଯାୟୀ, ଶିମିଳିପାଳ ପାଦଦେଶରେ ଥିବା ବୁରୁ ସାହିଠାରେ ଅଫିମ ଚାଷ ହୋଉଥିବା ନେଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କୁ ଖବର ମିଳିଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାରଙ୍କ ନେତୃତ୍ୱରେ ସବ୍ ଇନ୍ସପେକ୍ଟର ଅନିତା ସ୍ୱାଇଁ, ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାୟକଙ୍କ ସମେତ ପୋଲିସ ଫୋର୍ସ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଓ ବନ ବିଭାଗର କର୍ମଚାରୀ, ରାଜସ୍ୱ ବିଭାଗ ମିଳିତ ଭାବରେ ଚଢ଼ାଉ କରିଥିଲେ। ସେଠାରେ ହୋଇଥିବା ଅଫିମ ଗଛଗୁଡ଼ିକୁ ଉପାଡ଼ି ପୋଡ଼ିଦିଆଯାଇଥିଲା। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ବେଳେ ଅନୁସନ୍ଧାନ ଜାରି ରହିଥିବା ଉପଖଣ୍ଡ ପୋଲିସ ଅଧିକାରୀ କହିଛନ୍ତି। ନଷ୍ଟ ହୋଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୬/୨୫) ରୁଜୁ ହୋଇଛି।

# ଅକ୍ଷୟ ଶକ୍ତି କ୍ଷେତ୍ରରେ ୪.୩୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୯।୧ (ଅଭୟ ଦାଶ)



ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ ପୁଞ୍ଜିନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫'ର ଦ୍ୱିତୀୟ ଦିନରେ ବିକଶିତ ଓଡ଼ିଶା ପାଇଁ ଅକ୍ଷୟ ଶକ୍ତି ଏବଂ ଅକ୍ଷୟ ଶକ୍ତି ପାଇଁ ଉପକରଣ ଉତ୍ପାଦନ ନିମନ୍ତେ ଇକୋସିଷ୍ଟମ ସୃଷ୍ଟିକରିବା ବିଷୟବସ୍ତୁକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନ ବୁଧବାର ସମ୍ମିଳନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିବାବେଳେ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ନିବେଶକ, ଛାତ୍ରୀଛାତ୍ରଙ୍କ ସମେତ ୩୦୦ରୁ ଅଧିକ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ସବୁଜ ଶକ୍ତିର ଭବିଷ୍ୟତକୁ ସଂରକ୍ଷିତ କରିବା ଏବଂ ଅକ୍ଷୟ ଶକ୍ତିର ଆକାଂକ୍ଷାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ନିବେଶକମାନଙ୍କୁ ଆହ୍ୱାନ କରୁଛନ୍ତି। ବିକଶିତ ଓଡ଼ିଶା ୨୦୪୭ର ଦୃଷ୍ଟିକୋଣକୁ ଆଧାରକରି ଓଡ଼ିଶା ରାଜ୍ୟ ଶକ୍ତି କ୍ଷେତ୍ରର ବିକାଶ ପାଇଁ ଏକ ବ୍ୟାପକ ଏବଂ ଭବିଷ୍ୟତ ଚିନ୍ତାଧାରର ଆଭିମୁଖ୍ୟ ଗ୍ରହଣ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ସିଂହ ଦେଓ ସୂଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି, ପରିବେଶ ସନ୍ତୁଳନକୁ ବଜାୟ ରଖି ଉଦ୍ୟୋଗର ବିକାଶ କରିବା ଦିଗରେ ରାଜ୍ୟ ସରକାର ସଂକଳ୍ପବଦ୍ଧ ରହିଛନ୍ତି। ଏହି ସମ୍ମିଳନୀର ଆୟୋଜନ ଦ୍ୱାରା ଶକ୍ତି କ୍ଷେତ୍ର ନିମନ୍ତେ ବିଶ୍ୱର ଅଗ୍ରଣୀ ଶିଳ୍ପପତିମାନେ ପ୍ରାୟ ୪.୩୩ ଲକ୍ଷ କୋଟି ଟଙ୍କାର ନିବେଶ ଅକ୍ଷୟ ଶକ୍ତି କ୍ଷେତ୍ରରେ କରିବା ନେଇ ଇଚ୍ଛାପ୍ରକାଶ କରିଛନ୍ତି। ସେହିଭଳି ଅକ୍ଷୟ ଶକ୍ତିକୁ ନେଇ ଦୁଇଟି ଅଧିବେଶନର ଆୟୋଜନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଆଇଏଫ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଇମାଦ ଫାଖୋରେ, ରିନ୍ୟୁର ଉପାଧ୍ୟକ୍ଷ (ଗ୍ରୀନ୍ ହାଇଡ୍ରୋଜେନ୍ ଆଣ୍ଡ ନିୟୁ ବିଜ୍‌ନେସ୍ ଡେଭଲପମେଣ୍ଟ) ସମୀର ସକ୍ସେନା, ଆଇଏସ୍‌ଏର ମୁଖ୍ୟ ରମେଶ କୁମାର କୁରୁପ୍ପାଥ, ଓଟିପିସିର ଏମ୍‌ଡି ସାନିଲ୍ ନମ୍ୟୋଦିରିପଦ୍, ୱେଲସ୍ପନ୍ ନ୍ୟୁ ଏନର୍ଜିର ସିଇଓ କପିଲ ମାହେଶ୍ୱରୀ, ଏନ୍‌ଟିପିସିର ମୁଖ୍ୟ ପରିଚାଳକ ଡିଏମଆର୍ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ଶକ୍ତି ମାଧ୍ୟମରେ ଓଡ଼ିଶାକୁ କିପରି ବିକଶିତ କରାଯାଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ଆଇଏଫ୍‌ସିର ହବ୍ ଲିଡର ମୋଜାମ ମେକାନ, ଆଇଆର୍‌ଇଡିଏର ସିଏମ୍‌ଡି ପ୍ରଦୀପ କୁମାର ଦାସ, ଆଇନକ୍ସ ୱିଣ୍ଡର ଅଧ୍ୟକ୍ଷ ସନ୍ତୋଷ ଖରିନାର ଏବଂ ଏଭିଏଏଡିଏର ଅଧ୍ୟକ୍ଷ ପ୍ରଶାନ୍ତ ଚୌବେ ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ଶକ୍ତି ଉତ୍ପାଦନ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଓ ସରଞ୍ଜାମର ବିକାଶ କରିବା ସହ ଏକ ଅଭିବୃଦ୍ଧିର ଇକୋସିଷ୍ଟମ ପ୍ରସ୍ତୁତ କରିବା ପାଇଁ ଆଲୋଚନା କରିଥିଲେ। ଏଥିସହ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅପରପକ୍ଷରେ ବୁଧବାର ମୋଟ୍ ୧.୨୪ ଲକ୍ଷ କୋଟି ଟଙ୍କା ନିବେଶରେ ଫ୍ଲୋଟିଂ ସୋଲାର, ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର, ପିଏସି, ୱିଣ୍ଡା ଆଣ୍ଡ ଥର୍ମାଲ ପ୍ରକଳ୍ପ ନିମନ୍ତେ ମହାନଦୀ କୋଲଫିଲ୍ଡ ଲିମିଟେଡ୍ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏପରିକି ସୋଲାର୍ ଏବଂ ୱିଣ୍ଡ ହାଇବ୍ରିଡ୍ ପ୍ରକଳ୍ପ ପାଇଁ ଏନ୍‌ଏଲ୍‌ସି ସହ ବୁଝାମଣା ସ୍ୱାକ୍ଷର ହୋଇଥିଲାବେଳେ ସୋଲାର, ୱିଣ୍ଡ, ହାଇବ୍ରିଡ୍, ଶକ୍ତି ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ଆଇଓସିଏଲ୍ ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି।

# ଇନ୍‌ଫୋଭ୍ୟାଲିରେ ହେବ ଏସ୍‌ସି ପ୍ରକଳ୍ପ

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଆୟୋଜନରେ ଆଇଟି/ଆଇଟିଏସ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଡାଟାସେଣ୍ଟରଏବଂ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରଗୁଡ଼ିକରେ ପାଖାପାଖି ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି। ଭୁବନେଶ୍ୱରର ଇନ୍‌ଫୋଭ୍ୟାଲି ଅଞ୍ଚଳରେ ୧୫ ଏକର ଜମିରେ ଏକ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ (ଏସ୍‌ସି) ଏବଂ ଏଟିଏମ୍‌ପି ପ୍ରକଳ୍ପ ଆରମ୍ଭ କରିବ। ଭାରତର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତର ସେମିକଣ୍ଡକ୍ଟର ମିଶନ ସାରା ବିଶ୍ୱକୁ ଉତ୍ସାହିତ କରିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶା ସରକାର ୨୦୩୬ରେ ୟୁଏସ୍‌ଡି ୫୦୦ ବିଲିଅନ ଏବଂ ୨୦୪୭ରେ ୟୁଏସ୍‌ଡି ୧.୫ ଟ୍ରିଲିଅନ ଅର୍ଥନୈତିକ ଟାର୍ଗେଟ ରଖିଛନ୍ତି। ଏଥିପାଇଁ ଟେକ୍ ବିଜ୍‌ନେସ୍ ପାର୍କ, ଜିସିସି ପାର୍କ, ଫିନ୍‌ଟେକ୍ ହବ୍ ଏବଂ ଡାଟା ସେଣ୍ଟର ନିର୍ମାଣ ପ୍ରୟାସ ଜାରି ରହିଛି।

# 'ଓଡ଼ିଆ ଚଳଚ୍ଚିତ୍ର ଜଗତର ଭବିଷ୍ୟତ ଉଜ୍ଜ୍ୱଳ'



ଭୁବନେଶ୍ୱର,୨୯।୧

୧୯୩୬ ମସିହାରେ 'ସୀତା ବିବାହ' ଓଡ଼ିଆ ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା। ୧୯୭୪ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା। ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଏହାର ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ହେଉଥିବା ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏକ ଅଧିବେଶନରେ ମନ୍ତ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ମତ ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଯାଜପୁର କୋରେଇ ବିଧାୟକ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ କର୍ପୋରେଶନର ମ୍ୟାନେଜିଂର ସମର୍ଥ ବର୍ମାଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁରତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

# ବୟନ ଶିଳ୍ପ କ୍ଷେତ୍ରରେ ଆସିବ ସମୃଦ୍ଧି

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍–୨୦୨୫ର ଦ୍ୱିତୀୟର ପ୍ରଥମ ଅଧିବେଶନ ଅବଧିରେ ବୟନ ଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଏବଂ ହସ୍ତତନ୍ତ ଆଦି କ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରିକି ବୟନ ଶିଳ୍ପ କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନା ରାଜ୍ୟ ଓ ଶିଳ୍ପ ପାଇଁ ସମୃଦ୍ଧି ଆଣିବ ବୋଲି ଅଧିବେଶନରେ ଆଲୋକପାତ କରାଯାଇଥିଲା। ଏପରିକି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ମହାକୁମ୍ଭ 'ଉତ୍କର୍ଷ ଓଡ଼ିଶା' ଏକ ନୂଆ ଉର୍ଜା ଯୋଗାଇବ। ଏହି ଅବସରରେ ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ୩୬ଟି ୟୁନିଟ୍‌ରେ ପ୍ରାୟ ୭୭୬୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏହା ଯୋଗୁ ରାଜ୍ୟରେ ୨୨,୦୦୦ ପ୍ରତ୍ୟକ୍ଷ ଏବଂ ୬୬,୦୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଦ ଇମର୍ଜିଂ ଡେଷ୍ଟିନେଶନ ଫର୍ ଟେକ୍ସଟାଇଲ୍ସ, ଆପାରେଲସ୍ ଆଣ୍ଡ ହ୍ୟାଣ୍ଡଲୁମସ୍ (ବୟନ, ପୋଷାକ, ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ, ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ଼ ଭିତ୍ତିଭୂମି, ଆବଶ୍ୟକ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଞ୍ଜିନ ସରକାର ଆମର ଶକ୍ତି ପାଲଟିଛି। ତେଣୁ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟରେ ବିପୁଳ ସୁଯୋଗ ରହିଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି ସେ କହିଥିଲେ।

# ପୁଞ୍ଜିନିବେଶ କରିବ 'ପ୍ରମୋଦ ହୋଟେଲ'




ଭୁବନେଶ୍ୱର,୨୯।୧

ଭୁବନେଶ୍ୱରଠାରେ ଆୟୋଜିତ ୨ ଦିନିଆ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୨୦୨୫'ର ୨ୟ ଦିନରେ ଟୁରିଜମ୍ ଓ ହସ୍ପିଟାଲିଟି ଉଦ୍ୟୋଗ ବିକାଶ ଉପରେ ଏକ ବିଶେଷ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏପରିକି ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରମୋଦ ହୋଟେଲ'ର ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି 'ପ୍ରମୋଦ ହୋଟେଲ' ୧୩୫ କୋଟିର ପୁଞ୍ଜିନିବେଶ କରିବାର ଲକ୍ଷ୍ୟ ରହିଥିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ କ୍ଷେତ୍ରରେ ପ୍ରମୋଦ ହୋଟେଲର ଯୋଗଦାନ ପ୍ରଶଂସନୀୟ ବୋଲି କହିଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ହୋଟେଲ ଶିଳ୍ପ ସହ ସଂପୃକ୍ତ ବିଶିଷ୍ଟ ଉଦ୍ୟୋଗପତି ଯୋଗଦେଇଥିଲେ। ସୂଚନାଯୋଗ୍ୟ, କଟକ, ପୁରୀ ଓ ଗୋପାଳପୁରଠାରେ 'ପ୍ରମୋଦ ହୋଟେଲ' ପର୍ଯ୍ୟଟକଙ୍କ ବିନୋଦନରେ ନିୟୋଜିତ ଅଛି।

# କୃଷି ବିକାଶରେ ସାମିଲହେବାକୁ ଉଦ୍ୟୋଗୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୯।୧

ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶାର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ 'କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ– ଓଡ଼ିଶାରେ ନିରନ୍ତର ଖାଦ୍ୟ ଓ ଅଭିବୃଦ୍ଧି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ମୋଟ ୧୭ଟି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତହେବା ସହ ପ୍ରାୟ ୧୨୮୯ କୋଟି ଟଙ୍କାର ନିବେଶ ପାଇଁ ନିବେଶକମାନେ ସହମତି ପ୍ରଦାନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଅଧିବେଶନରେ ନିବେଶକମାନଙ୍କୁ ସମ୍ବୋଧିତକରି କହିଥିଲେ, ବିକଶିତ ଭାରତ ଲକ୍ଷ୍ୟକୁପୂରଣ କରିବା ପାଇଁ ଆମକୁ ବିକଶିତ ଓଡ଼ିଶା ଗଠନ କରିବାକୁ ହେବ। ଏଥିପାଇଁ ଜୈବିକ କୃଷି, ଜଳବାୟୁ ସହନଶୀଳ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ଆବଶ୍ୟକ ରହିଛି। କୃଷିକ୍ଷେତ୍ରରୁ ବଜାର ମୂଲ୍ୟ ପର୍ଯ୍ୟନ୍ତ ସବୁଥିରେ ଅଭିବୃଦ୍ଧି ହେବା ଦରକାର ରହିଛି। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ଶୀତଳଭଣ୍ଡାର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଆନୁଷ୍ଠାନିକ ଭାବେ ଆଜିଠାରୁ ୫୮ଟି ଶୀତଳ ଭଣ୍ଡାର ଖୋଲାଯିବା ଯୋଜନା ଲାଗୁ କରାଗଲା। ଏହି ଅବସରରେ ରାଜ୍ୟ ସରକାର ୧୭ଟି କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ୧୨୮୯ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପଥ ପ୍ରଶସ୍ତ ହୋଇଛି। ଏଫ୍‌ପିଓ ଉପରେ ଏକ କଫି ଟେବୁଲ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀଙ୍କୁ ବିଭିନ୍ନ ବ୍ୟବସାୟ ତଥା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୫୦% ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନରେ ପୁଞ୍ଜିନିବେଶକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା–ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭର ଦ୍ୱିତୀୟ ଦିନରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗକୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ହେବା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଏଥିସହ ଆମ ବିକାଶର ଯାତ୍ରା ଆହୁରି ତ୍ୱରାନ୍ୱିତ କରିବ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ମତପ୍ରକାଶ କରିଥିଲେ। ଏହି ଅଧିବେଶନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ, ଯୋଜନା ଓ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଟମୋସ୍ପିୟର ହସ୍ପିଟାଲିଟି, ଉତ୍କଳ ବିଲ୍ ଲିମିଟେଡ୍, ଏସ୍ ଏନ୍ ଏମ୍ ହୋଟେଲ ଆଣ୍ଡ ରିସର୍ଟସ୍ ଲିମିଟେଡ୍, ଆଦି ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୯।୧



ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାର ଖଣିଭିତ୍ତିକ ଜିଲା କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କା ବିନିଯୋଗରେ ୫ ମିଲିୟନ ଟନର ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବ ବୋଲି 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ –୨୦୨୫'ର ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱପ୍ନ ଏବଂ କେନ୍ଦୁଝର ଭଳି ଖଣିଭିତ୍ତିକ ଜିଲାରେ ଏକ ଷ୍ଟିଲ୍ ପ୍ଲାଣ୍ଟ କରିବାର ଆଶା ପୂରଣ ହେବାକୁ ଯାଉଛି। ଅପରପକ୍ଷରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ମଧ କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହି ଅବସରରେ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଜେଏସ୍‌ଡବ୍ଲ୍ୟୁ କେନ୍ଦ୍ରାପଡ଼ାରେ ନୂତନ କପର ପ୍ଲାଣ୍ଟ ସମେତ ପାରାଦୀପରେ ୧୨ ମିଲିୟନ ଟନ ଷ୍ଟିଲ୍ ପ୍ଲାଣ୍ଟର କାର୍ଯ୍ୟ ଆରମ୍ଭ କରିଛି। ଏପରିକି କମ୍ପାନୀର ଝାରସୁଗୁଡ଼ା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ କରିବ ବୋଲି ଜେଏସ୍‌ଡବ୍ଲ୍ୟୁର ସିଏମ୍‌ଡି ସଜ୍ଜନ ଜିନ୍ଦଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କେନ୍ଦୁଝର ଜିଲାରେ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟକୁ କମ୍ପାନୀ ୨ଟି ଫେଜ୍‌ରେ ନିର୍ମାଣ ସହ ବିକଶିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫ ମିଲିୟନ ଟନ୍‌ର ଷ୍ଟିଲ୍ ପ୍ଲାଣ୍ଟ ଆରମ୍ଭହେବା ସହ ୫ରୁ ୧୦ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି କମ୍ପାନୀର ସିଇଓ ଅନୀଲ ସିଂ କହିଛନ୍ତି।

# ଷ୍ଟାର୍ଟଅପ୍ କ୍ଷେତ୍ରରେ ସମୃଦ୍ଧି ଆଣିବ ଉତ୍କର୍ଷ ଓଡ଼ିଶା

ଭୁବନେଶ୍ୱର,୨୯।୧

ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଓଡ଼ିଶା: ଭାରତୀୟ ଷ୍ଟାର୍ଟଅପ୍ ଦୃଶ୍ୟପଟରେ ଏକ ଉଦୀୟମାନ ତାରକା ଶୀର୍ଷକ ଅଧିବେଶନର ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିପୁଳ ସମ୍ଭାବନାର ରାଜ୍ୟ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମାଧ୍ୟମରେ ସମଗ୍ର ଦେଶର ଅର୍ଥନୀତିକୁ ସୁଦୃଢ଼ କରିପାରିବ ବୋଲି ମତ ପ୍ରକାଶ କରିଥିଲେ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, କ୍ରୀଡ଼ା ଆଦି କ୍ଷେତ୍ରରେ ନିବେଶ ପୂର୍ବକ ଶିଳ୍ପପତିମାନେ ଓ ବିକାଶ କାହାଣୀରେ ସହଭାଗୀ ହେବାକୁ ସୂର୍ଯ୍ୟବଂଶୀ ପ୍ରୋତ୍ସାହିତ କରିଥିଲେ। ବିପୁଳ ପ୍ରାକୃତିକ ସମ୍ବଳ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଓ ଡବଲ ଇଞ୍ଜିନ ସରକାର ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧି ପାଇଁ ଅନୁକୂଳ ପରିବେଶ ଯୋଗାଇଦେଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ମୋଟ ୯ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାସହ ତ୍ରୈମାସିକ ସମ୍ବାଦପତ୍ର ଓଡ଼ିଶୀ ଅଫ୍ ଷ୍ଟାର୍ଟଅପସ୍ ଏବଂ କଫି ଟେବୁଲ ବୁକ୍ 'ଫ୍ରମ୍ ଟ୍ରାଡିଶନ୍ ଟୁ ଇନୋଭେଶନ' ଉନ୍ମୋଚିତ ହୋଇଥିଲା।

# ବର୍ଜ୍ୟ ପରିଚାଳନାରେ ୪୦୭୫ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ

ଭୁବନେଶ୍ୱର,୨୯।୧



'ଉତ୍କର୍ଷ ଓଡ଼ିଶା– ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫'ର ଦ୍ୱିତୀୟ ଦିନର 'ସର୍କୁଲାର ଇକୋନୋମି' ଅଧିବେଶନ ଅନୁଠେିତ ହୋଇଯାଛି। ଏଥିରେ ବିଭିନ୍ନ କମ୍ପାନୀ ବର୍ଜ୍ୟପରିଚାଳନା କ୍ଷେତ୍ରରେ ମୋଟ ୪୦୭୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଦେଇଛନ୍ତି। ଏହା ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଧିବେଶନରେ ଯୋଗଦେଇ କହିଛନ୍ତି, ଓଡ଼ିଶାର ବିଶାଳ ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ର ହେତୁ ଥର୍ମାଲ ପାୱାର ପ୍ଲାଣ୍ଟ, ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ, ଆଲୁମିନା ରିଫାଇନାରୀ, ସିମେଣ୍ଟ ପ୍ଲାଣ୍ଟ ଇତ୍ୟାଦି ଶିଳ୍ପରୁ ଉତ୍ପନ୍ନ ହେଉଥିବା ପ୍ରମୁଖ ବର୍ଜ୍ୟ ବର୍ତ୍ତମାନ ସମୟର ଅର୍ଥନୈତିକ ଇଞ୍ଜିନ ଏବଂ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛନ୍। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଏକ ସିମ୍ବାୟୋଟିକ ଆସୋସିଏସନରେ କଞ୍ଚାମାଲ ଭାବେ ବ୍ୟବହାର କରିବାର କ୍ଷମତା ରହିଥିବାରୁ ଏହା ଦ୍ୱାରା 'ବର୍ଜ୍ୟରୁ ସମ୍ପଦ'ର ଏକ ଇକୋସିଷ୍ଟମ ସୃଷ୍ଟି ହୋଇପାରିବ। ଓଡ଼ିଶାରେ ଫ୍ଲାଇ ଆଶ୍, ଜିପସମ୍, ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ୍ସ ଓ ବୟନଶିଳ୍ପରେ କଞ୍ଚାମାଲ ଏବଂ ସମ୍ପୂର୍ଣ୍ଣ ସାମଗ୍ରୀର ଆମଦାନୀ ଏବଂ ରପ୍ତାନି ପାଇଁ ସୁଯୋଗ ପ୍ରଦାନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ କହିଛନ୍ତି, ଏହି କନକ୍ଲେଭ୍ ସର୍କୁଲାରିଟି ବିଭାଗରେ କାର୍ଯ୍ୟ କରୁଥିବା ନିବେଶକଙ୍କ ନିକଟରେ ପହଞ୍ଚିବା ଏବଂ ରାଜ୍ୟରେ ସେମାନଙ୍କର ପୁଞ୍ଜି ବିନିଯୋଗକୁ ସୁଗମ କରିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଭାରତରେ ବର୍ଜ୍ୟ ପରିଚାଳନା କ୍ଷେତ୍ରର ୨୦୨୩ରେ ବଜାର ମୂଲ୍ୟ ପ୍ରାୟ ୧୩.୧ ବିଲିୟନ ଆମେରିକୀୟ ଡଲାର ଥିଲା। ୨୦୩୨ ସୁଦ୍ଧା ଏହା ୨୧.୭ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

# ସୁଭଦ୍ରାରେ ୧.୭ କୋଟି ଯୋଗ୍ୟ ହିତାଧିକାରୀ ପଞ୍ଜିକୃତ

## ସୁଭଦ୍ରାରୁ ମୁଦ୍ରା ଅଧିବେଶନ

ଭୁବନେଶ୍ୱର,୨୯।୧(ଅନୁରାଧା ମହାରଣା)




ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନ 'ସୁଭଦ୍ରାରୁ ମୁଦ୍ରା' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ, ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ପ୍ରଦାନ କରାଯାଇଛି। ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବା ପାଇଁ ସେ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ମହିଳାମାନେ ଦକ୍ଷତା ବିକାଶ ସହ ସେମାନଙ୍କୁ ଆଧୁନିକ ପ୍ରଣାଳୀରେ ବ୍ୟବସାୟ କରିବାର କୌଶଳ ଶିଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଆଲୋଚନାଚକ୍ରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ , 'ସୁଭଦ୍ରା' ଯୋଜନା ଅଧୀନରେ ମହିଳାମାନଙ୍କ ଡିଜିଟାଲ ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲକରିବା ନିମନ୍ତେ ସୁଭଦ୍ରା ବହୁମାତ୍ରାରେ ସଫଳ ହୋଇପାରିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ 'ସୁଭଦ୍ରା'କୁ ମହିଳା ସଶକ୍ତୀକରଣର ପ୍ରତୀକ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ଧଳ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦୁଇଟି ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ମହିଳାଙ୍କୁ ବିଭିନ୍ନ କ୍ଷେତ୍ର ନିମନ୍ତେ ତାଲିମ ପ୍ରଦାନ କରିବା ନିମନ୍ତେ ଆଇଆଇଏମ୍, ସମ୍ବଲପୁର ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ସହ ଦୁଇଟି ବୁଝାମଣାପତ୍ର ବିଭାଗ ସହ ବିନିମୟ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଚଣ୍ଡୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାତୀର ମୃତଦେହ ଠାବ

ସମ୍ବଲପୁର,୨୯।୧
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ସଦର ବନଖଣ୍ଡ ଧମା ରେଞ୍ଜ ଅନ୍ତର୍ଗତ ଯାଦୁଲୁଇସିଂ ନିକଟ ଜଙ୍ଗଲରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବୁଧବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ମୃତ ହାତୀଟି ୨୦ବର୍ଷ ବୟସ୍କ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସକାଳେ ସ୍ଥାନୀୟ ଲୋକେ ଉକ୍ତ ଜଙ୍ଗଲ ମଧ୍ୟରେ ହାତୀ ମରିପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଜବତ କରିଥିଲେ।

ସୂଚନାଯୋଗ୍ୟ, ଗତ ରବିବାର ମଧ୍ୟ ସଦର ବନଖଣ୍ଡ ଅଧୀନ ଧମା ରେଞ୍ଜ ଖସାପାଲ ଗ୍ରାମ ନିକଟ ଲାବଡେରା ବୋଲବଙ୍ଗା ଜଙ୍ଗଲରେ ଏକ ୨୦ବର୍ଷ ବୟସ୍କ ଦନ୍ତାହାତୀର ମୃତ୍ୟୁ ଘଟିଥିଲା।

# ଜନଜାତି ଛାତ୍ରନିବାସରେ ଛାତ୍ର ମୃତ୍ୟୁ ନେଇ ଉତ୍ତେଜନା

## ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆପଡ଼ା, ୨୯।୧
(ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଡାଲସ୍ଥିତ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଅନୁସୂଚିତ ଜନଜାତି ଛାତ୍ରନିବାସରେ ବୁଧବାର ଜଣେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କଛାରପଡା ଗ୍ରାମର ସ୍ୱର୍ଗତ ଅର୍ଜୁନ ମାଝୀଙ୍କ ପୁଅ ଲାଲଧର ମାଝୀ (୧୨)। ସେ ସ୍ଥାନୀୟ ଗୋଡାଲ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପ୍ରାପ୍ତ ଖବର ଅନୁସାରେ ଗତ ମଙ୍ଗଳବାର କୌଣସି କାରଣରୁ ଛାତ୍ରଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ରାତି ୧୧ଟାରେ ସିନାପାଲି ସରକାରୀ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ସେ ଛାତ୍ରନିବାସକୁ ଫେରି ଆସିଥିଲେ। ବୁଧବାର ସକାଳେ ସେ ମୃତ୍ୟୁବରଣ କରିଥିବା ଜାଣିପାରି ସ୍କୁଲ ଷ୍ଟାଫ୍ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କ୍ଷତିପୂରଣ ସହ ଛାତ୍ରନିବାସ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ବିଭାଗୀୟ ଉଚ୍ଚ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗତ ୨୪ ତାରିଖରୁ ଛୁଟିରେ ରହିଥିବା ବେଳେ ଜଣେ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଅପରାହ୍ନରେ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ବିଦ୍ୟାଳୟ ଛାତ୍ରନିବାସରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ଏ ନେଇ ଉପଜିଲାପାଳ ମାଝିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟରୁ ଅନ୍ତର

ବାଲେଶ୍ୱର,୨୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଦେବାଙ୍ଗନା ବାରିକଙ୍କ ବିରୋଧରେ ହୋଇଥିବା ଏକାଧିକ ଅଭିଯୋଗ ଓ ଅନିୟମିତତା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି (ନଂ. ୨୮/୨୯।୧।୨୦୨୫) ଅନୁଯାୟୀ ବୁଧବାର ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଡେପୁଟି କଲେକ୍ଟର ଗୀତା ମାଝି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ରହିବେ। ଡିସିପିଓ ବାରିକ ଡେପୁଟି କଲେକ୍ଟରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି। ଜିଲା ଶିଶୁ ସୁରକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ଓ ଆର୍ଥିକ ହେରଫେର ଅଭିଯୋଗରେ ପୂର୍ବରୁ ଦୁଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଇତିଶ୍ରୀ ମହାପାତ୍ର ଓ ଯୁବକ ମାଝି ଚାକିରିରୁ ବହିଷ୍କୃତ ହୋଇଥିଲେ। ତୃତୀୟ ଅଧିକାରୀ ଭାବେ ଦେବାଙ୍ଗନା ବାରିକ କାର୍ଯ୍ୟରୁ ଅନ୍ତର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାରିକ କେନ୍ଦୁଝରରେ ଥିବା ବେଳେ ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା, କାର୍ଯ୍ୟରେ ଅବହେଳା, ସରକାରୀ ଅର୍ଥର ତୋଷାରପାତ, ବିଭାଗୀୟ ଆଦେଶକୁ ବେଖାତିର, ସାଧାରଣ ଲୋକ ତଥା ପିଲାଙ୍କ ଅଭିଭାବକଙ୍କୁ ଦୁର୍ବ୍ୟବହାର ଆଦି ଅଭିଯୋଗ ଆସିଥିଲା। ଅଭିଯୋଗ ମୁତାବକ କେନ୍ଦୁଝର ଜିଲାପାଳଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇଥିଲା। ଅଭିଯୋଗର ପ୍ରମାଣ ମିଳିବା ପରେ ଡିସିପିଓଙ୍କ ବିରୋଧରେ ରିପୋର୍ଟ ହୋଇଥିଲା। ରିପୋର୍ଟ ହେବା ସହ କୈଫିୟତ ତଲବ କରାଯାଇଥିଲା। ଏହି ସମୟ ମଧ୍ୟରେ ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ବାଲେଶ୍ୱରକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଡେପୁଟେଶନରେ ପଠାଯାଇଥିଲା। ମଗାଯାଇଥିବା କୈଫିୟତରେ ଅଧିକାରୀଙ୍କ ସନ୍ତୋଷଜନକ ଉତ୍ତର ନ ମିଳିବା ଉପଲବ୍ଧି କରି ବିଭାଗ ପକ୍ଷରୁ ପୁନଃ ତଦନ୍ତ ହୋଇଥିଲା। ଗତ ୨୦୨୪ ଡିସେମ୍ବର ୨୪ ତାରିଖ ସୁଦ୍ଧା ତାଙ୍କୁ ଚାକିରୀରୁ ଅନ୍ତର କରିବା ପାଇଁ ଗତ ଡିସେମ୍ବର ୧୭ ତାରିଖରେ ରାଜ୍ଯସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି ନଂ.-୨୭୩୬ (ଓଏସ୍‌ସିପିଏସ୍) ଅନୁଯାୟୀ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଦିଆଯାଇଥିବା ଚିଠିରେ ନିର୍ଦ୍ଦେଶ ରହିଥିଲା। ଉକ୍ତ ଚିଠିର ଏକ ନକଲ କେନ୍ଦୁଝର ଜିଲାପାଳଙ୍କୁ ପଠାଯାଇଥିଲା।

# ୮ କି.ମି. ଚାଲି ଥାନାରେ ଅଭିଯୋଗ ଜଣାଇଲେ ଅନ୍ତେବାସୀ

ଉମରକୋଟ, ୨୯।୧
(ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ବୁର୍ଜା ପଞ୍ଚାୟତର ସଦରସ୍ଥିତ ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ ଅନ୍ତେବାସୀ ସେମାନଙ୍କ ସମସ୍ୟା ଜଣାଇବାକୁ ୮ କି.ମି. ଚାଲିଚାଲି ଯାଇଛନ୍ତି। ଖବରପାଇ ଉମରକୋଟ ପୌରାଧ୍ୟକ୍ଷା ଓ ନବରଙ୍ଗପୁର ଏଡିଇଓ ରେଶମ ଲାଲ ନାୟକ, ବିଇଓ ବିକାଶ ଚନ୍ଦ୍ର ସରକାର ଅନ୍ତେବାସୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

ସୂଚନାନୁଯାୟୀ, ସ୍କୁଲ ଛାତ୍ରୀମାନେ ବୁର୍ଜା ଗ୍ରାମସ୍ଥିତ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସରେ ରହୁଥିଲେ। ସେଠାରେ ଦୀର୍ଘ ୮ ମାସ ହେଲା ନିମ୍ନମାନର ଖାଦ୍ୟ ଦିଆ ଯାଉଥିଲା। ସ୍କୁଲ ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭକରି ବିଭିନ୍ନ ଅଧିକାରଙ୍କୁ ଜଣାଇଥିଲେ ମଧ୍ୟ କେହି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ତେଣୁ ବୁଧବାର ପ୍ରାୟ ୪୦ ଛାତ୍ରୀ ୮ କି.ମି. ଚାଲି ଉମରକୋଟ ଥାନାକୁ ଅଭିଯୋଗ ଜଣାଇବାକୁ ଆସିଥିବା ଅନ୍ତେବାସୀ କହିଛନ୍ତି। ସ୍କୁଲ ଶିକ୍ଷକମାନେ ବାରଣ କରିଥିଲେ ମଧ୍ୟ ସେମାନେ ନ ଶୁଣି ଅଭିଯୋଗ କରିବାକୁ ଆସିଥିବା କହିଛନ୍ତି। ପୌରାଧ୍ୟକ୍ଷା, ଏଡିଇଓ ଓ ଉମରକୋଟ ବିଇଓ ଛାତ୍ରୀମାନଙ୍କୁ ବୁଝାଶୁଝାକରି ସ୍କୁଲକୁ ଫେରାଇ ନେଇଥିଲେ। ସମସ୍ୟା ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଇଓ କହିଛନ୍ତି।


## ୬୯ତମ ଜନ୍ମଦିନ ଶୁଭେଚ୍ଛା



ନାରାୟଣ ଚନ୍ଦ୍ର ସିହ୍ନା (ଖୋକନା ବାବୁ)

କିରନ-ଜ୍ୟୋତି ଭବନ, ଉପର ମାଳିସାହି, ପୁରୀ-୨
ତା୩୦।୦୧।୨୦୨୫ରିଖ ଗୁରୁବାର ଦିନ ପ୍ରତିପଦରେ ୬୯ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ବାଟମଙ୍ଗଳା ଏବଂ ସ୍ୱର୍ଗତ ମାତା, ପିତା, ଗୁରୁ ଓ ଇଷ୍ଟଦେବ ଦେବୀଙ୍କ ଅପାର କରୁଣାରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ତୁମେ ନୀରୋଗ ରହିବ ଏବଂ ତୁମେ ପୃଥିବୀରେ ଯଶକୀର୍ତ୍ତି ଅର୍ଜନ କର, ଏହା ହିଁ ଜଗତ କଲ୍ୟାଣମୟୀ ମା ଓ ଚଉଦ ବ୍ରହ୍ମାଣ୍ଡର ବିଶ୍ୱନିୟନ୍ତାଙ୍କ ନିକଟରେ ପ୍ରାର୍ଥନା ।
କିରଣ-ଜ୍ୟୋତି ପରିବାରବର୍ଗ ଓ ସୁଦାମା କୁଟୀର ପରିବାରବର୍ଗମାନେ।
ଉପର ମାଳିସାହି, ଡାକ୍ତରଖାନା ନିକଟ, ପୁରୀ-୨

ଧ-୨୭୪୮




ଧ-୨୭୩୫

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ରମାକାନ୍ତ ବାରିକ
ଝାରଡ଼ିଆ, ଧାମନଗର, ଭଦ୍ରକ
ଆବିର୍ଭାବ: ୧୪।୦୨।୧୯୪୪
ତିରୋଧାନ: ୨୦।୦୧।୨୦୨୫
ଆପଣଙ୍କ ନୀତି, ଆଦର୍ଶ ଓ ଉପଦେଶ ସର୍ବଦା ମନେ ରହିବ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ : ପୁଅ- ଶଶୀ, ଟିକି, ବୋହୂ- ଜ୍ୟୋତ୍ସ୍ନା, ରିତୁ, ଝିଅ- ମେନା, ଝୁନା, ଜ୍ୱାଇଁ- ଲିଟୁ, ପୂନ, ନାତି- ବାପୁ, ଦୀପୁ, ଶୀତୁ, ଲିପନ, ଭଣଜା- ବାବୁଲା, ଚନ୍ଦନ, ଭାଇ- ନାରାୟଣ, ଅଲେଖ, କେଦାର, ପ୍ରଶାନ୍ତ, ବଙ୍କୁ, ସୁନୀଲ, ବୁଲୁ, ସଂଗ୍ରାମ ଓ ପରିବାରବର୍ଗ ।

ଧ-୨୭୫୪

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥



୰ ଲମ୍ବୋଦର ଜେନା
ରାଜଦାଣ୍ଡସାହି, ପାରଳାଖେମୁଣ୍ଡି
ଜଗନ୍ନାଥ ମନ୍ଦିର ନିକଟ
ଆବିର୍ଭାବ: ୧୨।୧୨।୧୯୫୨
ତିରୋଧାନ: ୨୫।୦୧।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ ।
ଶୋକସନ୍ତପ୍ତ: ଜୀବନ, ପବନ, ତପନ ଏବଂ ଶୋକସନ୍ତପ୍ତ ଜେନା ପରିବାରବର୍ଗ ।
ରାଜଦାଣ୍ଡସାହି, ପାରଳାଖେମୁଣ୍ଡି, ଜଗନ୍ନାଥ ମନ୍ଦିର ନିକଟ


# Classified Everyday

0674-2580101, 9692975378





## SALE

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399. D-2670

Duplex for sale at Mahalaxmivihar, near Garage chhak @1.40crore. Contact: 7815086049. D-75357

Developed gharabari plots near Delhi Public School (Phulnakhara), Balianta (Bhubaneswar) & adjacent to Phulnakhara-Niali Road for immediate registration. 9861476089. D-2729

Plot for sale. Ward No.- 2, Kabisuryanagar. Contact: 9916023875, 9338283431. D-2741

11700 sqft. Gharabari land sale at Pitapalli, NH Side - 7008634668. D-76234

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 6370277334, 9040023313. D-2750

See Career Appointment on every Wednesday & Saturday




Positively Health benefited spa by expert female therapist, Nayapalli. 7846 814019 D-76190

Newly open health benefits spa by experience lady therapist. 8658088274. D-76191

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 21.01.2025, I Rohit Ranjan Das, Address: At- Purushottampur, P.O.- Radhakishorepur, P.S.- Khuntuni, Dist.- Cuttack, Odisha- 754029 declare that I have changed my name from Arjun Das to Rohit Ranjan Das. Henceforth, I shall be known as Rohit Ranjan Das for all purposes. (Rohit Ranjan Das) D-2738

I, Pramoda Kumar Patra, S/o Late Babaji Charan Patra, Resident of P.S. Residency at Plot No.77/2016, Millenium City, Pahal, Khurda- 752101, Odisha declare by this affidavit No. 01, Dt.29.01.2025 that now onwards I shall be known as Pramod Kumar Patra for all future purposes. Pramod Kumar Patra D-2737

I, SK ATTAULLAH FARUQUI, S/o- SK ABDUL KAYUM, resident of Ward No.3, Madhusasan, P.O.- Gadijanga, P.S.-Kudanagari, Dist.- Kendrapara, Pin- 754134, Odisha declare by this affidavit No.1369 dtd.24.12.2024 that now onwards I shall be known as SK ATTAULLAH FARUQUI for all future purposes. D-2747

By virtue of an affidavit sworn before Notary Public, Bhubaneswar, Odisha, dated 28 Jan. 2025. I Gundicha Behera, Address: At- Parbatipur, P.O.- Bhapur, P.S.- Fategarh, Dist.- Nayagarh, PIN- 752063 declare that I have changed my son's name from Pinu Behera to Nihar Behera. Henceforth, he shall be known as Nihar Behera for all purposes. D- 2736

By virtue of an affidavit CF No.03, date 24.01.2025 sworn before the Executive Magistrate, Sohela, I, Dharitri Padhan, D/o. Khageswar Padhan, R/o. Village/ P.O.- Bausenmura, P.S.- Sohela, Dist.- Bargarh, Pin- 768033 declare that I have changed my name from Nikita Padhan to Dharitri Padhan. Henceforth, I shall be known as Dharitri Padhan for all future purposes. D-2752

Your classified advertisement published in Dharitri will be listed free in Dharitri online edition: dharitriepaper.in

By virtue of an affidavit before Executive Magistrate, Banki, I declare that Bina Satpathy, W/o Sangram Keshari Rout and Bina Rout, W/o Sangram Keshari Rout is same and one person. Henceforth, I will be known as Bina Satpathy for all purposes. D-2751

## LOST

ମୁଁ ପ୍ରିୟଦର୍ଶିନୀ ମହାପାତ୍ର, ସ୍ୱାମୀ- ଲଳିତ୍ ନାରାୟଣ ମହାପାତ୍ର, ପାତ୍ରପଡ଼ା ମୌଜାରେ ଗୋଟିଏ ଜାଗା କିଣିଛି। ବିକ୍ରି କରିଥିବା ବିକ୍ରେତା ନାମରେ ପଟ୍ଟା ଯାହାର Khata No. 703/3374 ଏବଂ ସେ ଦେଇଥିବା NRI GPAଟି ଅରିଜିନାଲ କେଉଁଠାରେ ହଜିଯାଇଛି। ମୁଁ ଖୋଜିଲା ପରେ ନ ମିଳିବାରୁ ମୁଁ ଖଣ୍ଡଗିରି ଥାନାରେ FIR କରିଛି। ଯଦି କାହାକୁ ଏହି ଡକ୍ୟୁମେଣ୍ଟଟି ମିଳେ ମୋତେ ହସ୍ତାନ୍ତର କରିବାକୁ ଅନୁରୋଧ। କାରଣ ଏହି ଜାଗା ଉପରେ ଆପାର୍ଟମେଣ୍ଟ କରୁଛି। ଏହି ଆପାର୍ଟମେଣ୍ଟରୁ ଗୋଟେ ଫ୍ଲାଟ୍ କିଣିବାକୁ Customer ବ୍ୟାଙ୍କରୁ ଲୋନ୍ ନେବା ପାଇଁ ଯାଉଛି। ମୁଁ ଏହି ପଟ୍ଟା ଏବଂ NRI GPA କୌଣସି ବ୍ୟାଙ୍କରେ ଏବଂ ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। Contact No.- 9039255128. D-2753

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

**IN THE COURT OF THE 1ST ADDITIONAL SENIOR CIVIL JUDGE, BHUBANESWAR**
**CIVIL SUIT NO.1177 of 2017**

Aliva Jena, aged about 31 years, W/o Arabinda Jena, resident of Kunja Kanta, P.O./ P.S./ Dist.- Dhenkanal ... ... Plaintiff
-Versus-
Rajesh Chandra Bohidar and others ... ... Defendants

NOTICE U/O-5 RULE 20 OF C.P.C.

To
1. Sri Rajesh Chandra Bohidar aged about 43 years, S/o Late Budhadeb Bohidar, At- Pattanaikpada (Bohidarsahi), P.O.: Jharuapada, P.S.: Sambalpur Town, Dist.- Sambalpur (Odisha).
2. Sri Bijaya Kumar Das, aged 39 years, S/o Sarat Chandra Das, resident of At: Eradanga, P.O.: Nalibara, P.S.: Tirtol, Dist.: Jagatsinghpur.
3. Mr. Dilip Kumar Nayak, aged about 48 years, S/o Nakul Chandra Nayak, At: Panchanpara, P.S.: Aul, Post: Sanamanga, Dist.: Kendrapara.

Take notice that the above named plaintiff has instituted a civil suit No.1177 of 2017 in the Court of the 1st Additional senior Civil Judge, Bhubaneswar against you. You are directed to appear in person or through pleader before the Court of the 1st Additional Senior Civil Judge, Bhubaneswar on 07.04.2025 at 10.30 A.M. positively to file WS why the civil suit shall not be heard and in default your appearance on the above mentioned date and time, the civil suit shall be heard and determined in your absence expatre.

Given under my hand and seal of the Court 27.01.2025.

**Sd./- THE 1ST ADDITIONAL SENIOR CIVIL JUDGE, BHUBANESWAR**

D-2743

## ମନେ ପଡ଼ନ୍ତି

### ୧୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସୁଶୀଳା ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୨୪।୦୧।୨୦୧୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୭୧୫୯୫

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋପାଳ ଚନ୍ଦ୍ର ସେଠୀ
ପ୍ଲଟ୍ ନଂ.୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ- ୨୯।୧।୨୦୧୭
ସମୟର ଚକ ଗଡ଼ିଗଡ଼ି ଯାଏ
ବଢ଼ି ଚାଲଇ ଆଗକୁ
ଚାହୁଁ ଚାହୁଁ ଆଠ ବର୍ଷ ପୂରିଗଲା,
ସ୍ୱର୍ଗୀୟ ଗୋପାଳ ବାବୁଙ୍କୁ।
ଛାଡ଼ି ଚାଲିଗଲ ଏକାକରି ତୁମେ
ଲାଗେ ଏହା ମିଛ ପରି,
ଏବେବି ଲାଗୁଛ ତୁମେ ଅଛ ଆଜି
ଆମ ସଙ୍ଗେ ସର୍ବପରି।
କାହାର ଗୁରୁତ୍ୱ କେତେ ଯେ ଅଧିକ
ବୁଝିହୁଏ ଗଲା ପରେ
ଆଜି ଆମେ ସବୁ ତୁମକୁ ଝୁରୁଛୁ
ଆଖିରୁ ଲୁହ ବାହାରେ।
ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ- ସ୍ତ୍ରୀ, ସେଠୀ ପରିବାର ଓ ଆତ୍ମୀୟସ୍ୱଜନ

ଧ-୭୧୩୯୬

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜୟକୃଷ୍ଣ ଶତପଥୀ
Retd. GPEO
ଅମଳାପଡ଼ା, ଢେଙ୍କାନାଳ ଟାଉନ
ଆବିର୍ଭାବ- ୨୦।୦୧।୧୯୩୩
ତିରୋଧାନ- ୨୧।୦୧।୨୦୨୫
ବାପା, ଆମକୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହୁ। ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ- ହତଭାଗ୍ୟ ପୁତ୍ର- ନିର୍ମଳ, ରଞ୍ଜନ, ବାପୁ (ଦୀପ୍ତିଶ), ଝିଅ- ନିର୍ମଳା, ନର୍ମଦା, ନୟନା, ନାତି- ଲିପୁ, ଜିତୁ, ସାଇ, ନାତୁଣୀ- ଜେଜି, ଦିଶା, ସିଦ୍ଧି, ଲୁଇ, ଲୋରି ଏବଂ ପରିବାରବର୍ଗ।

ଧ-୭୫୪୮୭

### ୨ୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଇନ୍ଦିରା ଦାସ
ପାଣି ସାହି, ଚଇନପୁର, ଯାଜପୁର
ଆବିର୍ଭାବ- ୨୧।୦୩।୧୯୬୭
ତିରୋଧାନ- ୦୧।୦୨।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ- ତୁମର ହତଭାଗ୍ୟ ପତି- ଜଗଦିଶ, ପୁତ୍ରୀ- ଲିସା, ଲିଜା, ଲିନା, ନାତି- ସାଇ, ଲକି, ନାତୁଣୀ- ଶ୍ରଦ୍ଧା, ଜ୍ୱାଇଁ- ପ୍ରଣବ, ଦିବ୍ୟ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।

ଧ-୨୭୪୯

# ପ୍ରେମର ନୂଆ ଫର୍ମୁଲା


ରିୟା-ଦୀପକ-ପ୍ରିୟଙ୍କା

ପ୍ରେମିକା-ପ୍ରେମିକଙ୍କ ପରି ପ୍ରେମ ମଧ୍ୟ ରଙ୍ଗ ବଦଳାଇପାରେ। କିନ୍ତୁ ନିଜ ପ୍ରେମର ଶେଷ ରୂପ ଦେବାକୁ ଦୁହେଁ ପଶ୍ଚାତପଦ ହୁଅନ୍ତି ନାହିଁ। ବିଭିନ୍ନ ଉତ୍ଥାନ ପତନ ଭିତରେ ସେମାନେ ନିଜର ଯାତ୍ରା ଜାରିରଖନ୍ତି। ହେଲେ ଯଦି ପ୍ରେମ ତ୍ରିକୋଣୀୟ ହୋଇଯାଏ ତେବେ ତାହାର ସସ୍‌ପେନ୍ସ ଆହୁରି ବଢ଼ିଯାଏ। ସେହିଭଳି ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଆଶୀକ ଦିୱାନା'। ଖାସ୍ କଥା ହେଲା, ଏହି ଫିଲ୍ମରେ ଦୀପକଙ୍କ ନାୟିକା ସାଜୁଛନ୍ତି ରିୟା ଦେ। 'ଆଶୀକ ଦିୱାନା'ରେ ଅନ୍ୟତମ ନାୟିକା ହେଲେ ପ୍ରିୟଙ୍କା। ଚିତ୍ରଟିର ପ୍ରଯୋଜନା କରୁଛନ୍ତି ପ୍ରମୋଦ କୁମାର ସ୍ୱାଇଁ। ତାଙ୍କ ସହିତ ଅନ୍ୟତମ ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ। ନିର୍ଦ୍ଦେଶନା ଭାର ତୁଲାଉଛନ୍ତି ଏସ. ଦିଲୀପ ପଣ୍ଡା। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ ଏବଂ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜେ. ଏନ୍ ପଦ୍ମ। ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା, ଅମର ମହାପାତ୍ର, ଇଲିଆନା ପଣ୍ଡା ଓ ଡିସ୍କୋ ରେଡ୍ଡୀ ପ୍ରମୁଖଙ୍କୁ ଏଥିରେ ମଧ୍ୟ ଦେଖିବାକୁ ମିଳିବ।

# ଲାଗିପଡ଼ିଛନ୍ତି କ୍ରିତି


କ୍ରିତି

କ୍ରିତି ସାନନ ଏବେ ନିଜକୁ ମିଳିଥିବା ଏକ ନୂଆ ସିନେମାର ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଏଥିରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ତାଙ୍କ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ମଧ୍ୟ ଆଶା ରଖିଛନ୍ତି। ହେଲେ ସେ ଯେତେବେଳେ ଏହାର କାହାଣୀ ଶୁଣିଲେ ସେତେବେଳେ କିଛି ସମୟ ପାଇଁ ଭାବପ୍ରବଣ ହୋଇପଡିଥିଲେ। ଏ ନେଇ ସେ କହନ୍ତି, '' କିଛି ସପ୍ତାହ ପୂର୍ବରୁ ମୋତେ ଏକ ନୂଆ ଅଫର ମିଳିଥିଲା। ପ୍ରଯୋଜକ ଯେତେବେଳେ ମୋତେ କାହାଣୀ ଶୁଣାଇଲେ ବେଶ୍ ଆଗ୍ରହର ସହ ଶୁଣିଥିଲି। ହେଲେ କ୍ଲାଇମାକ୍ସ ସମୟରେ ମୋ ଆଖି ଛଳଛଳ ହୋଇଯାଇଥିଲା। ହେଲେ ଏହାର କାହାଣୀ ମୋତେ ପ୍ରଭାବିତ କରିଛି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।'' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ।

# ଦୃଢ଼ମନା ହର୍ଷବର୍ଦ୍ଧନ

ହର୍ଷବର୍ଦ୍ଧନ କପୁର ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ମିର୍ଯ୍ୟା'। କିନ୍ତୁ ଏହି ଭୂମିକା ତୁଲାଇବାକୁ ତାଙ୍କୁ ଘୋଡା ଚଢ଼ାଠାରୁ ଆରମ୍ଭ କରି ତୀର ଚାଳନା ଶିଖିବାକୁ ପଡିଥିଲା। ମୁମ୍ବାଇରେ ଏଥିପାଇଁ ସବୁ ପ୍ରକାର ଆୟୋଜନ ହୋଇଥିଲା। କିନ୍ତୁ ଏଠାରେ ଘୋଡାଚଢ଼ା ଶିଖିବା ସମୟରେ ସନ୍ତୁଷ୍ଟ ନ ଥିଲେ ହର୍ଷବର୍ଦ୍ଧନ। ତେଣୁ ତାଙ୍କୁ ଆମେରିକା ଯିବାକୁ ପଡିଥିଲା। ସେଠାରେ ସେ ଘୋଡାଚଢ଼ା ଶିଖିବା ସହ ଘୋଡାଙ୍କ ସହ ପ୍ରତିଦିନ କିଛି ସମୟ କଟାଇଥିଲେ। ସେଠାରେ ସେ ତୀର ଚାଳନା ଏବଂ ପୋଲୋ ମଧ୍ୟ ଶିଖିଥିଲେ। ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଭାବରେ ଷ୍ଟାର ସ୍କ୍ରିନ୍ ଆୱାର୍ଡ ମିଳିଥିଲା। କିନ୍ତୁ ତା'ପରେ ସେ ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି। ଏ ନେଇ ସେ କହନ୍ତି, ''ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ଆଦୌ ଚିନ୍ତିତ ନୁହେଁ। ଏକଥା ସତ ଯେ ଏହା ଭିତରେ ମୁଁ ମାତ୍ର କେତୋଟି ସିନେମାରେ ଅଭିନୟ କରିଛି, ହେଲେ ଦିନେ ନା ଦିନେ ମୋତେ ଭଲ ସୁଯୋଗ ମିଳିବ।''

# ସରସ୍ୱତୀ ପୂଜାକୁ ଅପେକ୍ଷା

ଓଲିଉଡ୍‌ରେ ଏବେ ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କୁ ନେଇ ଚର୍ଚ୍ଚା। ସେ କୁଆଡ଼େ ଏବେ ଭୁବନେଶ୍ୱରରେ ଘୂରି ବୁଲୁଛନ୍ତି। ତେବେ କ'ଣ ପାଇଁ ? ପପୁ କୁଆଡ଼େ ନୂଆ ଠିକଣା


ପପୁ

ଖୋଜୁଛନ୍ତି। ଏ ନେଇ ଅଧିକ ସସ୍‌ପେନ୍ସ ଜାରି ରଖିବା ବ୍ୟତୀତ ଅସଲ କଥା ଜଣାଇ ଦେବା ଠିକ୍ ହେବ। କଥା କ'ଣ କି ଏହା ପଛରେ ପ୍ରକୃତ କାରଣ କ'ଣ ରହିଛି ତାହା ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ। ଏଥର ସରସ୍ୱତୀ ପୂଜା ଦିନ ହିଁ ଖୋଦ୍ ପପୁ ଏହା ଉପରୁ ପରଦା ହଟାଇବେ। ଏହି ପବିତ୍ର ଦିନରେ ସେ ଏକ ବଡ଼ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ତେତେ ତାହା କ'ଣ ଜାଣିବାକୁ ଅନ୍ତତଃ ଧୈର୍ଯ୍ୟର ସହ ସରସ୍ୱତୀ ପୂଜା ଦିନକୁ ଅପେକ୍ଷା କରିବାକୁ ପଡିବ।


ଜାହ୍ନବୀ

# ଦୋଛକିରେ ସାନ୍ୟା

ସାନ୍ୟା ମାଲହୋତ୍ରା ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡାଯାଇଛି। ପୁଣି ସେଥିରେ ନାଚିବାକୁ ସାନ୍ୟାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସାନ୍ୟା କହନ୍ତି, 'ଏହି ଫିଲ୍ମର ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ୍ ନମ୍ବର ଯୋଡ଼ା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ୍ ନେବି।'


ସାନ୍ୟା

# କେବଳ ପାଠପଢ଼ା ପାଇଁ...

କୌଣସି କ୍ଷେତ୍ରରେ ଆଗେଇବାକୁ ହେଲେ ଆଉ କେତୋଟି କଥାକୁ ବଳିଦାନ ଦେବାକୁ ପଡିଥାଏ। ସେତେବେଳେ ସେ ଲସ୍ ଏଞ୍ଜେଲସସ୍ଥିତ ଲି' ଷ୍ଟ୍ରାସବର୍ଗ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରେ ପାଠ ପଢୁଥାଆନ୍ତି। ଏହି ସମୟରେ ତାଙ୍କର ସମସ୍ତ ଧ୍ୟାନକେନ୍ଦ୍ରିତ ଥାଏ ନିଜ ପାଠ ଉପରେ। ହେଲେ ଏହି ସମୟରେ ତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଯେହେତୁ ଏକ କଳାକାର ପରିବାରରେ ତାଙ୍କର ଜନ୍ମ, ତେଣୁ କଳା ପ୍ରତି ରୁଚି ରହିବା ସ୍ୱାଭାବିକ। ହେଲେ ସେ କେବେ ଅଭିନୟ ଲାଇନ୍‌ରେ ପାଦ ରଖିବାକୁ ଚିନ୍ତା କରି ନ ଥିଲେ। ସେତିକିବେଳେ ବିଶିଷ୍ଟ ନିର୍ଦ୍ଦେଶକ ଏ. ଆର. ମୁରୁଗୋଦସ ତାଙ୍କୁ ଯୋଗାଯୋଗ କରି ଏକ ତେଲୁଗୁ ଫିଲ୍ମ ମାଧ୍ୟମରେ ବଡ଼ ପରଦାରେ ଏଣ୍ଟ୍ରି କରିବାକୁ ଅଫର ଦେଇଥିଲେ। ପୁଣି ଏହି ସିନେମାର ସେ ସୁପରଷ୍ଟାର ମହେଶ ବାବୁଙ୍କ ନାୟିକା ସାଜିଥାଆନ୍ତେ। କିନ୍ତୁ ସେ ଏହାକୁ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ଅଭିନେତ୍ରୀ ଜଣଙ୍କ କିଏ ଜାଣନ୍ତି ? ଶ୍ରୀଦେବୀ ତନୟା ଜାହ୍ନବୀ କପୁର। ''ଏକଥା ସତ ଯେ ସେତେବେଳେ ମୋତେ ଏଭଳି ଏକ ଭଲ ସୁଯୋଗ ମିଳିଥିଲା। କିନ୍ତୁ ପାଠ ପଢ଼ା ପାଇଁ ମୁଁ ମନା କରି ଦେଇଥିଲି। ମହେଶ ବାବୁଙ୍କ ସହ ପ୍ରଥମେ ଅଭିନୟ କରିବା ଏତେ ସହଜ ନୁହେଁ ବୋଲି ମୋ ମନରେ ଧାରଣା ଆସିଥିଲା। ସେ ଯାହାହେଉ ଏପରି ଏକ ଗୋଲ୍ଡେନ ଅପର୍ଚ୍ୟୁନିଟି ମୋ ହାତରୁ ଖସି ଯାଇଥିଲା ବୋଲି କହନ୍ତି ଜାହ୍ନବୀ।''

# ଭୂମିଙ୍କ ନୂଆ ଯୋଜନା


ଭୂମି

ଭୂମି ପେଡେନ୍‌କରଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। କଥା କ'ଣ କି ନିକଟରେ ସେ ସାଙ୍ଗମାନଙ୍କ ସହ କିଛି ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥିଲେ। ବାଟରେ ତାଙ୍କର ପ୍ରଦୂଷିତ ପରିବେଶ ଉପରେ ନଜର ପଡିଲା। ବାସ୍, ତା'ପରେ ଏହାର ସୁରକ୍ଷା ପାଇଁ ନିଜ ପଟରୁ ସେ କ'ଣ କରିପାରିବେ ସେନେଇ ଚିନ୍ତା କରିଥିଲେ। ତା'ସହ ଏ ନେଇ ସାଙ୍ଗମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏ ନେଇ ଭୂମି କହନ୍ତି, 'ବର୍ତ୍ତମାନ ପରିବେଶର ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ ନେଇ ମୁଁ ଏବେ ନୂଆ ଯୋଜନା ଆରମ୍ଭ କରିଛି। ଏଥିପାଇଁ ଏକ ସଂସ୍ଥା ଗଠନ କରିବା ସହ କିଛି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ରଖିବି। ତା'ସହ ଏ ନେଇ କେତୋଟି ଶର୍ଟ ଫିଲ୍ମ ପ୍ରସ୍ତୁତ କରିବାକୁ ଯୋଜନା ରହିଛି।''

# ନୂଆ ବର୍ଷ : ନୂଆ ଆଶା

ଚଳିତ ବର୍ଷ ପ୍ରାରମ୍ଭରେ କେତୋଟି ଓଡ଼ିଆ ସିନେମା ମୁକ୍ତିଲାଭ କରିଛି। ହେଲେ ପରିତାପର ବିଷୟ ଆରମ୍ଭରୁ ଏଗୁଡିକ ମଧ୍ୟରୁ ଗୋଟିଏ ହେଲେ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇନାହିଁ। ତାହାର କାରଣ ହେଲା, ଭଲ କାହାଣୀର ଅଭାବ। ଆମେ ନିଜକୁ ନିଜେ ଯଦି ସବୁ କିଛି ଠିକ୍ ଅଛି ବୋଲି ଭାବି ମନ୍ତବ୍ୟ ଦେବା ତାହାହେଲେ ଦର୍ଶକ ନିରୁପାୟ। ଯେଉଁମାନେ ସିନେମାଟିଏ ନିର୍ମାଣ କରୁଛନ୍ତି କିମ୍ବା ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଉଛନ୍ତି ତେବେ ଖାମଖିଆଲି ମନୋଭାବ ନେଇ ଏଭଳି ଗୁରୁଦାୟିତ୍ୱକୁ ତୁଲାଇବା ଅନୁଚିତ। ପ୍ରଥମ କଥା ହେଲା ନୂଆ ପ୍ରଯୋଜକଙ୍କୁ ଭୁଲ୍ ରାସ୍ତାରେ ଭ୍ରମିତ କରନ୍ତୁ ନାହିଁ। ସିନେମାର ମୁଣ୍ଡି ମାରିବାକୁ କେତେଜଣ ପ୍ରଯୋଜକ ହାତ ଉଧାରି କରିବାକୁ ପଛାଇ ନ ଥାନ୍ତି। ତେଣୁ ଶେଷରେ ଯାହା ଫଳ ମିଳେ ସେଥିରେ ଜଣେ ପ୍ରଯୋଜକର ମନୋବଳ ଭାଙ୍ଗି ଯାଇଥାଏ। କଥା ଅଧିକ ନ କହି ବରଂ ସିନେମାଟିକୁ କିପରି ସବୁ ଦୃଷ୍ଟିରୁ ଭଲ ଭାବରେ ନିର୍ମାଣ କରାଯାଇପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଭାବରେ ଯତ୍ନବାନ ହେବା ଦରକାର।

ଓଡ଼ିଆ ସିନେମା ଶିଳ୍ପକୁ ମାନ୍ୟତା ମିଳିଲେ ମଧ୍ୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ହେବା ନିହାତି ଦରକାର। ହେଲେ ଏ ଦିଗରେ ପ୍ରୟାସର ଅଭାବ ଜଳ ଜଳ ହୋଇ ଦେଖାଯାଉଛି। ଏବେ ମଲ୍ଟିପ୍ଲେକ୍ସର ସଂଖ୍ୟା ବଢୁଛି, ହେଲେ ଏଥିରେ ଜଣେ ସାଧାରଣ ପରିବାର ଅଧିକ ଅର୍ଥ ଦେଇ ସିନେମାଟିଏ ଦେଖିବା ସମ୍ଭବ ନୁହେଁ। ବିଶେଷଭାବରେ ଯୁବପିଢ଼ିଙ୍କୁ ଯେଉଁ ସିନେମା ଭଲ ଲାଗୁଛି ସେହି ସିନେମା ସଫଳତାର ଶୀର୍ଷ ଛୁଇଁଛି। ଏଇ କିଛି ବର୍ଷ ଭିତରେ 'ଦମନ', 'ସମୀକ୍ଷା', 'କର୍ମ' ଆଦି କେତୋଟି ହାତଗଣତି ସିନେମାକୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ସିନେମା ସମ୍ପର୍କରେ ସେମିନାର ହେଲେ ମଧ୍ୟ ସେଥିରୁ ଯେଉଁ ନୀତିନିୟମ ବାହାରୁଛି ତାହା ଠିକ୍ ଭାବରେ ପ୍ରଣୟନ ହେବା ଦରକାର। ଓଡ଼ିଆ ସିନେମା ଶିଳ୍ପ ଇତିମଧ୍ୟରେ ୮୮ ବର୍ଷ ଅତିକ୍ରମ କଲାଣି। ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଏବେ ଅନେକ ଆଲୋଚନା ଚାଲିଛି। ତେଣୁ ଏହା କିପରି ପୁଣି ଥରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଚଳଚ୍ଚିତ୍ର ସହ ଜଡିତ ସମସ୍ତ ବ୍ୟକ୍ତି ସାମୂହିକ ଉଦ୍ୟମ କରିବା ଦରକାର।

୮୮ ବର୍ଷର ସଂଖ୍ୟାଧିକ ସିନେମା କେବଳ ଗଣତିରେ ରହୁଛି। ଗୁଣାତ୍ମକ ଓ ବ୍ୟବସାୟିକ ଦୃଷ୍ଟିରୁ ଅନେକ ସିନେମାର ତାଲିକା ବେଶ୍ ଲମ୍ବା। ଫଳରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭଲ ଓଡ଼ିଆ ସିନେମାଟିଏ ପ୍ରଦର୍ଶନ ନିମନ୍ତେ ମନୋନୀତ ହେଉନାହିଁ। କେବଳ ଆଞ୍ଚଳିକ ଭିତ୍ତିରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଆମେ ଖୁସି ହୋଇଥାଉ। ଆମ ଓଡ଼ିଆ ସିନେମା ଆମ ଭାଷା ଓ ସଂସ୍କୃତିକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକାଂଶ ସିନେମା ଅନ୍ୟ ଭାଷାର ସିନେମାରୁ କପି କରାଯାଉଛି। ତେଣୁ ଅନେକ ସିନେମା ଦର୍ଶକାଦୃତ ହୋଇପାରୁନାହିଁ। ଉତାରି ସିନେମାଟିଏ କଲେ ପାଳ ଗଦା ଉପରେ ଚଢ଼ି ଉଚ୍ଚତା ମାପିବା ପରି ହେବ।

ଓଡ଼ିଆ ସିନେମା ପାଇଁ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତି ବିଶେଷ ଯେତେ ଅଧିକ ହେବେ ତାହା ସେତେ ଭଲ ହେବ। କାରଣ ଏହାଦ୍ୱାରା ପ୍ରଯୋଜକମାନେ ଚଳଚ୍ଚିତ୍ର ସମ୍ପର୍କରେ ଅନେକ ନୂଆ ଜିନିଷ ଜାଣିପାରିବେ। ଆସନ୍ତୁ, ବାକି ସମୟ ଓଡ଼ିଆ ସିନେମା କିପରି ସବୁ ଦିଗରୁ ଉନ୍ନତମାନର ହେବ ସେ ନେଇ ଚେଷ୍ଟା କରିବା।

**-ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦/୨୦୨୫ Bhubaneswar, Thursday, January 30/ 2025

# ଓଡ଼ିଶାର ଜ୍ୟୋତି, ସୁନେଲିତା ସାମିଲ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

- ଭାରତୀୟ ମହିଳା ହକି ଦଳ ଘୋଷିତ
- ସାଲିମା ଟେଟେ ଅଧିନାୟିକା

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ପାଇଁ ବୁଧବାର ହକି ଇଣ୍ଡିଆ ପକ୍ଷରୁ ୨୪ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଜ୍ୟୋତି ଛତ୍ରି ଓ ସୁନେଲିତା ଟପ୍ପୋ ସାମିଲ ହୋଇଛନ୍ତି। ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ଦଳର ଅଧିନାୟିକା ଏବଂ ଫରୱାର୍ଡ ନଭନିତ କୌରଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଷ୍ଟାଣ୍ଡବାଇ ତାଲିକାରେ ଗୋଲକିପର ବନୱାରି ସୋଲାଙ୍କି, ଡିଫେଣ୍ଡର ଅକ୍ଷତା ଆବାସୋ ଧେକାଲେ, ଜ୍ୟୋତି ସିଂ ଏବଂ ଫରୱାର୍ଡ ସାକ୍ଷୀ ରାଣା, ଅନୁ ଓ ସୋନମ ସ୍ଥାନ ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଏହି ଲିଗ୍ ଫେବୃଆରୀ ୧୫ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ଦଳ ଇଂଲଣ୍ଡ, ନେଦରଲାଣ୍ଡ୍ସ, ସ୍ପେନ୍ ଓ ଜର୍ମାନୀ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବ। ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଭାରତ ଅଭିଯାନ ଆରମ୍ଭ କରିବ।


ଜ୍ୟୋତି ଛତ୍ରି


ସୁନେଲିତା ଟପ୍ପୋ

ଏଫ୍‌ଆଇଏଚ୍ ନିୟମ ଅନୁସାରେ କୌଣସି ପ୍ରୋ ଲିଗ୍ ଚରଣରେ ଯଦି କୌଣସି ଦଳ ୪ରୁ ଅଧିକ ମ୍ୟାଚ ଖେଳିବ ତେବେ ପ୍ରଥମ ୪ ମ୍ୟାଚ ପରେ ୨୪ ଜଣିଆ ଦଳରେ ପରିବର୍ତ୍ତନ କରିପାରିବ। ତେବେ ପୂର୍ବରୁ ଅନୁମୋଦିତ ସବ୍‌ଷ୍ଟିଚ୍ୟୁଶନ ତାଲିକାରୁ ହିଁ କେବଳ ଖେଳାଳିମାନଙ୍କୁ ନିଆଯିବ। ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ମହିଳା ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସର୍ବାଧିକ ସ୍କୋରର ରହିଥିବା ସୋନମ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ ପାଇଁ ଦାବିଦାର ହୋଇ ଯାଇଛନ୍ତି।

"ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ପାଇଁ ଦଳ ଚୟନରେ ମୁଁ ଖୁସି ଅଛି। ଏଥିରେ ଅଭିଜ୍ଞଙ୍କ ସହିତ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସମାନଭାବେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ବଡ଼ ଟୁର୍ନାମେଣ୍ଟ ଖେଳିବାରେ ଆମକୁ ସହାୟକ ହେବ। ଆମ ପାଖରେ ଯାହା ବିକଳ୍ପ ରହିଛି ତାହାକୁ ନେଇ ଏକ ସନ୍ତୁଳିତ ଦଳ ଗଠନ ଆମର ମୁଖ୍ୟ ଲକ୍ଷ୍ୟ ରହିବ" ବୋଲି ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, "ଦଳରେ ସ୍ଥାନ ପାଇଥିବା ପ୍ରତିଭାସମ୍ପନ୍ନ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ମୋର ବହୁତ ଆଗ୍ରହ ରହିଛି। ବିଶେଷକରି ମହିଳା ହକି ଇଣ୍ଡିଆ ଲିଗ୍‌ରେ ଖେଳାଳିଙ୍କ ପ୍ରଦର୍ଶନକୁ ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରିଛି। ଆମେ ଆଗାମୀ ଲିଗ୍‌ରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ଯାଉଛୁ। ତେବେ ଆମ ଦଳର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ ଅଛି। ଆମେ ସେମାନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇପାରିବୁ ବୋଲି ମୋର ବିଶ୍ୱାସ"।

**ଭାରତୀୟ ଦଳ:** ଗୋଲକିପର୍ସ: ସବିତା ପୁନିଆ, ବିଚୁ ଦେବୀ ଖାରିବାମ। ଡିଫେଣ୍ଡର୍ସ: ସୁଶିଳା ଚାନୁ ପୁଖ୍ରାମବାମ, ନିକ୍କି ପ୍ରଧାନ, ଉଦିତା, ଜ୍ୟୋତି, ଇଶିକା ଚୌଧାରୀ, ଜ୍ୟୋତି ଛତ୍ରି। ମିଡ୍‌ଫିଲ୍ଡର୍ସ: ବୈଷ୍ଣବୀ ଭିଥାଲ ଫାଲ୍‌କେ, ନେହା, ମନୀଷା ଚୌହାନ, ସାଲିମା ଟେଟେ (ଅଧିନାୟିକା), ସୁନେଲିତା ଟପ୍ପୋ, ଲାଲରେମସିଆମି, ବଲଜିତ କୌର, ଶର୍ମିଳା ଦେବୀ। ଫରୱାର୍ଡ୍ସ: ନଭନିତ କୌର (ଉପ-ଅଧିନାୟିକା), ମୁମତାଜ ଖାଁ, ପ୍ରୀତି ଦୁବେ, ରୁତଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗଡୁଙ୍ଗ, ସଙ୍ଗିତା କୁମାରୀ, ଦୀପିକା, ବନ୍ଦନା କାଟରିୟା।

# ଓଡ଼ିଶାର ସାର୍ଥକ ପଟ୍ଟନାୟକ ଭାରତୀୟ ଆଇସ୍ ହକି ଦଳର ମୁଖ୍ୟ ଚିକିତ୍ସା ଅଧିକାରୀ

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)


ସାର୍ଥକ ପଟ୍ଟନାୟକ

ମଣିପାଲ ହସ୍ପିଟାଲର ଅର୍ଥୋସ୍କୋପିକ୍ ସର୍ଜନ ଏବଂ କ୍ରୀଡ଼ା ଆଘାତ ବିଶେଷଜ୍ଞ ତଥା ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ(ଏସ୍‌ଏସ୍‌ଆଇ)ର ପ୍ରତିଷ୍ଠାତା ଡାକ୍ତର ସାର୍ଥକ ପଟ୍ଟନାୟକ ୨୦୨୫ ଏସିଆନ୍ ୱିଣ୍ଟର ଗେମ୍ ପାଇଁ ଭାରତୀୟ ଆଇସ୍ ହକି ଟିମ୍‌ର ମୁଖ୍ୟ ମେଡିକାଲ ଅଫିସର ଏବଂ କ୍ରୀଡ଼ା ଚିକିତ୍ସା ବିଶେଷଜ୍ଞ ଭାବରେ ନିଯୁକ୍ତ ହୋଇଛନ୍ତି। ଫେବୃୟାରୀ ୭ରୁ ୧୪ ପର୍ଯ୍ୟନ୍ତ ଚାଇନାରେ ହେବାକୁ ଥିବା ଏସିଆନ୍ ୱିଣ୍ଟର ଗେମ୍‌ର ନବମ ସଂସ୍କରଣ (ହର୍ବିନ-୨୦୨୫) ପାଇଁ ଡାକ୍ତର ସାର୍ଥକ ନିଯୁକ୍ତ ପାଇବା ରାଜ୍ୟ ପାଇଁ ଗର୍ବ ଆଣିଛି। ସାର୍ଥକ ଜଣେ ଅଭିଜ୍ଞ କ୍ରୀଡ଼ା ଆଘାତ ବିଶେଷଜ୍ଞ ତଥା ଅର୍ଥୋସ୍କୋପିକ୍ ସର୍ଜନ ଭାବରେ ଦେଶ ବିଦେଶରେ ବେଶ୍ ସୁପରିଚିତ। ତାଙ୍କ ଦୀର୍ଘ ୧୪ ବର୍ଷର ଅଭିଜ୍ଞତା ଅନେକ ଖେଳାଳିଙ୍କୁ ଖେଳ ସମୟରେ ହେଉଥିବା ଆଘାତଠାରୁ କିଭଳି ସୁରକ୍ଷିତ ରହିହେବ ତଥା ଆଘାତ ପରେ ପ୍ରାଥମିକ ଚିକିତ୍ସା କିଭଳି କରିହେବ ସେ କ୍ଷେତ୍ରରେ ସେ କାମ କରନ୍ତି। ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

"ଭାରତୀୟ ଆଇସ୍ ହକି ଦଳର ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତ ହୋଇଥିବାରୁ ମୁ ଗର୍ବିତ। ଏହା ମୋ ପାଇଁ ଏବଂ ଭାରତୀୟ କ୍ରୀଡ଼ା ଚିକିତ୍ସା କ୍ଷେତ୍ର ପାଇଁ ଏକ ଗର୍ବର ମୁହୂର୍ତ୍ତ" ବୋଲି ଡାକ୍ତର ସାର୍ଥକ ପଟ୍ଟନାୟକ କହିଛନ୍ତି। ସାର୍ଥକ ହେଉଛନ୍ତି ପ୍ରଥମ ସର୍ଜନ, ଯିଏ କି ପୂର୍ବ ଭାରତର ହିପ୍ ଅର୍ଥୋସ୍କୋପି କରିଥିଲେ ଏବଂ କଳିଙ୍ଗ ଷ୍ଟାଡ଼ିୟମରେ ପୂର୍ବ ଭାରତରେ ସର୍ବପ୍ରଥମ କ୍ରୀଡ଼ା କନ୍‌କ୍ଲେଭ ଆୟୋଜନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର କ୍ଲିନିକ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ କ୍ରୀଡ଼ା କ୍ଲିନିକ। ତାଙ୍କର ପାରଦର୍ଶିତା ତାଙ୍କୁ ଅଲିମ୍ପିକ ଚାମ୍ପିୟନ୍ ନୀରଜ ଚୋପ୍ରା, ରବି କୁମାର ଏବଂ ଶ୍ରାବଣୀ ନନ୍ଦ ତଥା ଓଡ଼ିଶା ରଣଜୀ କ୍ରିକେଟ ଦଳ ଏବଂ ଅଲିମ୍ପିଆନଙ୍କ ସମେତ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟଙ୍କ ବିଶ୍ୱାସ ହାସଲ କରିଛି। ଡକ୍ଟର ପଟ୍ଟନାୟକ ୫୦୦୦ରୁ ଅଧିକ ଅର୍ଥୋସ୍କୋପିକ୍ ପଦ୍ଧତିକୁ ସଫଳତାର ସହ ଚିକିତ୍ସା କରି କ୍ରୀଡ଼ାକୁ ଫେରିଥିବା ଆଥଲେଟଙ୍କ ପାଇଁ ସଫଳତା ହାସଲ କରିଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ମଧ୍ୟ ସାର୍ଥକଙ୍କ ନିଯୁକ୍ତିକୁ ନେଇ ଗର୍ବ ଅନୁଭବ କରିଥିବା କହିଛନ୍ତି।

# ଡ୍ରିମ୍ସରେ ଆଜିଠୁ ଓଡ଼ିଶା-ସର୍ଭିସେସ୍ ମୁକାବିଲା

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଚଳିତ ସିଜନରେ ଓଡ଼ିଶା ଏହାର ଶେଷ ରଣଜୀ ଟ୍ରଫି ମ୍ୟାଚ ଖେଳିବାକୁ ପ୍ରସ୍ତୁତ ହୋଇଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ସର୍ଭିସେସ ମଧ୍ୟରେ ମୁକାବିଲା ହେବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏପର୍ଯ୍ୟନ୍ତ ୬ଟି ମ୍ୟାଚ ଖେଳି ୨ ବିଜୟ, ୨ ପରାଜୟ, ୧ ଡ୍ର ଓ ଫଳାଫଳ ବିହୀନ ମ୍ୟାଚରୁ ୧୬ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଏହାପରେ ଭଦୋଦରାରେ ବରୋଦା (ଅକ୍ଟୋବର ୨୬ରୁ ୨୮) ଏବଂ ମୁମ୍ବାଇରେ ମୁମ୍ବାଇ (ନଭେମ୍ବର ୬ରୁ ୯) ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ଖେଳି ୩ ଉଇକେଟରେ ବିଜୟ ହାସଲ କରିଥିଲା। ଏହାଥିଲା ସିଜନରେ ଓଡ଼ିଶାର ପ୍ରଥମ ବିଜୟ। ଦୀର୍ଘ ୨ ମାସର ବ୍ରେକ୍ ପରେ ପୁଣି ରଣଜୀ ଟ୍ରଫି ଆରମ୍ଭ ହୋଇଥିବାବେଳେ ଓଡ଼ିଶା ବିଜୟ ହାସଲ କରି ସମ୍ମାନ ଜନକ ସ୍ଥିତିକୁ ଫେରିଛି। ଶିଲଂର ମେଘାଳୟ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏକ ଇନିଂସ ଓ ୫୬ ରନରେ ମେଘାଳୟକୁ ପରାସ୍ତ କରିଛି। ତେଣୁ ସର୍ଭିସେସକୁ ଦଳ କଡ଼ା ଟକ୍କର ଦେଇପାରିବ ବୋଲି ଆଶା କରାଯାଉଛି।

ଗତ ମ୍ୟାଚରେ ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ଓ ରାଜେଶ ଧୂପର ଶତକ ହାସଲ କରିଥିବାବେଳେ ତାପସ ଦାସ ଗୋଟିଏ ଇନିଂସରେ ୬ ଉଇକେଟ ସଫଳତା ହାସଲ କରିଥିଲେ। ସ୍ୱସ୍ତିକ ସାମଲ, ଅଧିନାୟକ ସନ୍ଦିପ ପଟ୍ଟନାୟକ ଓ କାର୍ତ୍ତିକ ବିଶ୍ୱାଳ ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ ଖେଳି ଓଡ଼ିଶାର ଇନିଂସ ବିଜୟରେ ବଡ଼ ଯୋଗଦାନ ଦେଇଥିଲେ। ସୁନୀଲ ରାଉଳ ଓ ରାଜେଶ ମହାନ୍ତି ମଧ୍ୟ ଭଲ ବୋଲିଂ କରିଥିଲେ। ସର୍ଭିସେସ ମଧ୍ୟ ୬ ମ୍ୟାଚରୁ ୨ ବିଜୟ, ୩ ପରାଜୟ ଓ ୧ ଡ୍ର ସହ ୧୬ ପଏଣ୍ଟ ପାଇଛି। ଟେବୁଲର ୫ମ ଓ ୬ଷ୍ଠ ସ୍ଥାନୀୟ ଦଳ ମଧ୍ୟରେ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ଏକାମ୍ର ବିଜୟୀ

**ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ):** ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଅନ୍ତର୍ଗତ କଟକ ଅଡଶପୁରସ୍ଥିତ ୟୁଏନ କଲେଜ ପଡ଼ିଆରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏକାମ୍ର କଲେଜ ୧୦ ରନରେ ମହର୍ଷି କଲେଜକୁ ପରାସ୍ତ କରିଛି। ଏକାମ୍ର କଲେଜ ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୧୦ ରନ କରିଥିଲା। ସତ୍ୟଜିତ ଭୋଇ ଓ ଦୁର୍ଗା ପ୍ରସାଦ ପଣ୍ଡା ଓପନିଂ ଯୋଡ଼ିରେ ୧୦୨ ରନ ଯୋଗ କରିଥିଲେ। ସତ୍ୟଜିତ ସର୍ବାଧିକ ୬୫ ରନ ଓ ଦୁର୍ଗା ପ୍ରସାଦ ୨୭ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଅର୍ପିତ ୨ଟି ଉଇକେଟ ନେଇଥିଲେ। ଜବାବରେ ମହର୍ଷି କଲେଜ ୧୫ ଓଭରରେ ୪ ଉଇକେଟ ହରାଇ ୧୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଲିଙ୍ଗରାଜ ସର୍ବାଧିକ ୩୫ ଓ ମୟଙ୍କ ୨୫ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ପଦ୍ମ ଚରଣ ମାଡକାମି ୨ଟି ଏବଂ ସତ୍ୟଜିତ ଭୋଇ ଓ ନୱାଜ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଓଡ଼ିଶା ମହିଳା ଖୋ ଖୋ, ଫୁଟ୍‌ବଲ ଦଳ ବିଜୟୀ



ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ମହିଳା ଫୁଟବଲ ଦଳ।

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ା ଖୋ ଖୋ ଇଭେଣ୍ଟର ମହିଳା ବର୍ଗରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ତାମିଲନାଡୁକୁ ୩୬-୧୮ ପଏଣ୍ଟରେ ହରାଇଥିବାବେଳେ ବୁଧବାର ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୁଜରାଟକୁ ୨୬-୧୬ରେ ହରାଇ ଦେଇଛି। ମହିଳା ଫୁଟବଲରେ ମଧ୍ୟ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ୨-୧ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ମ୍ୟାଚର ୩୭ତମ ମିନିଟରେ ପ୍ୟାରୀ ଖାଖା ଓ ୪୨ତମ ମିନିଟରେ ମନୀଷା ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୨ ମିନିଟରେ ହରିୟାଣାର ରେଣୁ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ରଗ୍‌ବୀରେ ଡବଲ ବିଜୟ

ଓଡ଼ିଶା ମହିଳା ଓ ପୁରୁଷ ଦଳ ଜାତୀୟ କ୍ରୀଡ଼ା ରଗ୍‌ବୀରେ ଡବଲ ବିଜୟ ସହ ଆଗକୁ ବଢ଼ିଛି। ମହିଳା ଦଳ ପ୍ରଥମ ମ୍ୟାଚରେ ଉତ୍ତରାଖଣ୍ଡକୁ ୫୭-୦ରେ ଏବଂ ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୨୯-୫ରେ ହରାଇ ଦେଇଛି। ପୁରୁଷ ଦଳ ପ୍ରଥମ ମ୍ୟାଚରେ ବିହାରକୁ ୨୯-୦ ଓ ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀକୁ ୧୦-୫ରେ ପରାସ୍ତ କରିଛି।

# ଟାଇଗର୍ସ-ଡ୍ରାଗନ୍ସ, ସୁରମା-ତୋଫାନ୍ସ

**ହକି ଇଣ୍ଡିଆ ଲିଗ୍ ସେମିଫାଇନାଲ**

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ପଏଣ୍ଟ ଟେବୁଲର ଶୀର୍ଷ ୪ ସ୍ଥାନ ଅଧିକାର କରି ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ, ହାଇଦ୍ରାବାଦ ତୋଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ହେବାକୁଥିବା ପ୍ରଥମ ସେମିଫାଇନାଲରେ ଟାଇଗର୍ସ-ଡ୍ରାଗନ୍ସ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୁର୍‌ମା-ତୋଫାନ୍ସ ମଧ୍ୟରେ ମୁକାବିଲା ହେବ। ବୁଧବାର ପ୍ରତିଯୋଗିତାର ଅନ୍ତିମ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦୁଇଟି ଯାକ ମ୍ୟାଚ ସଂଘର୍ଷପୂର୍ଣ୍ଣ ଭାବେ ଶୁଟ୍‌ଆଉଟରେ ଶେଷ ହୋଇଥିଲା। ଦିବସର ପ୍ରଥମ ମ୍ୟାଚରେ ସୁର୍‌ମା ହକି କ୍ଲବ ୩-୧ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ୟୁପି ରୁଦ୍ରାସକୁ ହରାଇ ଦେଇଥିଲା। ଲିଗ୍ ପର୍ଯ୍ୟାୟ ଶେଷରେ ସମସ୍ତ ଦଳ ୧୦ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ ୧୯ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଥିଲେ। ସେହିପରି ହାଇଦ୍ରାବାଦ ତୋଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ୧୮ ପଏଣ୍ଟ ଲେଖାଏ ସହିତ ପରିବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଅନ୍ତିମ ମ୍ୟାଚରେ ଶୁଟ୍ ଆଉଟରେ ହାରିଯିବାରୁ ୟୁପି ରୁଦ୍ରାସ ୧୭ ପଏଣ୍ଟ ପାଇ ବିଦାୟ ନେଇଥିଲା। ପୂର୍ବରୁ ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସର ଅଭିଯାନ ଶେଷ ହୋଇ ଯାଇଥିଲା। ଗୁରୁବାର ପ୍ରତିଯୋଗିତାର ବିଶ୍ରାମ ଦିବସ ଥିବାବେଳେ ଶୁକ୍ରବାର ୨ଟି ଯାକ ସେମିଫାଇନାଲ ଯଥାକ୍ରମେ ଅପରାହ୍ନ ୬ଟା ଓ ରାତି ୮ଟା ୧୫ରେ ଅନୁଷ୍ଠିତ ହେବ। ଫାଇନାଲ ଫେବୃଆରୀ ୧ ରାତି ୮ଟା ୧୫ରେ ଖେଳାଯିବ। ସେହିଦିନ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ତୃତୀୟ ସ୍ଥାନପାଇଁ ମ୍ୟାଚ ଅପରାହ୍ନ ୬ଟାରେ ଅନୁଷ୍ଠିତ ହେବ।


ବିର୍ସା ମୁଣ୍ଡା ଷ୍ଟାଡିୟମରେ ବୁଧବାର ସୁରମା ହକି କ୍ଲବ ଓ ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସୃଷ୍ଟି ଦେଲେ ଓଡ଼ିଶାକୁ ପ୍ରଥମ ପଦକ

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ପଦକ ଜିତିଛନ୍ତି ସୁଇମିଂ ସେନ୍‌ସେଶନ ସୃଷ୍ଟି ଉପାଧ୍ୟାୟ। ବୁଧବାର ଅନୁଷ୍ଠିତ ଆକ୍ୱାଟିକ୍ସ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ସୃଷ୍ଟି ୧:୦୫.୨୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗତବର୍ଷ ଭାରତର ସର୍ବକନିଷ୍ଠ ଆଥଲେଟ୍‌ଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା କର୍ଣ୍ଣାଟକର ଧିନିଧି ଦେସିଙ୍ଗୁ ୧:୦୩.୬୨ ଓ ତାଙ୍କ ରାଜ୍ୟ ଟିମ୍‌ମେଟ୍ ନୈଶା ଶେଟ୍ଟି ୧:୦୪.୮୧ ସେକେଣ୍ଡ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଧିନିଧି ଜାତୀୟ କ୍ରୀଡ଼ାର ସୁଇମିଂ ପୁଲ୍‌ରୁ ଗୋଟିଏ ଦିନରେ ୩ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ସେ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୩.୨୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସ୍ୱର୍ଣ୍ଣ ପଦକ ବିଜୟୀ ୪ x୧୦୦ ମିଟର ଫ୍ରିଷ୍ଟାଇଲ କର୍ଣ୍ଣାଟକ ରିଲେ ଦଳର ମଧ୍ୟ ସେ ସଦସ୍ୟା ଥିଲେ।


ବ୍ରୋଞ୍ଜ ପଦକ ସହ ଓଡ଼ିଶାର ସୃଷ୍ଟି ଉପାଧ୍ୟାୟ (ଡାହାଣ)।

# ସୁଦୀପ୍ତା ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସର

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ଅନେକ ପ୍ରଥମର ଅଧିକାରିଣୀ ସୁଦୀପ୍ତା ଦାଶ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ରେଫରି ଆସେସରଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନୂଆ ଭୂମିକାରେ ତାଙ୍କୁ ସମ୍ପ୍ରତି ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ରେଫରି ମାନଙ୍କୁ ଗାଇଡ୍ କରିବା ସହ ମୂଲ୍ୟ ନିର୍ଦ୍ଧାରଣ କରିବେ। ଏପରି ସଫଳତା ପାଇଁ ସୁଦୀପ୍ତାଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ